ବର୍ଷ-୨୪, ସଂଖ୍ୟା-୯୩
ଭୁବନେଶ୍ୱର
୨୦ ଏପ୍ରିଲ, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 93
Bhubaneswar
20 April, 2024, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ରାହୁଲଙ୍କ ଦମ୍

## ଓଡ଼ିଶାରେ ମୁଦ୍ରାସ୍ଫୀତି ଦେଶରେ ସର୍ବାଧିକ

ଭୁବନେଶ୍ୱର,୧୯।୪(ମହାଭାରତ): ଦେଶର ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଓଡ଼ିଶାରେ ମୁଦ୍ରାସ୍ଫୀତି ହାର ସର୍ବାଧିକ। ରିପୋର୍ଟ ଅନୁସାରେ, ମାର୍ଚ୍ଚ ମାସରେ ଅନ୍ୟ ଅଞ୍ଚଳ ତୁଳନାରେ ଓଡ଼ିଶାରେ ମୁଦ୍ରାସ୍ଫୀତି ହାର ସର୍ବାଧିକ ୭.୧% ରହିଥିଲା। ସବୁଠୁ ବଡ଼ କଥା ହେଉଛିକି ଓଡ଼ିଶାର ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ବେଶି।

ଓଡ଼ିଶା ପରେ ଆସାମ ଏବଂ ହରିୟାଣା ୬.୧% ହାର ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଦିଲ୍ଲୀରେ ସର୍ବନିମ୍ନ ହାର ରେକର୍ଡ କରାଯାଇଛି। ସେହିପରି ବିହାରରେ ୫.୭% ହାର ରେକର୍ଡ ହୋଇଥିବାବେଳେ ତେଲାଙ୍ଗାନାରେ ୫.୬% ହାର ରହିଛି। ଦିଲ୍ଲୀର ସର୍ବନିମ୍ନ ଖୁଚୁରା ମୁଦ୍ରାସ୍ଫୀତି ହାର ୨.୩%, ଉତ୍ତରାଖଣ୍ଡ ୩.୬%, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର



### ସହର ଅପେକ୍ଷା ଗାଁରେ ଦର ଅଧିକ

୩.୭% ଏବଂ ହିମାଚଳ ପ୍ରଦେଶ ୪.୧%ରେ ରହିଛି।

ଯଦି ଗ୍ରାମାଞ୍ଚଳ କଥା ଦେଖିବା, ତେବେ ଓଡ଼ିଶାର ଗ୍ରାମାଞ୍ଚଳରେ ମଧ୍ୟ ମୁଦ୍ରାସ୍ଫୀତି ହାର ସର୍ବାଧିକ ୭.୩% ରେକର୍ଡ ହୋଇଛି, ଯାହା ସହରାଞ୍ଚଳ ଅପେକ୍ଷା ଅଧିକ। ସେହିପରି ହରିୟାଣାର ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ୭.୨% ସହ ଦ୍ୱିତୀୟ ସ୍ଥାନରେ ରହିଛି।

ପୂର୍ବରୁ ପ୍ରକାଶ ପାଇଥିବା ତଥ୍ୟରୁ ଜଣାଯାଇଛି ଯେ, ପୂର୍ବ ପାଞ୍ଚ ମାସ ମଧ୍ୟରେ ଖାଦ୍ୟର ମୁଦ୍ରାସ୍ଫୀତି ମାର୍ଚ୍ଚରେ ୪.୯%କୁ ହ୍ରାସ ପାଇଛି, ଯାହା ଫେବୃଆରୀରେ ରେକର୍ଡ ହୋଇଥିବା ୫.୧% ଠାରୁ କମ୍। ତଥାପି ଓଡ଼ିଶାରେ ମୁଦ୍ରାସ୍ଫୀତି ହାର ସର୍ବାଧିକ ରେକର୍ଡ ହୋଇଛି।

ମୁଦ୍ରାସ୍ଫୀତି ବୃଦ୍ଧି ପଛରେ ଅନେକ କାରଣ ରହିଛି। ଯୋଗାଣ ପରିଚାଳନା ଏବଂ ପାଣିପାଗ କାରଣରୁ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ମୁଦ୍ରାସ୍ଫୀତି ହାରରେ ପରିବର୍ତ୍ତନ ଦେଖାଯାଉଛି। ନିକଟ ଅତୀତରେ ଖୁଚୁରା ମୁଦ୍ରାସ୍ଫୀତି ହ୍ରାସ ପାଇଥିଲେ ବି ପନିପରିବା, ଡାଲି ଏବଂ କିଛି ଖାଦ୍ୟ ପଦାର୍ଥ ଉପରେ ଦର ଅଧିକ ରହିଛି।

ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ, ଖାଦ୍ୟ ଏବଂ ପାନୀୟର ମୁଦ୍ରାସ୍ଫୀତି ହାର ପ୍ରାୟ ୭% ରହିବ ଏବଂ କେତେକ ସ୍ଥାନରେ ତାପମାତ୍ରା ବୃଦ୍ଧି ଏବଂ ପନିପରିବା ନଷ୍ଟ ହୋଇଯାଉଥିବା କାରଣରୁ ଦର ଅଧିକ ରହିପାରେ। ସେହିପରି ମଧ୍ୟପ୍ରାଚ୍ୟରେ ବିବାଦ ଲାଗି ରହିଥିବାରୁ ଆଗାମୀ ମାସରେ ବିଶ୍ୱରେ ଅଶୋଧିତ ତୈଳ ଦରରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିପାରେ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି।

## ଓଡ଼ିଆ ଭାଷା, ସଂସ୍କୃତି ଏବଂ ଗର୍ବ ପାଇଁ ଓଡ଼ିଶାରେ ଏକାକୀ ଲଢ଼ିଲୁ: ଶାହା

ନୂଆଦିଲ୍ଲୀ,୧୯।୪(ମହାଭାରତ): ଓଡ଼ିଶାରେ ବିଜେଡି-ବିଜେପି ମେଣ୍ଟଚର୍ଚ୍ଚା ପ୍ରସଙ୍ଗରେ ପୁଣିଥରେ ବିଜେପି ଋଣକ୍ୟ ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପ୍ରତିକ୍ରିୟା ରଖିଛନ୍ତି । ଏକ ନିର୍ଦ୍ଦିଷ୍ଟ ଜାତୀୟ ଗଣମାଧ୍ୟମକୁ ସାକ୍ଷାତକାର ଦେଇ ଶାହା ଯେଉଁ କଥା କହିଛନ୍ତି, ତାକୁ ନେଇ ଏବେ ଚର୍ଚ୍ଚା ବଢ଼ିଛି। ଶାହା କହିଛନ୍ତି ଯେ, ବିଜେପି କାର୍ଯ୍ୟକର୍ତ୍ତାଙ୍କ ଦୃଢ ବିଶ୍ୱାସ ଏବଂ ଓଡ଼ିଆ ଭାଷା, ସଂସ୍କୃତି ଏବଂ ଗର୍ବ ପାଇଁ ଭାରତୀୟ ଜନତା ପାର୍ଟି ଓଡ଼ିଶାରେ ଏକାକି ଲଢିବାକୁ ନିଷ୍ପତ୍ତି ନେଇଥିଲା। ତେଣୁ ଆସନ୍ତା ନିର୍ବାଚନରେ ଓଡ଼ିଶାବାସୀ ବିଜେପିକୁ ଥରେ ସରକାର ଗଠନ କରିବାର ସୁଯୋଗ ଦେବାକୁ ଶାହା ଅନୁରୋଧ କରିଛନ୍ତି।

ଅନ୍ୟପଟେ ଏଥର ନିର୍ବାଚନରେ ନବୀନ ବାବୁ ତାଙ୍କ ସାମ୍ନାରେ ଅଛନ୍ତି। ନବୀନଙ୍କ ସାମ୍ନାରେ ରହି ସେ ନିର୍ବାଚନ ଲଢୁଛନ୍ତି ବୋଲି କହିଛନ୍ତି ଶାହା। ଖାଲି ସେତିକି ନୁହେଁ, ଯେଉଁଠି ମୋଦୀଙ୍କ ନେତୃତ୍ୱ ଅଛି, ସେଠି ବିକାଶ ହେଉଛି, ତେଣୁ ଓଡ଼ିଶାର ବିକାଶ ଦାୟିତ୍ୱ ମୋଦୀଙ୍କୁ ଦେବାକୁ ଶାହା ଆହ୍ୱାନ କରିଛନ୍ତି।

## ମହାନଦୀରେ ବୁଡ଼ିଲା ଡଙ୍ଗା



ଝାରସୁଗୁଡ଼ା,୧୯।୪(ମହାଭାରତ): ମହାନଦୀରେ ପୁଣି ଏକ ଡଙ୍ଗା ଟ୍ରାଜେଡି ହୋଇଚି। ହୀରାକୁଦ ଡ୍ୟାମ ଉପର ମହାନଦୀରେ ଏକ ଡଙ୍ଗା ବୁଡ଼ି ଯିବାରୁ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ନିଖୋଜ ଅଛନ୍ତି। ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଶରଧା ଘାଟ ନିକଟରେ ଘଟିଛି ଏହି ଘଟଣା। ସେହିପରି ନିଖୋଜଙ୍କ ମଧ୍ୟରେ ୪ ଜଣ ମହିଳା ଓ ୩ ଜଣ ଶିଶୁ ଅଛନ୍ତି। ପୁଲିସ ଓ ଅଗ୍ନିଶମ ବାହିନୀ ନିଖୋଜ ବ୍ୟକ୍ତିମାନଙ୍କୁ ଉଦ୍ଧାର ପାଇଁ ଅପରେସନ ଜାରି ରଖିଛନ୍ତି। ଡଙ୍ଗାଟି କେମିତି ବୁଡ଼ିଲା, ତାହା ଜଣାପଡ଼ିନାହିଁ।ତେବେ ଡଙ୍ଗାରେ କ୍ଷମତାଠାରୁ ଅଧିକ ଲୋକ ବସିଥିଲେ ବୋଲି କୁହାଯାଉଛି। ସେହିପରି ତାହା ଏକ ପୁରୁଣା ଡଙ୍ଗା ଥିଲା ଓ ସେଥିରେ ଲାଇଫ ଜ୍ୟାକେଟ ବ୍ୟବସ୍ଥା ମଧ୍ୟ ନଥିଲା। ।ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡ ମହାନଦୀରେ ଡଙ୍ଗା ବୁଡ଼ି ଘଟଣାରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ସୀମାନ୍ତ ଛତିଶଗଡ଼ର କୋରବା ଜିଲ୍ଲା ଟପରା ଗାଁର ୬୦ ଜଣ ଲୋକ ବରଗଡ଼ ଜିଲ୍ଲା ବାଞ୍ଜିପାଲିସ୍ଥିତ ପଥରସେଣୀ ମନ୍ଦିରକୁ ଯାଇଥିଲେ। ସେଠାରେ ସମୋନେ ପୂର୍ବ ମାନସିକ ଅନୁଯାୟୀ ମନ୍ଦିରରେ ବୋଦା ବଳି ମଧ୍ୟ ଦେଇଥିଲେ। ସେଠାରୁ ଫେରିବାବେଳେ ଶରଧା ଘାଟରୁ ପ୍ରାୟ ୧କିମି ଦୂରରେ ଡଙ୍ଗାଟି ଓଲଟି ପଡ଼ିଥିଲା। ଡଙ୍ଗାର ଉଭୟ ପାର୍ଶ୍ୱରେ ବସିଥିବା ଲୋକେ ପହଁରିବାକୁ ଉଦ୍ୟମ କରିଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ଦ୍ୱାରା ଉଦ୍ଧାର ହୋଇଥିଲେ। କିନ୍ତୁ ଯେଉଁମାନଙ୍କ ଉପରେ ଡଙ୍ଗା ଓଲଟି ପଡ଼ିଛି, ସେମାନଙ୍କର ପତ୍ତା ମିଳୁ ନାହିଁ। ଡଙ୍ଗା ଓଲଟିବା ସମୟରେ ପ୍ରାୟ ୪୦ଜଣଙ୍କୁ ମତ୍ସ୍ୟଜୀବୀମାନେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କରିଥିଲେ। ନିଖୋଜମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଉଦ୍ଧାର କରାଯାଇଛି।ସେଥିରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଲେଖାଯିବା ବେଳକୁ କିଛି ମହିଳା ଓ ଶିଶୁମାନେ ନିଖୋଜ ଥିବା ଜଣାପଡ଼ିଛି। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।ଡଙ୍ଗାଟି କେମିତି ବୁଡ଼ିଲା, ତାହା ଜଣାପଡ଼ି ନାହିଁ। ତେବେ ଡଙ୍ଗାରେ କ୍ଷମତାଠାରୁ ଅଧିକ ଲୋକ ବସିଥିଲେ ବୋଲି କୁହାଯାଉଛି। ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡ ମହାନଦୀରେ ଡଙ୍ଗା ବୁଡ଼ି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହିତ ମୃତ ବ୍ୟକ୍ତିମାନଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ୪ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

## ୪୪ ଡିଗ୍ରୀ ଟପିଲା ତାତି

ଭୁବନେଶ୍ୱର,୧୯।୪(ମହାଭାରତ): ଆଜି ବି ପ୍ରଚଣ୍ଡ ତାତିରେ କଲବଲ ହେଲା ସାରା ଓଡ଼ିଶା। ଏ ବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ଆଜି ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ ଟପିଛି। ୪୪.୩ ଡିଗ୍ରୀ ସହ ବୌଦ୍ଧ ପାଲଟିଛି ସର୍ବାଧିକ ଉ□ପ୍ତ ସହର। ଏହା ତଳକୁ ରହିଛି ବାରିପଦା ଆଜି ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୪.୨ ଡିଗ୍ରୀ ରେକର୍ଡ କରାଯାଇଛି।ଆଜି ରାଜ୍ୟରେ ୩୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା ଉପରେ ରହିଛି। ସେଥିରୁ ୧୦ଟି ସହରର ତାପମାତ୍ରା ୪୩ ଡିଗ୍ରୀ ବା ତା ଉପରେ ରହିଛି।

ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅନୁଗୋଳରେ ୪୩.୭, ଟିଟିଲାଗଡ଼ରେ ୪୩.୫, ବଲାଙ୍ଗିରରେ ୪୩, ଭବାନୀପାଟଣାରେ ୪୩, ମାଲକାନଗିରିରେ ୪୩, ନୂଆପଡ଼ାରେ ୪୩ ଓ ନୟାଗଡ଼ରେ ୪୩ ଡିଗ୍ରୀ ରହିଛି। ସେହିପରି ତାଳଚେରର ତାପମାତ୍ରା ୪୨.୮ ଡିଗ୍ରୀ ରହିଥିବା ବେଳେ କଟକରେ ୪୨.୭, ସମ୍ବଲପୁରରେ ୪୨.୫, ସୁନ୍ଦରଗଡ଼ରେ ୪୨.୫, ରାଉରକେଲାରେ ୪୨.୪, ଚନ୍ଦବାଲିରେ ୪୨.୨, ପାରଳାଖେମୁଣ୍ଡିରେ ୪୨.୨, କେନ୍ଦୁଝରରେ ୪୨.୨, ହୀରାକୁଦରେ ୪୨.୧ ଓ ଢେଙ୍କାନାଳରେ ୪୨.୫ ଡିଗ୍ରୀ ରହିଛି।

କେନ୍ଦ୍ରାପଡ଼ାରେ ତାପମାତ୍ରା ୪୧.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ସୋନପୁରରେ ୪୧.୮, ଭଦ୍ରକରେ ୪୧.୭, ରାୟଗଡ଼ାରେ ୪୧.୬, ଯାଜପୁରରେ ୪୧.୫, ଖୋର୍ଦ୍ଧାରେ ୪୧.୫, ନବରଙ୍ଗପୁରରେ ୪୧.୫, ଫୁଲବାଣୀରେ ୪୧.୫, ଭୁବନେଶ୍ୱରରେ ୪୧.୪, ଜଗତସିଂହପୁରରେ ୪୦.୮, ଛତ୍ରପୁରରେ ୪୦.୫ ଓ ବରଗଡ଼ରେ ୪୦.୪ ଡିଗ୍ରୀ ରହିଛି। ବାଲେଶ୍ୱରରେ ୩୯.୪ ଡିଗ୍ରୀ ରହିଥିବା ବେଳେ ଦେବଗଡ଼ରେ ୩୯, କୋରାପୁଟରେ ୩୮.୬, ଦାରିଙ୍ଗବାଡ଼ିରେ ୩୮ ଓ ପାରାଦୀପରେ ୩୪.୮ ଡିଗ୍ରୀ ରେକର୍ଡ ହୋଇଛି।

ଚଳିତ ଏପ୍ରିଲ ମାସରେ ଏଯାବତ୍ ୬ ଦିନ ଅନୁଭୂତ ହେଲାଣି ହିଟୱେଭ୍ ।ଚଳିତ ମାସ ଆହୁରି ୩ ଦିନ ଅନୁଭୂତ ହେବ। ହିଟୱେଭ୍ କାଲି ପାଇଁ ଗ୍ରୀଷ୍ମ ପ୍ରବାହରୁ ଅତି ଗ୍ରୀଷ୍ମ ପ୍ରବାହ ନେଇ ୪ ଜିଲ୍ଲାକୁ ଅରେଞ୍ଜ ।ର୍ଣ୍ଣିଂ ଜାରି ଏହି ଜିଲ୍ଲା ଗୁଡ଼ିକ ହେଉଛି- ନୟାଗଡ଼, ମୟୂରଭଞ୍ଜ, ଅନୁଗୋଳ ଓ ବୌଦ୍ଧ। ଏହି ସବୁ ଜିଲ୍ଲାର ଗୋଟିଏ ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହରୁ ଅତି ଗ୍ରୀଷ୍ମ ପ୍ରବାହ ସ୍ଥିତି ଦେଖାଦେଇପାରେ। ସେହିଭଳି ଗ୍ରୀଷ୍ମ ପ୍ରବାହ ନେଇ କେନ୍ଦୁଝର, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଢେଙ୍କାନାଳ, ମାଲକାନଗିରି, ନବରଙ୍ଗପୁର, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ଦେଖାଦେଇପାରେ।

ଏପ୍ରିଲରେ ସାଧାରଣତଃ ୧ରୁ ୩ ଦିନ ଯାଏଁ ହିଟୱେଭ୍ ଅନୁଭୂତ ହୁଏ ଗତବର୍ଷ ଏପ୍ରିଲରେ ୫ ଦିନ ହିଟୱେ ଅନୁଭୂତ ହୋଇଥିଲା ବୋଲି ପାଣିପାଗ ବିଭାଗ ପକ୍ଷରୁ ଜଣାପଡ଼ିଛି।

ପ୍ରାୟ ୫ ଦିନ ହେଲାଣି ରାଜ୍ୟରେ ସତେ ଯେପରି ଅଗ୍ନି ବର୍ଷା ହେଉଛି। ଦିନକୁ ଦିନ ଅଧିକରୁ ଅଧିକ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରୁଛି। ଆସନ୍ତାକାଲି ପର୍ଯ୍ୟନ୍ତ ସ୍ଥିତି ଏଭଳି ରହିବା ପରେ ୨୧ରୁ ପାଗରେ ସାମାନ୍ୟ ପରିବର୍ତ୍ତନ ଆସିପାରେ। କାଳବୈଶାଖୀ ପ୍ରଭାବରୁ ତାପମାତ୍ରା ଟିକେ ହ୍ରାସ ପାଇପାରେ। କିନ୍ତୁ ୨୫ ତାରିଖରୁ ପୁଣି ବିବ ପାରଦୟ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ପକ୍ଷରୁ 'ଏକ୍ସ'ରେ ଏକ ପୋଷ୍ଟ ଜରିଆରେ ଦିଆଯାଇଛି ଏହି ସୂଚନା।

## ଧଳା ବାଘୁଣୀ 'ସ୍ନେହା'ର ମୃତ୍ୟୁ

ଭୁବନେଶ୍ୱର,୧୯।୪(ମହାଭାରତ): ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଧଳା ବାଘୁଣୀ ସ୍ନେହାର ମୃତ୍ୟୁ ଘଟିଛି। ମୃତ୍ୟୁ ବେଳକୁ ତାକୁ ୧୪ ବର୍ଷ ହୋଇଥିଲା। ତା'ର ମୃତ୍ୟୁ ସହିତ ନନ୍ଦନକାନନରେ ଏବେ ବାଘଙ୍କ ସଂଖ୍ୟା ୨୭କୁ ଖସି ଯାଇଛି। ଧଳା ବାଘ କୁସୁମ ଓ ନିଶାନର ଔରସରୁ ଜନ୍ମ ନେଇଥିଲା ସ୍ନେହା।

ବନ୍ୟପ୍ରାଣୀ ପିସିସିଏଫ ସୁଶାନ୍ତ ନନ୍ଦ କହିଛନ୍ତି, ସ୍ନେହା ବାଘୁଣୀକୁ ୧୪ ବର୍ଷରୁ ଅଧିକ ବୟସ ହୋଇଯାଇଥିଲା। ଚିଡ଼ିଆଖାନାରେ ଯେଉଁ ବାଘ, ବାଘୁଣୀମାନେ ରହନ୍ତି ସେମାନଙ୍କ ଜୀବନକାଳ ୧୪ରୁ ୧୭ ବର୍ଷ ହୋଇଥାଏ। ଜଙ୍ଗଲରେ ରହୁଥିବା ବାଘ,ବାଘୁଣୀମାନେ ୧୪ ବର୍ଷ ବେଳକୁ ମଧ୍ୟ ମରି ଯାଆନ୍ତି। ବାର୍ଦ୍ଧକ୍ୟ ଜନିତ ରୋଗ ଯୋଗୁ ସ୍ନେହାର ମୃତ୍ୟୁ ହୋଇଛି। ତା'ର ଶବ ବ୍ୟବଚ୍ଛେଦ ଶେଷ ହୋଇସାରିଛି। ବୟସାଧିକ ଜନିତ ରୋଗ ଯୋଗୁ ତା'ର ମୃତ୍ୟୁ ଘଟିଥିବା ସେଥିରୁ ଜଣାପଡ଼ିଛି। ଶ୍ରୀ ନନ୍ଦ ଆହୁରି କହିଛନ୍ତି, ଏବେ ନନ୍ଦନକାନନରେ ୩ଟି ଧଳା ବାଘ ଓ ୩ଟି ଧଳା ବାଘୁଣୀ ଅଛନ୍ତି। ଯେକୌଣସି ପ୍ରାଣୀଉଦ୍ୟାନ ପାଇଁ ଏହା ଏକ ଭଲ ସଂଖ୍ୟାୟ ସେମାନଙ୍କ ମିଳନରୁ ପୁଣି ଧଳା ବାଘ ଜନ୍ମ ହେବେ।

## ରକ୍ତ ପିଉଛି ରାଜପଥ : ଦିନକରେ ୨୦୦ ମିଟରରେ ଗଲା ୪ ଜୀବନ

ବାଲେଶ୍ୱର,୧୯।୪(ମହାଭାରତ): ଛଣପୁର ଗାଁର ଗୀତାରାଣୀ ପତି ଓ ତାଙ୍କର ୧୧ ବର୍ଷର ପୁଅ ସୁଧାଂଶ ଶେଖର ପତି ସ୍କୁଟିରେ କୌଣସି କାମରେ ବଲେଶ୍ୱର ଟାଉନ୍ ଆସୁଥିଲେ। ମଧ୍ୟାହ୍ନରେ ୧୬ ନମ୍ବର ଜାତୀୟ ରାଜପଥର ନୂଆଗାଁ ଛକଠାରେ ସେମାନଙ୍କ ସ୍କୁଟି ଚକା ସ୍ଲିପ୍ କରିଥିଲା।

ଭୁଲ ଯାହାର ହେଉନା କାହିଁକି, ରକ୍ତ ମୁଖା ହେଉଛି ଜାତୀୟ ରାଜପଥ ! ପ୍ରତିଦିନ ନେଉଛି ଜୀବନ ଓ ପିଉଛି ମଣିଷ ରକ୍ତ ! ଆଜି ଦିନକରେ ୨୦୦ ମିଟର ଦୂରତାରେ ଜାତୀୟ ରାଜପଥରେ ଯାଇଛି ୪ଟି ମୂଲ୍ୟବାନ ଜୀବନ। ଯେଉଁଥିରେ ଜଣେ ମହିଳା ଓ ଜଣେ ନାବାଳକ ରହିଛନ୍ତି। ଆଜି ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ବାଲେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ଘଟିଛି।

ଆଜି ମଧ୍ୟାହ୍ନରେ ଛଣପୁର ଗାଁର



ଗୀତାରାଣୀ ପତି ଓ ତାଙ୍କର ୧୧ ବର୍ଷର ପୁଅ ସୁଧାଂଶ ଶେଖର ପତି ସ୍କୁଟିରେ କୌଣସି କାମରେ ବଲେଶ୍ୱର ଟାଉନ୍ ଆସୁଥିଲେୟ ମଧ୍ୟାହ୍ନରେ ୧୬ ନମ୍ବ୍ୱର ଜାତୀୟ ରାଜପଥର ନୂଆଗାଁ ଛକଠାରେ ସେମାନଙ୍କ ସ୍କୁଟି ଚକା ସ୍ଲିପ୍ କରିଥିଲାୟ ଯାହାଫଳରେ ମାଆ ଓ ପୁଅ ରାସ୍ତାରେ ପଡ଼ି ଯାଇଥିଲେୟ ଠିକ୍ ସେହି ସମୟରେ ଦ୍ରୁତ ଗତିରେ ଆସୁଥିବା ଟ୍ରକ୍ ସେମାନଙ୍କ ଉପରେ ଚି ଯାଇଥିଲାୟ ଘଟଣା ସ୍ଥଳରେ ମାଆ ଓ ପୁଅଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲାୟ କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ରାସ୍ତା ରୋକ କରିଥିଲେ। ଶିଳ୍ପାଞ୍ଚଳ ଥାନା ପୁଲିସ୍ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାପଡ଼ିଛି।

ଠିକ୍ ସେମିତି ଆଉ ଏକ ଦୁର୍ଘଟଣା ଆଜି ସକାଳେ ୧୬ ନମ୍ବର ଜାତୀୟ ରାଜପଥରେ ଘଟିଥିଲାୟ ସକାଳେ ସକାଳେ କାଠ ସଂଗଡା ଗାଁର ଜଣେ ବ୍ୟକ୍ତି ସାଇକେଲରେ ବାଲେଶ୍ର ଯାଉଥିଲେୟ ସେହି ସମୟରେ ପଛରୁ ଆସୁଥିବା ଏକ କୁଇଲା ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲାୟ ସ୍ଥାନୀୟ ଲୋକ ପିଛା କରି ଟ୍ରକ୍ଟିକୁ ଅଟକାଇ ଥିଲେ। ଡ୍ରାଇଭରକୁ ଉତ୍ତମ ମଧ୍ୟମ ଦେଇ ପୁଲିସ୍ ଜିମା ଦେଇଥିଲେୟ କ୍ଷତିପୂରଣ ଓ ରାସ୍ତା ମରାମତି ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେୟ ସଦର ଥାନା ପୁଲିସ୍ ବୁଝାସୁଝା କରିବା ପରେ ଜାତୀୟ ରାଜପଥ ସ୍ୱାଭାବିକ ହୋଇଥିଲା।

ଆଉ ଏକ ଦୁର୍ଘଟଣା ଆଜି ଭୋରୁ ଭୋରୁ ଘଟିଥିଲା। ଏହି ଦୁର୍ଘଟଣା ୧୬ ନମ୍ବ୍ୱର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ୬୦ ନମ୍ବର ଜାତୀୟ ରାଜପଥର ଫୁଲାଡିଠାରେ ଘଟିଥିଲା।ଜଣେ ପଥଚାରୀଙ୍କ ଉପରେ ଏକ ଗାଡ଼ି ମାଡ଼ି ଯାଇଥିଲାୟ ସ୍ଥାନୀୟ ଲୋକ ରାସ୍ତାରେ ମୃତଦେହ ପଡ଼ିଥିବା ଦେଖି ପୁଲିସ୍କୁ ଖବର ଦେଇଥିଲେୟ ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଡ୍ରୋନ୍ ଆକ୍ରମଣର ଜବାବ ଦେଲା ଇସ୍ରାଏଲ୍

ୱାଶିଂଟନ୍,୧୯।୪(ମହାଭାରତ): ଇସ୍ରାଏଲ୍ ଉପରେ ଇରାନ୍ ଡ୍ରୋନ୍ ଆକ୍ରମଣ କରିବାର ଦିନକ ପରେ ଇରାନର ଏକ ଅଞ୍ଚଳରେ କ୍ଷେପଣାସ୍ତ୍ର ଆକ୍ରମଣ କରିଛି ଇସ୍ରାଏଲ୍। ଗୁରୁବାର ରାତିରେ ଏବିସି ନ୍ୟୁଜ୍ ପକ୍ଷରୁ ଏହି ଖବର ପ୍ରକାଶ ପାଇଛି।ଆମେରିକାର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ସିରିୟାରେ ଥିବା ଏକ ଇରାନୀୟ ଦୂତବାସ ଉପରେ ଇସ୍ରାଏଲ୍ ଆକ୍ରମଣର ଜବାବ ଦେବାକୁ ଇରାନ ଡ୍ରୋନ୍ ଆକ୍ରମଣ କରିଥିଲା।

ଇରାନର ଫାର୍ସ ନ୍ୟୁଜ୍ ଏଜେନ୍ସି କହିଛି ଯେ ଇରାନର ଇସାଫାହାନ ସହରର ଏକ ବିମାନବନ୍ଦରରେ ବିସ୍ଫୋରଣ ଘଟିଛି। କିନ୍ତୁ ଏହାର କାରଣ ଜଣାପଡିନାହି। ସିଏନ୍ଏନ୍ ରିପୋର୍ଟ କରିଛି ଯେ ଇରାନର ଆକାଶ ସୀମାରେ ଅନେକ ବିମାନକୁ ପଥଚ୍ୟୁତ କରାଯାଇଥିଲା। ଅଧିକାଂଶ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଇସ୍ରାଏଲ୍ ଅଞ୍ଚଳରେ ପହଞ୍ଚିବା ପୂର୍ବରୁ ତଳକୁ ଖସାଇ ଦିଆଯାଇଥିଲା।

ପ୍ରତିଶୋଧ ନିଆଁରେ ଜଳି ଆସୁଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଂଜାମିନ ନେତନ୍ୟାହୁ । ଇରାନକୁ କିଭଳି ଶକ୍ତ ଜବାବ ଦିଆଯିବ ଏନେଇ ଆଜି ଇସ୍ରାଏଲ ନେବ ବଡ଼ ନିଷ୍ପତି । ନେତନ୍ୟାହୁଙ୍କ ଅଧ୍ୟକ୍ଷତାରେ ବସିଛି ଉଚ୍ଚସ୍ତରୀୟ ଯୁଦ୍ଧ ଓ ସୁରକ୍ଷା କ୍ୟାବିନେଟ ବୈଠକ । ଇସ୍ରାଏଲ ଏକଥା ମଧ୍ୟ ସ୍ପଷ୍ଟ କରିଛି ଯେ ସହଯୋଗୀ ଦେଶମାନଙ୍କର ପରାର୍ମଶ ଯାହାବି ହେଉନା କାହିଁକି ଚୁଡାନ୍ତ ନିଷ୍ପତ୍ତି ଇସ୍ରାଏଲ ନିଜେ ନେବ । ସେପଟେ ଯୁଦ୍ଧ ଆଶଙ୍କା ଭିତରେ ଆଜି ଇସ୍ରାଏଲ ପହଁଚୁଛନ୍ତି ବ୍ରିଟେନ ଓ ଜର୍ମାନ ବୈଦେଶିକମନ୍ତ୍ରୀ । ଏପ୍ରିଲ ୧୩ ଓ ୧୪ ଦୁଇ ଦିନ ଧରି ଇସ୍ରାଏଲ ଉପରେ ୩୫୦ରୁ ଅଧିକ କ୍ଷେପଣାସ୍ତ୍ର ମାଡ କରିଥିଲା ଇରାନ।

## ପ୍ରଥମ ପର୍ଯ୍ୟାୟରେ ୬୦% ମତଦାନ

ନୂଆଦିଲ୍ଲୀ,୧୯।୪(ମହାଭାରତ): ଦେଶରେ ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୦୨ଟି ଆସନରେ ହାରାହାରି ୬୦.୦୩ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ତେବେ ଉତ୍ତର-ପୂର୍ବ ରାଜ୍ୟ ନାଗାଲାଣ୍ଡରେ ଏପରି ୬ଟି ଜିଲ୍ଲା ଅଛି ଯେଉଁଠାରେ ଜଣେ ମଧ୍ୟ ଭୋଟର ଭୋଟ ଦେବାକୁ ଆସିନଥିଲେ।

ଏହିକ୍ରମରେ ଆଜି ପ୍ରଥମ ପର୍ଯ୍ୟାୟରେ ୨୧ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୧୦୨ ଆସନ ପାଇଁ ମତଦାନ ଶେଷ ହୋଇଛି। ୮ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ହେଭିୱେଟଙ୍କ ଭାଗ୍ୟ ଏବେ ଇଭିଏମରେ ସିଲ୍ ହୋଇଯାଇଛି। ୧୦୨ ଆସନରେ ମୋଟ ୧୬୨୫ ଜଣ ପ୍ରାର୍ଥୀ ହୋଇଥିଲେ। ଏବେ ସମସ୍ତଙ୍କ ଭାଗ୍ୟର ଫଳ ଆସନ୍ତା ଜୁନ ୪ ତାରିଖରେ ଜଣାପଡ଼ିବ। କାରଣ ଜୁନ ୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।



ମଣିପୁର ଓ ପଶ୍ଚିମବଙ୍ଗର କିଛି ସ୍ଥାନକୁ ଛାଡ଼ି ଦେଲେ ନିର୍ବାଚନ ବେଶ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। କିନ୍ତୁ ୨୦୧୯ ତୁଳନାରେ ୨୦୨୪ ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ହ୍ରାସ ପାଇଛି।୨୦୧୯ରେ ପ୍ରଥମ ପର୍ଯ୍ୟାୟରେ ୬୯.୪୩% ଭୋଟିଂ ହୋଇଥିଲା। କିନ୍ତୁ ୨୦୨୪ରେ ପ୍ରାୟ ୬୦% ଭୋଟିଂ ହୋଇଛି।

ସନ୍ଧ୍ୟା ୬ଟା ସୁଦ୍ଧା ୫୯.୭୧% ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ଧାର୍ଯ୍ୟ ସମୟ ପରେ ମଧ୍ୟ ବିଭିନ୍ନ ସ୍ଥାନରେ ଅନେକ ଲୋକ ଭୋଟ ଦେବାକୁ ଲାଇନରେ ଛିଡ଼ା ହୋଇଥିବା ଦୃଶ୍ୟ ସାମ୍ନାକୁ ଆସିଛି। ତେଣୁ ଭୋଟିଂ ହାର ଆଗକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ପଶ୍ଚିମବଙ୍ଗର କୁଚ ବେହାର ଜିଲ୍ଲା ସିତଲକୁଚି ଠାରେ ବିଜେପି ଓ ଟିଏମସି ମଧ୍ୟରେ ପ୍ରବଳ ଗଣ୍ଡଗୋଳ ହୋଇଛି। ତଥାପି ରାଜ୍ୟର ୩ଟି ଆସନ ପାଇଁ ଆଜି ହୋଇଥିବା ନିର୍ବାଚନରେ ସବୁଠାରୁ ଅଧିକ ୭୭.୫୭% ଭୋଟିଂ ହୋଇଛି। ସେହିପରି ମଣିପୁରର ଗୋଟିଏ ପୁଲିଂ ଷ୍ଟେସନରେ ଗୁଳିମାଡ଼ ହୋଇଥିଲେ ହେଁ ଏଠାକାର ୨ଟି ଆସନ ପାଇଁ ଆଜି ହୋଇଥିବା ନିର୍ବାଚନରେ ୬୮.୬୨% ଲୋକ ମତାଧିକାର ସାବ୍ୟସ୍ତ କରିଛନ୍ତି।ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ବିହାରରେ ଆଜି ପ୍ରଥମ ପର୍ଯ୍ୟାୟରେ ୪ଟି ଆସନ ପାଇଁ ଭୋଟିଂ ହୋଇଛି। କିନ୍ତୁ ଏଠାରେ ଭୋଟିଂ ହାର ସବୁଠାରୁ କମ ରହିଛି ମାତ୍ର ୪୮.୨୩% ଲୋକ ଭୋଟ ଦେଇଛନ୍ତି।ଏହାବାଦ ଆଣ୍ଡାମାନ ନିକୋବର(୧ ଆସନ)ରେ ୫୬.୮୭%, ଅରୁଣାଚଳ ପ୍ରଦେଶରେ(୨ଟି ଆସନ) ୬୪.୦୭%, ଆସାମରେ(୫) ୭୦.୭୭%, ଛତିଶଗଡ଼ରେ(୧ ଆସନ)୬୩.୪୧%, ଜମ୍ମୁ-କଶ୍ମୀର(୧ ଆସନ)ରେ ୬୫.୦୮%, ଲକ୍ଷଦ୍ୱୀପ(୧), ୫୯.୦୨%, ମଧ୍ୟପ୍ରଦେଶରେ (୬ଟି ଆସନ) ୬୩.୨୫%, ମହାରାଷ୍ଟ୍ରରେ(୫) ୫୪.୮୫%, ମଣିପୁର(୨)ରେ ୬୮.୬୨%, ମେଘାଳୟ(୨)ରେ ୬୯.୯୧%, ମିଜୋରାମ(୧)ରେ ୫୩.୯୬%, ନାଗାଲ୍ୟାଣ୍ଡ(୧)ରେ ୫୬.୧୮%, ପୁଡୁଚେରୀ(୧)ରେ ୭୨.୮୪%, ରାଜସ୍ଥାନ(୧୨)ରେ ୫୦.୨୭%, ସିକ୍କିମ(୧)ରେ ୬୮.୦୬%, ତାମିଲନାଡୁ(୩୯)ରେ ୬୨.୦୯%, ତ୍ରିପୁରା(୧)ରେ ୭୬.୧୦%, ଉତ୍ତର ପ୍ରଦେଶ(୮)ରେ ୫୭.୫୪%, ଉତ୍ତରାଖଣ୍ଡ(୫)ରେ ୫୩.୫୬% ଓ ପଶ୍ଚିମବଙ୍ଗ(୩)ରେ ୭୭.୫୭% ଭୋଟିଂ ହୋଇଛି। ମଣିପୁରର ମୋଇରାଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ଥାମନାପୋକପିରେ ଏକ ପୁଲିଂ ବୁଥରେ ଫୁଟିଛି ଗୁଳି।ଦଳେ ଦୁର୍ବୃତ୍ତ ସେଠାରେ ଏକାଧିକ ରାଉଣ୍ଡ ଗୁଳି ଫୁଟାଇଥିଲେ।

## ଗୁଜରାଟରୁ ମିଳିଲା ବିଶାଳକାୟ ବାସୁକି ସାପର ଜୀବାସ୍ମ

ଅହମ୍ମଦାବାଦ,୧୯।୪(ମହାଭାରତ): ଏକଦା ପୃଥିବୀରେ ରହୁଥିବା ବିଶାଳୟକାୟ ବାସୁକି ଇଣ୍ଡିକସ୍ ନାମକ ଗୋଟିଏ ନୂତନ ପ୍ରାଚୀନ ପ୍ରଜାତିର ସାପର ଜୀବାସ୍ମକୁ ଠାବ କରିଛନ୍ତି ବୈଜ୍ଞାନିକ। ଗୁଜରାଟରୁ ଏହି ବିଶାଳକାୟ ସାପର ଜୀବାସ୍ମ ମିଳିଛି। ଏହି ପ୍ରଜାତିର ସାପ ୪.୭ କୋଟି ବର୍ଷ ପୂର୍ବେ ଗୁଜରାଟରେ ରହୁଥିଲେ। ଏହି ସାପ ବିଶାଳକାୟ ଡାଇନୋସରର ଠାରୁ ମଧ୍ୟ ବଡ଼।ଗବେଷକମାନେ ଦାବି କରିଛନ୍ତି, ଏହା ବିଶ୍ୱର ସବୁଠାରୁ ବଡ଼ ସାପ ହୋଇପାରେ। ଏହାର ଲମ୍ବ ୧୧ରୁ ୧୫ ମିଟର। ବର୍ତ୍ତମାନ ବିଲୁପ୍ତ ହୋଇସାରିଥିବା ମ୍ୟାଡସୋଏଡା ସାପର ବଂଶଜ ବୋଲି କୁହାଯାଉଛି। କିନ୍ତୁ ବାସୁକି ଇଣ୍ଡିକସ୍ କେବଳ ଭାରତରେ ହିଁ ବସବାସ କରୁଥିଲେ।

ଆଇଆଇଟି ରୁର୍କିର ପ୍ରଫେସର ସୁନୀଲ ବାଜପେୟୀ ଓ ପ୍ରଫେସର ଦେବଜିତ ଦତ୍ତ ବିଲୁପ୍ତ ସାପର ଜୀବାସ୍ମକୁ ଗୁଜରାଟର କଚ୍ଛରୁ ଠାବ କରିଛନ୍ତି। ୨୦୦୫ରୁ ଏହାକୁ ଠାବ କରାଯାଇଥିବା ବେଳେ ଏବେ ଏହା ବିଷୟରେ ତଥ୍ୟ ସାର୍ବଜନୀନ କରାଯାଇଛି। ସାଇଣ୍ଟିଫିକ୍



ରିପୋର୍ଟ ଅନ୍ ସ୍ପ୍ରିଙ୍ଗର ନେଚରରେ କୁହାଯାଇଛି ଯେ ଗବେଷକମାନେ ପ୍ରାୟ ୪୭ ନିୟୁତ ବର୍ଷ ପୂର୍ବେ ଗୁଜରାଟରେ ଦେଖାଯାଉଥିବା ବିଶାଳକାୟ ସାପର ଜୀବାସ୍ମ ଠାବ କରିଛନ୍ତି।

କଚ୍ଛରେ ଥିବା ପାନନ୍ଧ୍ରାଓ ଲିଗ୍ନାଇଟ୍ ଖଣିରୁ ଠାବ ହୋଇଥିବା ନମୁନାକୁ ଯାଞ୍ଚ କରାଯାଇଥିଲା।

ହିନ୍ଦୁ ଦେବତା ଶିବଙ୍କ ବେକରେ ସାପ ସାଧାଣତଃ ଗୁଡ଼ାଇ ହୋଇ ରହିଥାଆନ୍ତି। ତେଣୁ ଏହି ନୂତନ ପ୍ରଜାତିର ନାମ ବାସୁକି ଇଣ୍ଡିକସ୍ ରଖାଯାଇଛି। ଗବେଷକମାନେ ଭଲ ଭାବେ ସଂରକ୍ଷିତ ହୋଇ ରହିଥିବା ୨୭ଟି vertebraର ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। vertebraeର ଦୈର୍ଘ୍ୟ ୩୭.୫ ରୁ ୬୨.୭ ମିଲିମିଟର ଓ ମୋଟେଇ ୬୨.୪ରୁ ୧୧.୪ ମିଲିମିଟର ମଧ୍ୟରେ ହେବ। ବାସୁକି ଇଣ୍ଡିକସର ଶରୀର ସିଲିଣ୍ଡର ପରି। ଏହା ଆଜିପର୍ଯ୍ୟନ୍ତ ଦୀର୍ଘତମ ଜଣାଶୁଣା ସାପ ଟିଟାନୋବା ଠାରୁ ବି ବଡ଼। ବାସୁକି ଇଣ୍ଡିକସ ବିଶାଳକାୟ ହୋଇଥିବାରୁ ଶିକାର କଲାବେଳେ ଏହା ଆନାକୋଣ୍ଡା ପରି ଅତ୍ୟନ୍ତ ମନ୍ଥର ବେଗରେ ଆଗକୁ ବଢ଼େ।ଟିଟାନୋବା ୬୦ ନିୟୁତ ବର୍ଷ ପୂର୍ବେ କଲମ୍ବିଆରେ ରହୁଥିଲେ। ଏହା ଲମ୍ବ ୪୩ ଫୁଟ ଓ ଓଜନ ୧ ଟନରୁ ଅଧିକ ରହିଥିଲା। ବାସୁକି ତୁଳନାରେ ଟିଟାନୋବାର ମେରୁଦଣ୍ଡ ସାମାନ୍ୟ ବଡ। ଏସିଆରେ ଏଯାଏ ଠାବ ହୋଇଥିବା ସବୁଠାରୁ ବଡ଼ ସାପର ଲମ୍ବ ୧୦ ମିଟର ବା ୩୩ ଫୁଟ ରହିଥିଲା।

## ଫିଲିପାଇନ୍ସକୁ ବ୍ରହ୍ମୋସ କ୍ଷେପଣାସ୍ତ୍ର ଦେଲା ଭାରତ

ନୂଆଦିଲ୍ଲୀ,୧୯।୪(ମହାଭାରତ): ଭାରତ ଫିଲିପାଇନ୍ସକୁ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ବିକ୍ରୟ କରିଛି। ଶୁକ୍ରବାର ଭାରତୀୟ ବାୟୁସେନାର ସି-୧୭ ପରିବହନ ବିମାନ କ୍ଷେପଣାସ୍ତ୍ର ବ୍ୟବସ୍ଥା ନେଇ ଫିଲିପାଇନ୍ସସ୍ଥିତ କଲ୍ଲାର୍କ ଏୟାରବେସରେ ପହଞ୍ଚିଥିଲା। ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ ଫିଲିପାଇନ୍ସ ସହ ଏହି ପ୍ରତିରକ୍ଷା ଚୁକ୍ତି ଭାରତୀୟ ପ୍ରତିରକ୍ଷା କ୍ଷେତ୍ର ପାଇଁ ପ୍ରଥମ ପ୍ରମୁଖ ଅନ୍ତର୍ଜାତୀୟ ରପ୍ତାନୀ ବ୍ୟବସ୍ଥା ଥିଲା। ୨୯୦ କିଲୋମିଟର ଦୂରତା ବିଶିଷ୍ଟ ଆଣ୍ଟି-ସିପ୍ କ୍ରୁଜ୍ କ୍ଷେପଣାସ୍ତ୍ରର କୂଳ ଭିତ୍ତିକ ସଂସ୍କରଣ ପାଇଁ ଏହି ଅର୍ଡର ଦିଆଯାଇଛି। ୨୦୨୨ ମସିହାରେ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।





# ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ‘ଅଣ୍ଡା ଚିକେନ ଫ୍ରାଏ’ ।



## ଖବର

# ଦୁର୍ଘଟଣାର ଶିକାର ହେଲେ ଦିବ୍ୟାଙ୍କା



ଦୁର୍ଘଟଣାର ଶିକାର ହୋଇଛନ୍ତି ଛୋଟ ପରଦାର ଚୁଲବୁଲି ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀ। ଏହି ଦୁର୍ଘଟଣାରେ ଦିବ୍ୟାଙ୍କାଙ୍କ କାନ୍ଧ ହାଡ଼ ଭାଙ୍ଗି ଯାଇଥିବ । ଜଣାଯାଇଛି ।ଦିବ୍ୟାଙ୍କା ଗତକାଲି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ବେଳେ ଆଜି ତାଙ୍କର ଅସ୍ତ୍ରୋପଚାର କରାଯିବ । ଏନେଇ ଦିବ୍ୟାଙ୍କଙ୍କ ସ୍ୱାମୀ ତଥା ଅଭିନେତା ବିବେକ ଦହିୟା ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ପୋଷ୍ଟ କରି ସୂଚନା ଦେଇଛନ୍ତି ।ବିବେକ ଦିବ୍ୟାଙ୍କାଙ୍କ ଏକ୍ସ-ରେ ଫଟୋକୁ ପୋଷ୍ଟ କରି ସୂଚନା ଦେଇଛନ୍ତି ଯେ, ଦିବ୍ୟାଙ୍କା ଗତକାଲି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଏଥିରେ ତାଙ୍କ କାନ୍ଧର ଦୁଇଟି ହାଡ଼ ଭାଙ୍ଗି ଯାଇଛି । ସେ ସୁରକ୍ଷିତ ଥିବା ବେଳେ ଆଜି ତାଙ୍କର ଅସ୍ତ୍ରୋପଚାର ହେବ ।ବିବେକ ଏବେ ପତ୍ନୀଙ୍କ ପାଖେପାଖେ ରହୁଥିବାରୁ ଆଜି ଇନଷ୍ଟାଗ୍ରାମରେ ହେବାକୁ ଥିବା ନିଜ ଲାଇଭ ସେସନ ପ୍ରୋଗ୍ରାମକୁ ବାତିଲ କରି ଦେଇଛନ୍ତି । ଏନେଇ ବିବେକଙ୍କ ଟିମ୍ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ପରବର୍ତ୍ତୀ କାର୍ଯ୍ୟକ୍ରମ ନେଇ ଖୁବ୍ ଶୀଘ୍ର ସୂଚନା ଦିଆଯିବ ବୋଲି କହିଛନ୍ତି। ଦିବ୍ୟାଙ୍କା ଓ ବିବେକ ଉଭୟ ‘ୟେ ହେ ମୋହବତେ’ ସିରିଏଲରେ ଅଭିନୟ କରୁଥିବା ବେଳେ ପରସ୍ପର ପ୍ରେମରେ ପଡ଼ି ଯାଇଥିଲେ। ଏହାପରେ ଉଭୟ ୨୦୧୬ ମସିହାରେ ବିବାହ କରିଥିଲେ।କିଛି ଦିନ ହେଲା ଛୋଟ ପରଦାରୁ ଦୂରେଇ ରହିଥିବା ଦିବ୍ୟାଙ୍କା ପୁଣି ଥରେ ଛୋଟ ପରଦାକୁ ଫେରିଛନ୍ତି। ଏବେ ସେ ‘ଅଦୃଶ୍ୟମ’ ସିରିଏଲରେ ଇନ୍ସପେକ୍ଟର ପ୍ରଭାତି ଶେହଗଲ ଭୂମିକାରେ ନଜର ଆସିଛନ୍ତି।

# ସୋମବାର ବିଶେଷ : ପ୍ରଭୁଙ୍କୁ ଅର୍ପଣ କରନ୍ତୁ ଅରୁଆ ଚାଉଳି



ସୋମବାର ପ୍ରଭୁ ଶଙ୍କରଙ୍କୁ ସମର୍ପିତ। ଏହି ଦିନ ପ୍ରଭୁ ମହାଦେବଙ୍କ ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଇଥାଏ। ମାତ୍ର କିଛି ସରଳ ଉପାୟ ରହିଛି, ଯାହାକୁ ଆପଣାଇବା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ.. ପ୍ରଭୁ ଶିବଶଙ୍କରଙ୍କୁ ଅକ୍ଷତ କିମ୍ବା ଏକ ମୁଠା ଗୋଟା ଅରୁଆ ଚାଉଳ ଅର୍ପଣ କରନ୍ତୁ। ଏହାଦ୍ୱାରା ଆର୍ଥିକ ସମସ୍ୟା ଦୂର ହୋଇ ଧନ ବୃଦ୍ଧି ହୋଇଥାଏ। ପ୍ରଭୁ ଶଙ୍କରଙ୍କୁ କଳା ରାଶି ଅର୍ପଣ କରନ୍ତୁ। ଏହାଦ୍ୱାରା ମାନସିକ ଓ ଶାରୀରିକ ଶାନ୍ତି ମିଳିଥାଏ। ରୋଗ ଦୂର ହୋଇଥାଏ। ପ୍ରଭୁଙ୍କ ନିକଟରେ ହରଡ ଡାଲି ଅର୍ପଣ କରିବା ଦ୍ୱାରା ସୁଖସମୃଦ୍ଧି ପ୍ରାପ୍ତି ହୋଇଥାଏ। ବିବାହରେ ବିଳମ୍ବ ହେଉଥିଲେ ପ୍ରଭୁଙ୍କ ନିକଟରେ ଗହମ ଅର୍ପଣ କରନ୍ତୁ। ଶିବ ଲିଙ୍ଗରେ ହଳଦିଆ ମୁଗ ଅର୍ପଣ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂରଣ ହୋଇଥାଏ।

# କେଶ ଝଡ଼ିବା କମ୍ କରେ ପେଜ

ଭାତ ଗାଳି ସାରିବା ପରେ ଏହାର ପେଜକୁ ଅଦରକାରୀ ଭାବି ଆମେ ଫିଙ୍ଗି ଦେଇଥାଉ। ଏହାକୁ ନଫିଙ୍ଗି ଘରୋଇ ଉପଚାର ଭାବରେ ଆପଣ ବ୍ୟବହାର କରିପାରିବେ୍ୟ ତ୍ୱଚା ଓ କେଶକୁ ସୁନ୍ଦର କରିବା ପାଇଁ ପେଜକୁ ବ୍ୟବହାର କରାଯାଇଥାଏ। ଚାଉଳ ପାଣି ବା ପେଜ ଆପଣଙ୍କ ତ୍ୱଚାକୁ ଟାଇଟ୍ କରି କେଶକୁ ସୁସ୍ଥ ରଖିଥାଏ। କେବଳ ଏତିକି ନୁହେଁ, ପେଜ ଆପଣଙ୍କ ଶରୀରରେ ବ୍ଲଡ୍ ସର୍କୁଲେସନକୁ ବୃଦ୍ଧି କରିଥାଏ। ତା’ହେଲେ ଆସନ୍ତୁ ଜାଣିବା ପେଜକୁ କିପରି କେଶରେ ବ୍ୟବହାର କରାଯାଇଥାଏ।



୧. ଗୋଟିଏ ଗ୍ଲାସ୍ ପେଜରେ କିଛି ବୁନ୍ଦା ଗୋଲାପ ଜଳ, ଲାଭେଣ୍ଡର ଓ ଏସେନସିଆଲ୍ ଅଏଲ୍ ମିଶାନ୍ତୁ।

୨. ଏହାପରେ କେଶରେ ଶାମ୍ପୂ ଲଗାଇ ପେଜ ପାଣିରେ ଧୁଅନ୍ତୁ। କେଶରେ ଏହି ପାଣିକୁ ୨୦ ମିନିଟ୍ ପର୍ଯ୍ୟନ୍ତ ରହିବାକୁ ଦିଅନ୍ତୁ।

୩. କେଶରେ ପେଜ ପାଣି ଲଗାଇ ଭଲ ଭାବରେ ମାଲିସ କରନ୍ତୁ।

୪. ଏହାପରେ କେଶକୁ ଧୋଇ ଦିଅନ୍ତୁ। ଏହିପରି ସପ୍ତାହକୁ ଥରେ କେଶରେ ପେଜ ପାଣି ଲଗାନ୍ତୁୟ ଦେଖିବେ କେଶ ଝଡ଼ିବା କମ୍ ହୋଇଯିବ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ପେଜ ବା ଚାଉଳ ପାଣିରେ ଇନୋସିଟୋଲ ଓ କାର୍ବୋହାଇଡ୍ରେଟ୍ ରହିଛି। ତେଣୁ ଏହାକୁ କେଶରେ ଲଗାଇ ସାରିବା ପରେ ମଧ୍ୟ ଇନୋସିଟୋଲ ଆପଣଙ୍କ କେଶରେ ରହିଥାଏ ଏବଂ କେଶକୁ ନଷ୍ଟ ହେବାରୁ ରକ୍ଷା କରିଥାଏ।ଏହା ବ୍ୟତୀତ ପେଜରେ ଆମିନୋ ଏସିଡ୍ ରହିଛି, ଯାହା କେଶ ମୂଳକୁ ମଜବୁତ କରି ଘନକଳା କରିଥାଏ। ଯାହା ଯୋଗୁଁ ଆପଣଙ୍କ କେଶ ସାଇନ୍ କରିଥାଏୟ ଏଥିପାଇଁ ଚାଉଳ ପାଣି ବା ପେଜ ଖୁବ୍ ଲାଭକାରୀ ଓ ସୁରକ୍ଷିତୟ ପେଜର କୌଣସି ସାଇଡ୍ ଇଫେକ୍ଟ ମଧ୍ୟ ନାହିଁ।

# ଈଶ୍ୱରଙ୍କ ପ୍ରକୃତ ଉପାସନା



କୌଣସି ଦେବାଦେବୀଙ୍କୁ ପ୍ରସନ୍ନ କରିବା ଲାଗି ମୂଲ୍ୟବାନ ଧନରତ୍ନ ଦାନ କରିବାର ଆବଶ୍ୟକତା ନାହିଁ କିମ୍ବା ଅନେକ ଟଙ୍କା ଖର୍ଚ୍ଚ କରି ପୂଜାର୍ଚ୍ଚନା ମଧ୍ୟ କରିବା ଦରକାର ନାହିଁ । କେବଳ ସେହି ଦେବତାଙ୍କୁ ଖୁବ୍ ସରଳ ଭାବେ ନିଜ ହୃଦୟରେ ସ୍ମରଣ କରିବା ଆବଶ୍ୟକ । ଆମେ କୌଣସି ମାତୃଶକ୍ତିଙ୍କୁ ପ୍ରସନ୍ନ କରିବା ପୂର୍ବରୁ ପ୍ରଥମେ ନିଜ ଜନ୍ମଦାତ୍ରୀ ମାତାଙ୍କୁ ପ୍ରସନ୍ନ କରିବା ଆବଶ୍ୟକ । ମା’ର ସ୍ଥାନ ବହୁ ଉପରେ । ଧର୍ମଗ୍ରନ୍ଥରେ କୁହାଯାଇଛି ଯେ ଜନ୍ମଭୂମି ଏବଂ ଜନ୍ମ ମାଟି ସ୍ୱର୍ଗଠାରୁ ମଧ୍ୟ ଶ୍ରେଷ୍ଠ । ନିକିତିର ଗୋଟିଏ ପାର୍ଶ୍ୱରେ ସ୍ୱର୍ଗ ସୁଖ ଏବଂ ଅନ୍ୟ ପାର୍ଶ୍ୱରେ ମା’ର ମମତାକୁ ତଉଲିଲେ, ମମତା ଥିବା ପାର୍ଶ୍ୱଟି ଅଧିକ ଭାରୀ ହେବ । ଛୋଟ ଛୋଟ କଥାରେ ମା’କୁ ଅପମାନିତ କରି ହଜାର ଥର ଦେବୀ ଧାମ ଗଲେ ବି କିଛି ଫଳ ମିଳିବ ନାହିଁ । ଆତ୍ମୀୟସ୍ୱଜନଙ୍କ ଅଧିକାର ଛଡ଼ାଇ ନେବା, ଅନ୍ୟାୟପୂର୍ବକ ଅନ୍ୟର ଭାଗ ହାତେଇନେବା ପରେ ଯଜ୍ଞ-ହୋମ କରିବାରେ କୌଣସି ଲାଭ ନାହିଁ । ଏପରି କରୁଥିବା ଲୋକ ଯଜ୍ଞ-ହୋମ, ପୂଜାପାଠ କଲେ, ତା’ର ଓଲଟା ଫଳ ପାଇପାରେ । ଏପରି ଲୋକ ଯାହାର ଅଧିକାର ଛଡ଼ାଇ ନେଇଥିବ ପୂଣ୍ୟ ଫଳ ତା’କୁ ହିଁ ମିଳିଯିବ ।

ଅନେକ ଲୋକ କହିଥାନ୍ତି, ବହୁତ ତୀର୍ଥଯାତ୍ରା କଲି, ଯଜ୍ଞ-ଅନୁଷ୍ଠାନ କଲି, କିନ୍ତୁ କିଛି ଲାଭ ମିଳିଲା ନାହିଁ । ଆରେ! ଫଳ ତ’ ମିଳିସାରିଛି । ହେଲେ ତୁମକୁ ନୁହେଁ, ଯାହା ପ୍ରତି ତୁମେ ଅନ୍ୟାୟ କରିଛ, ତା’କୁ! ଅନ୍ୟ କୌଣସି ସମ୍ବଳ ଦ୍ୱାରା ଭଗବାନଙ୍କୁ ପ୍ରଭାବିତ କରିହେବ ନାହିଁ । କାରଣ ସେ ସବୁକିଛି ଜାଣନ୍ତି । ତୁମେ ତାଙ୍କୁ ପ୍ରଲୋଭିତ କରିପାରିବ କି ? ଈଶ୍ୱରଙ୍କୁ ପାଇବାକୁ ହେଲେ କେବଳ ଉତ୍ତମ ଆଚରଣ କରିବାକୁ ପଡ଼ିବ, ପ୍ରଲୋଭନ ନୁହେଁ । ଗୋଟିଏ ଲୋଟା ଜଳ ହେଲେ ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିହେବ । କୁଟିଳତାର ପରିଚୟ ଦେଉଥିବା ଲୋକଟି ଯଦି ଚାହେଁ ଯେ ସମସ୍ତେ ତା’କୁ ଭଲ ପାଆନ୍ତୁ ବୋଲି, ତାହା କିପରି ସମ୍ଭବ ହେବ ?

ଯଜ୍ଞ-ଅନୁଷ୍ଠାନ ଏବଂ ଦାନ କରିବା ତ’ ଠିକ୍ ଅଛି । ତେବେ ମନ୍ଦ ଉଦ୍ଦେଶ୍ୟ ନେଇ ଏସବୁ କରିବା ଅନୁଚିତ୍ । ପ୍ରେମ, ସହଯୋଗ, ସଦ୍ଭାବ, କରୁଣା ଆଦି ବାଣ୍ଟିଲେ, ପରିବାର ଏବଂ ସମାଜରେ ଅଧିକ ଖୁସି ମିଳିପାରିବ । ସମାଜରେ ବ୍ୟକ୍ତିର ସମ୍ମାନ ବୃଦ୍ଧି ପାଇବ । ଉତ୍ତମ ସଂସ୍କାର ପ୍ରତି ସମର୍ପଣ ଭାବ ନେଇ ପୂଜା-ପାଠ କରିବା ଉଚିତ୍ । ଚାକିରି, ଜମି-ବାଡ଼ି, ଝଗଡ଼ା, ମୋକଦ୍ଦମା ଆଦିରେ ବିଜୟ ହାସଲ କରିବା ଲାଗି ପୂଜାର୍ଚ୍ଚନା କରିବାରୁ କ’ଣ ଲାଭ ମିଳିବ? କେବଳ ସ୍ୱାର୍ଥ ହାସଲ ପାଇଁ ଏସବୁ କରିବା କ’ଣ ଉଚିତ୍? ମନ୍ଦିର ଯାଉଥିବା ସମୟରେ ଆହତ ବ୍ୟକ୍ତି ଦେଖିଲେ ଛାଡ଼ି ଦେଇ ଦିଅଁ ଦର୍ଶନ ପାଇଁ ଯିବା ହୃଦୟହୀନତା । ଅତଏବ୍ ନିଜ କାର୍ଯ୍ୟ, ଚିନ୍ତାଧାରା, ଚାଲିଚଳନକୁ ସତ୍‌ମାର୍ଗରେ ପରିଚାଳିତ କଲେ ଭଗବାନଙ୍କ କୃପା ଲାଭ ହୋଇଥାଏ । ସେଥିପାଇଁ ଧର୍ମାତ୍ମା ହେବାର ଆତ୍ମପ୍ରଚାର, ଆଡ଼ମ୍ବର ଆଦି ନକାରାତ୍ମକ ମାନସିକତାର ପରିଚାୟକ ବୋଲି ବିଦ୍ୱାନମାନେ କହିଛନ୍ତି ।

# ଓଜନ ହ୍ରାସ କରେ କଞ୍ଚା ଲଙ୍କା

ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। ଖାଇବା ସମୟରେ ଅନେକ ୨ ରୁ ୩ଟି କଞ୍ଚାଲଙ୍କା ଖାଇବାକୁ ପସନ୍ଦ କରିଥାଆନ୍ତି। ତେବେ ଜାଣିଛନ୍ତି କି ? କଞ୍ଚାଲଙ୍କା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ପାଇଁ କିଭଳି ଉପକାରୀ ହୋଇଥାଏ।



ଏହାକୁ କେଉଁ ଉପାୟରେ ସେବନ କଲେ ଲାଭ ମିଳେ ଜାଣନ୍ତ। କଞ୍ଚାଲଙ୍କାରେ ଅନେକ ପୋଷକ ତତ୍ତ୍ୱ ରହିଛି। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ବି୬, ଭିଟାମିନ ସି, ଆଇରନ, ପୋଟାସିୟମ, ପ୍ରୋଟିନ୍ ଭଳି ଅନେକ ପୋଷକ ତତ୍ତ୍ୱ ରହିଛି। କଞ୍ଚା ଲଙ୍କା ସେବନ ଦ୍ୱାରା ମନ ଓ ମସ୍ତିଷ୍କ ସୁସ୍ଥ ରହିବା ସହ ମାନସିକ ଦୁଶ୍ଚିନ୍ତା ଦୂର ହୋଇଥାଏ। ସେହିଭଳି ଅଧିକାଂଶ ଲୋକଙ୍କୁ ରାଗ ଖାଇବା ବେଶ ପସନ୍ଦ। କଞ୍ଚାଲଙ୍କା ସୀମିତ ମାତ୍ରାରେ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭଦାୟକ ହୋଇଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କାର ନିୟମିତ ଭାବେ ସେବନ କରିବା ଉଚିତ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ମୋଟାପଣ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହା କର୍କଟ ରୋଗ ହେବାର ଆଶଙ୍କାକୁ କମ କରିଥାଏ। ନିୟମିତ ଅଳ୍ପ ପରିମାଣରେ ଏହାର ସେବନ ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ହୃଦୟକୁ ସୁସ୍ଥ ରଖିବା ପାଇଁ ମଧ୍ୟ କଞ୍ଚା ବେଶ ଉପକାରୀ। ଏହା ହୃଦୟ ଜନିତ ସମସ୍ୟା ଦୂର କରିବା ସହ ସୁରକ୍ଷିତ ରଖିଥାଏ। ଭିଟାମିନ ସିରେ ଭରପୁର କଞ୍ଚାଲଙ୍କା ତ୍ୱଚା ପାଇଁ ମଧ୍ୟ ବେଶ ଲାଭଦାୟକ। ଏହା ତ୍ୱଚାକୁ ସୁସ୍ଥ ରଖିଥାଏ। ତ୍ୱଚାରେ କୁଞ୍ଚନ ଆସିବାକୁ ଦେଇନଥାଏ। ତ୍ୱଚା ଯୁବା ଓ ସୁନ୍ଦର ଦେଖାଯାଏ। ପାଚନ କ୍ରିୟାକୁ ସୁଚାରୁ ରୂପେ କରିବା ପାଇଁ ମଧ୍ୟ କଞ୍ଚାଲଙ୍କାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କଞ୍ଚାଲଙ୍କା ସେବନ ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ। ଥଣ୍ଡା ସମୟରେ କଞ୍ଚାଲଙ୍କା ସେବନ ଦ୍ୱାରା ଥଣ୍ଡା ଶୀଘ୍ର ଭଲ ହୋଇଥାଏ। ଉଚ୍ଚ ରକ୍ତଚାପ, ହୃଦୟ ଜନିତ ସମସ୍ୟା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ସୃଷ୍ଟି କରିଥାଏ। କଞ୍ଚାଲଙ୍କାରେ ଥିବା ପୋଷକ ତତ୍ତ୍ୱ ରକ୍ତଚାପକୁ କମ୍ କରିବା ସହ ଏହାକୁ ନିୟନ୍ତ୍ରଣରେ ରଖିଥାଏ।

# କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ସମନ୍ୱିତ କଣ୍ଟ୍ରୋଲ ରୁମ୍

## ଅଦ୍ୟାବଧି ୪୪୫ଟି ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ

କଟକ,୧୯।୪(ମହାଭାରତ): ଜିଲ୍ଲାରେ ସାଧାରଣ ନିର୍ବାଚନ ପାଇଁ ବେଶ କିଛି ଦିନ ବାକି ଥିବାବେଳେ, ନିର୍ବାଚନ ତାରିଖ ଘୋଷଣା ହେବା ଦିନଠାରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ୨୪ ଘଂଟିଆ ସମନ୍ୱିତ କଂଟ୍ରୋଲ ରୁମ୍ କାର୍ଯ୍ୟ କରୁଛି। ଏଠାରେ ଉଭୟ ସି-ଭିଜିଲ୍ ଆପ୍ ଏବଂ ଟେଲିଫୋନ୍ ମାଧ୍ୟମରେ ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ବନ୍ଧିତ ଅଭିଯୋଗମାନ ପଞ୍ଜିକରଣ କରାଯାଇ ୧୦୦ ମିନିଟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସି-ଭିଜିଲ୍ ଆପ୍ ମାଧ୍ୟମରେ ଅଦ୍ୟାବଧି ମୋଟ୍ ୪୩୦ଟି ଅଭିଯୋଗ ଆସିଥିବାବେଳେ ସମସ୍ତ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସେହିପରି ଟେଲିଫୋନ୍ ମାଧ୍ୟମରେ ୧୫ଟି ଅଭିଯୋଗ ହସ୍ତଗତ ହୋଇଛି ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେଗୁଡିକର ମଧ୍ୟ ସମାଧାନ କରାଯାଇଛି। ବିଶେଷକରି ଜନସାଧାରଣ ବିନା ଅନୁମତିରେ ପୋଷ୍ଟର, ବ୍ୟାନର ଲଗାଇବା ସମ୍ପର୍କରେ ଅଧିକ ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଆସିବା ମାତ୍ରେ ସେହି ଅଂଚଳର ଫ୍ଲାଇଂ ସ୍କାର୍ଡଙ୍କୁ ଅବଗତ କରାଯାଉଛି ଏବଂ ସେ ଅଭିଯୋଗର ତଦନ୍ତ କରି ରିଟର୍ଣ୍ଣିଂ ଅଫିସରଙ୍କୁ ରିପୋର୍ଟ ଦେବା ନିମନ୍ତେ ସୂଚନା ଦେଉଛନ୍ତି। ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ୧୦୦ ମିନିଟ ମଧ୍ୟରେ ସମ୍ପନ୍ନ କରାଯାଉଛି। ଏଥିସହ ଜନସାଧାରଣ ବିନା ଅନୁମତିରେ ଗାଡି ଶୋଭାଯାତ୍ରା, ବ୍ୟାନ୍ ସମୟରେ କ୍ୟାମ୍ପେନିଂ, ଧାର୍ମିକ କିମ୍ବା ସାମ୍ପ୍ରଦାୟିକ ଭାଷଣ/ବାର୍ତ୍ତା ଓ ଅନ୍ୟାନ୍ୟ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଆଦି ସମ୍ପର୍କରେ ମଧ୍ୟ ଅଭିଯୋଗ କରୁଛନ୍ତି। ଅଭିଯୋଗ କରୁଥିବା ବ୍ୟକ୍ତିଙ୍କ ପରିଚୟ ଗୋପନ ରଖାଯିବା ସହ ତତକ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କଟକ ଜିଲ୍ଲାରେ ଖୋଲାଯାଇଥିବା ସମନ୍ୱିତ କଂଟ୍ରୋଲ ରୁମରେ ସି-ଭିଜିଲ୍ ଆପ୍ ଓ ଟୋଲ୍ ଫ୍ରି ନମ୍ବର ୧୯୫୦ ବ୍ୟତୀତ ଟେଲିଫୋନ ନମ୍ବର ୦୬୭୧-୨୫୦୯୨୧୨ ଓ ୦୬୭୧-୨୫୦୭୨୧୨ ମାଧ୍ୟମରେ ଅଭିଯୋଗ ଗ୍ରହଣ କରାଯାଉଛି।

# ବୀମା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ଏକ ଦିବସୀୟ ତାଲିମ କର୍ମଶାଳା

## ରାଜ୍ୟ ଶ୍ରମ ସଂସ୍ଥାନରେ ଉଦଘାଟିତ

ଭୁବନେଶ୍ୱର,୧୭।୪(ମହାଭାରତ.): ଶ୍ରମ ବିଭାଗ ଦ୍ୱାରା କ୍ରମାଗତ ଭାବେ ଆୟୋଜିତ ହେଉଥିବା ତାଲିମ କାର୍ଯ୍ୟକ୍ରମରେ ରାଜ୍ୟରେ ଅବସ୍ଥାପିତ କର୍ମଚାରୀ ରାଜ୍ୟ ବୀମା ଯୋଜନା ଡାକ୍ତରଖାନାର ବୀମା ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ନିମନ୍ତେ ଏକ ଦିନିକିଆ। ତାଲିମ କର୍ମଶାଳା ରାଜ୍ୟ ଶ୍ରମ ସଂସ୍ଥାନରେ ଉଦଘାଟିତ ହୋଇଯାଇଛି। ସଂସ୍ଥାନ ଉପାଧ୍ୟକ୍ଷ ଏବଂ ଶ୍ରମ ବିଭାଗ କମିଶନର ତଥା ଶାସନ ସଚିବ ଆର. ଏସ୍ ଗୋପାଳନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ତାଲିମ କର୍ମଶାଳାକୁ ଉଦଘାଟନ କରିଥିଲେ। ଶ୍ରମ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ, କର୍ମଚାରୀ ରାଜ୍ୟ ବୀମା ଯୋଜନା, ଓଡ଼ିଶା ଅଶୋକ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସଂସ୍ଥାନ ନିର୍ଦ୍ଦେଶକ ତଥା ଶ୍ରମ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ନୀତି ରଂଜନ ସେନ୍ କର୍ମଶାଳାକୁ ସଂଚାଳନ କରିଥିଲେ। ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଜଗତ ଜୀବନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାରେ ସମୁଦାୟ ୩୬ ଜଣ ବୀମା ସ୍ୱାସ୍ଥ୍ୟ ଅଧିକାରୀ ଯୋଗଦାନ କରିଥିଲେ।



# ଜିଲ୍ଲାସ୍ତରୀୟ ରବିଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ

କଟକ,୧୯।୪(ମହାଭାରତ): କଟକ ଜିଲ୍ଲାରେ ଚଳିତ ବର୍ଷ ରବି ଧାନ କ୍ରୟ ନିମନ୍ତେ ପ୍ରସ୍ତୁତି ପୂର୍ବକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅରିନ୍ଦମ ଡାକୁଆଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ରବିଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ



ହୋଇଯାଇଛି। ଆସନ୍ତା ମଇମାସ ଦ୍ୱିତୀୟ ସପ୍ତାହରୁ ରବିଧାନ କ୍ରୟ ନିମନ୍ତେ ସମୟ ଧାର୍ଯ୍ୟ କରିବାକୁ ସମସ୍ତ ପ୍ରସ୍ତୁତି ସମ୍ବନ୍ଧରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବର୍ଷାଝଡ ଜନିତ ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା କରାଯାଇ ଏହାଦ୍ୱାରା ଅମଳ ହୋଇଥିବା ଶସ୍ୟର ସୁରକ୍ଷିତ ସଂରକ୍ଷଣ ଏବଂ ଅମଳ ହୋଇନଥିବା ଶସ୍ୟକୁ ସୁରକ୍ଷିତ ରଖିବା ଦିଗରେ ସଂପୃକ୍ତ ଅଧିକାରୀମାନେ ପ୍ରଯତ୍ନ କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଧାର୍ଯ୍ୟ ସମୟସୀମା ମଧ୍ୟରେ ଚାଷୀମାନଙ୍କର କ୍ଷେତ ପରିଦର୍ଶନ କରି ଯାଞ୍ଚ ପୂର୍ବକ ସେମାନଙ୍କର ସୂଚୀ ତାଲିକା ପ୍ରସ୍ତୁତ କରିବା ପାଇଁ ଉପନିବନ୍ଧକ ସମବାୟ ସମିତିକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।ଜିଲ୍ଲା ଯୋଗାଣ କାର୍ଯ୍ୟଳୟ ପକ୍ଷରୁ ରବି ଧାନ କ୍ରୟ ନିମନ୍ତେ ନିର୍ଦ୍ଧାରିତ ହୋଇଥିବା ରଣନୀତି ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ୩୦ଟି ସମବାୟ ସମିତି ଓ ଗୋଟିଏ ମହିଳା ସ୍ୱଂସହାୟକ ଗୋଷ୍ଠୀ ମାଧମରେ ଚାଷୀଙ୍କଠାରୁ ରବିଧାନ ସଂଗ୍ରହ କରିବା ପାଇଁ ବୈଠକରେ ସ୍ଥିରୀକୃତ ହୋଇଥିବା ସଂପର୍କରେ ମୁଖ୍ୟ ଯୋଗାଣ ଅଧିକାରୀ ଶ୍ରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଚାଷୀମାନଙ୍କ ଠାରୁ ମଣ୍ଡିରେ ଧାନ ସଂଗ୍ରହ କରାଯାଇ ମିଲରମାନଙ୍କ ଜରିଆରେ ସଙ୍ଗେସଙ୍ଗେ ଉଠାଣ ବ୍ୟବସ୍ଥା କରାଯିବ। ଏଥିନିମନ୍ତେ ୧୨ଟି ମିଲରମାନଙ୍କ ଜରିଆରେ ଏମଏମଡ଼ିଏଫ ଦରଖାସ୍ତ ମାଧମରେ ଧାନ କ୍ରୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରକାଶଥାଉକି ବିଗତ ବର୍ଷ ଧାନ କ୍ରୟ ନିମନ୍ତେ ୩୨୭୮ଟି ପଞ୍ଜୀକୃତ ସମବାୟ ସମିତି ଥିବାବେଳେ ଅଦ୍ୟାବଧି ୨୫୨୧ଟି ସମବାୟ ସମିତି ପଞ୍ଜୀକରଣ କରିଛନ୍ତି।

ବୈଠକରେ ଅନ୍ୟମାନଙ୍କ ମଧରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ,କଟକ ସୁବାସ ଚନ୍ଦ୍ର ରାୟ, ଉପଜିଲ୍ଲାପାଳ, କଟକ ସଦର ଜ୍ୟୋତିଶଙ୍କର ରାୟ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଶୋକ କୁମାର କର, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ନିୟନ୍ତ୍ରିତ ବଜାର କମିଟିର ସଂପାଦକ, ଏଆରସିଏସ, ମିଲରମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ବରଗଡ଼ରୁ ମିଳୁଛି ପୁଳା ପୁଳା ଟଙ୍କା

ବରଗଡ଼,୧୯।୪(ନି.ପ୍ର.): ଓଡ଼ିଶାରେ ସାଧାରଣ ନିବାର୍ଚନ ଆଉ କିଛି ଦିନ ବାକିଥିବା ବେଳେ ବରଗଡ଼ ଜିଲ୍ଲାରୁ ଜବତ ହେଉଛି ପୁଳାପୁଳା ଟଙ୍କା। ଗତକାଲି ବରଗଡ଼ ଥାନା ହଲଦୀପାଲି ଛକରୁ ଏକ ପିକ୍‌ଅପ୍ ଭ୍ୟାନରୁ ୧୦ ଟଙ୍କା ଜବତ କରାଯାଇଥିବା ବେଳେ ପୁଣି ପଦ୍ମପୁର ଉପଖଣ୍ଡ ଝାରବନ୍ଧ ଥାନା ଡ଼ଭା ଛକରେ ଚେକିଂ ବେଳେ ଦୁଇ ବାଇକ ଆରୋହୀଙ୍କ ଠାରୁ ୬ ଲକ୍ଷ ୫୨ ହଜାର ୮୦୦ ଟଙ୍କା ଜବତ କରିଛି ପୁଲିସ। ଦୁଇ ବାଇକ ଆରୋହୀ ହେଲେ ବଲାଙ୍ଗିର ଜିଲ୍ଲାର ମିତ୍ରଭାନୁ ସାହୁ ଓ ମନୋଜ କୁମାର ସାହୁ।ପୁଲିସ୍ ଜବତ ଟଙ୍କା ସମ୍ପର୍କରେ ଯୁବକ ଦ୍ୱୟଙ୍କୁ ପଚାରିଥିଲା। ମାତ୍ର ସେମାନେ ସନ୍ତୋଷ ଜନକ ଉତ୍ତର ଦେଇପାରି ନଥିଲେ। ତେଣୁ ପୁଲିସ୍ ଟଙ୍କା ପ୍ୟାକେଟ୍ ସହ ଗାଡ଼ିକୁ ଜବତ କରିଛି। ଏହାସହ ଦୁଇ ବାଇକ ଆରୋହୀଙ୍କୁ ଅଟକ ରଖିଛି। ନୋଟ୍ ଗୁଡ଼ିକୁ ଛୋଟ ଛୋଟ ପ୍ୟାକେଟ୍ରେ ପ୍ୟାକିଂ ହୋଇଥିଲାୟ ତେବେ ଯୁବକ ଦ୍ୱୟ ଏତେ ଟଙ୍କା ନେଇ କୁଆଡେ ଯାଉଥିଲେ ସେନେଇ ତନାଘନା ଚଳାଇଛି ପୁଲିସ ୟ ବରଗଡ଼ରୁ ଦୁଇ ଦିନରେ ୧୬ଲକ୍ଷରୁ ଅଧିକ ଟଙ୍କା ଜବତ ହେବା ପରେ ଏତେ ଟଙ୍କା କେଉଁଠି ଆସୁଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ ପାଳିତ

ଭୁବନେଶ୍ୱର,୧୯।୪(ମହାଭାରତ): ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ଐତିହ୍ୟ ଦିବସ କୁ ଉତ୍ସାହର ସହ ପାଳନ କରାଯିବା ସହ ସମୃଦ୍ଧ ରେଳ ଐତିହ୍ୟର ସଂରକ୍ଷଣ ଓ ସମ୍ମାନ ଉପରେ ଗୁରୁତ୍ୱାରୋପ କରାଯାଇଛି । ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶ୍ରୀ ମହେଶ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆମ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଆଲୋଚନା, କଳାତ୍ମକ ଅଭିବ୍ୟକ୍ତି ଓ ମିଳିତ ପ୍ରତିବଦ୍ଧତାର ମିଶ୍ରଣ ଦେଖିବାକୁ ମିଳିଥିଲା।

ଅନୁଗୁଳ ସୁକିନ୍ଦା ରେଲୱେ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାମନ୍ତରାୟ ଙ୍କ ଆକର୍ଷଣୀୟ ବକ୍ତବ୍ୟରେ



ରେଳଐତିହ୍ୟ ଓ ଏହାର ସଂରକ୍ଷଣ ଉପରେ ନିଜର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ବେହେରା ତାଙ୍କ ଅଭିଭାଷଣରେ ରେଳଐତିହ୍ୟର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିବା ସହ କାର୍ଯ୍ୟକ୍ରମର ସାମୂହିକ ଭାବନାକୁ ପ୍ରୋତ୍ସାହିତ କରିଥିଲେ।ଏହି ଅବସରରେ ଆୟୋଜିତ ଏକ କଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କାର୍ଯ୍ୟକାରୀ ମହାପ୍ରବନ୍ଧକମହେଶ କୁମାର ବେହେରା ଓ ପୂର୍ବତଟ ରେଳପଥ ମହିଳା ସଂଗଠନର ଅଧକ୍ଷା ଶ୍ରୀମତୀ ଶର୍ମିଳା ବେହେରା ପୁରସ୍କାର ପ୍ରଦାନ କରିଥିଲେ। ରେଳ ସଂଗ୍ରହାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପୂର୍ବତଟ ରେଳପଥ ଉପ ମହାପ୍ରବନ୍ଧକ କେ.କେ.ଖଡଙ୍ଗା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରେଳବାଇର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ବରିଷ୍ଠ ସାମ୍ବାଦିକଙ୍କ ପିତୃ ବିୟୋଗ

ଭୁବନେଶ୍ୱର,୧୯।୪(ମହାଭାରତ): ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତିଙ୍କ ପିତା କିଶୋର ଚନ୍ଦ୍ର ମହାନ୍ତି ଆଜି ପ୍ରତ୍ୟୁଷରେ ହୃଦ୍‌ଘାତରେ କ୍ୟାପିଟାଲ ହସ୍ପିଟାଲରେ ପରଲୋକ ହୋଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମହାନ୍ତି ଜଣେ ବନ୍ଧୁବତ୍ସଳ, ପରୋପକାରୀ ଓ ଧର୍ମ ପରାୟଣ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଗୋଟିଏ ପୁତ୍ର



ବିନ୍ଦୁସାଗର ମହାନ୍ତି, ବୋହୁ ତପସ୍ୱିନୀ ମହାନ୍ତି, ନାତି ରିଷଭ ମହାନ୍ତି, ଦୁଇ ଜ୍ୱାଇଁ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଓ ଆଶିଷ ରଞ୍ଜନ ମହାନ୍ତି, ଦୁଇଝିଅ କଳ୍ପନା ମହାନ୍ତି ଓ ସ୍ନେହମୟୀ ମହାନ୍ତି ଏବଂ ବିଧବା ପତ୍ନୀ ଲିଲି ମହାନ୍ତି ଅଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ମରଶରୀରକୁ ତାଙ୍କ ନିଜଗ୍ରାମ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଟରପଡ଼ା ଗ୍ରାମକୁ ନିଆଯାଇ ବାଜା, ମୃଦଙ୍ଗ, ଝାଞ୍ଜ ବଜାଯାଇ ସେଠାରେ ଅନ୍ତିମ ସତ୍କାର କରାଯାଇଥିଲା। ପୁତ୍ର ବିନ୍ଦୁ ସାଗର ମହାନ୍ତି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ଦୀପକ ମହାନ୍ତି, ଫକୀର ଚରଣ ନାୟକ, ରଞ୍ଜନ ମହାନ୍ତି, ବୀରେନ କୁମାର ମହାନ୍ତି, ପ୍ରସନ୍ନ କୁମାର ଦାସ, ବିରଞ୍ଚି ନାରାୟଣ ମହାନ୍ତି, ରାମଚରଣ ଦାସ ଓ ଜୟନ୍ତ କୁମାର ଦାସ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

# ଗଞ୍ଜେଇ ମାଫିଆଙ୍କୁ ମାଡ଼ିବସିଲା କମିଶନରେଟ୍ ପୋଲିସ

## ସାଥୀଙ୍କୁ ଦେଖା କରିବାକୁ ଜେଲ୍ ଆସିଥିଲେ

ଭୁବନେଶ୍ୱର,୧୯।୪(ମହାଭାରତ): ଜେଲରେ ବନ୍ଦୀ ଜୀବନ କାଟୁଥିବା ସାଥୀଙ୍କୁ ଦେଖା କରିବାକୁ ଆସିଥିଲେ ଗଞ୍ଜେଇ ମାଫିଆ।। ହେଲେ ଧରା ପଡ଼ିଗଲେ। ଭୁବନେଶ୍ୱର କମିଶନରେଟ୍ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଗଞ୍ଜେଇ ମାଫିଆ। ରାହୁଲ୍ ସେଠୀ। ସେ ମାଲକାନଗିରି ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରୁ ଗଞ୍ଜେଇ ଆଣୁଥିଲେ। ସେହି ଗଞ୍ଜେଇକୁ ସେ ବିହାର, ଝାଡଖଣ୍ଡ, ଦିଲ୍ଲୀକୁ ପଠାଇ ଦେଉଥିଲାୟ ଏଥିସହ ସହ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ମଧ ଯୋଗାଣ କରୁଥିଲେ। ସଡ଼କ ପଥରେ ନିଜର କଳା ସାମ୍ରାଜ୍ୟକୁ ବିସ୍ତାର କରୁଥିଲେ। ସେହି ପଇସାରେ ଅୟସ୍ କରୁଥିଲେ ରାହୁଲ୍ ସେଠୀ। ଦାମୀ ହୋଟେଲରେ ରହୁଥିଲେ, ହୁକ୍କା ବାରେ ମୌଜ କରୁଥିଲେ।

ରାହୁଲଙ୍କ କାରବାର ସମ୍ପର୍କରେ ଖବର ପାଇଥିଲା ଭୁବନେଶ୍ୱର କମିଶନରେଟ୍ ପୁଲିସ୍ର ସ୍ପେଶାଲ କ୍ରାଇମ୍ ୟୁନିଟ୍। ଫେବ୍ରୁଆରୀ ୧୧ ତାରିଖରେ ରାହୁଲଙ୍କ ୩ ସାଥୀଙ୍କୁ ମାଡ଼ି ବସିଥିଲା। ସେମାନଙ୍କଠାରୁ ୩୦୦ କେଜି ଗଞ୍ଜେଇ ଜବତ କରିଥିଲା। ସେମାନଙ୍କୁ ଜେରା ବେଳେ ରାହୁଲଙ୍କ ସମ୍ପର୍କରେ ପୂରା ତଥ୍ୟ ପାଇଥିଲା ପୁଲିସ୍। ପରେ



୩ ଅଭିଯୁକ୍ତଙ୍କୁ ଝାରପଡ଼ା ଜେଲ୍କୁ ପଠାଇ ଦେଇଥିଲା ପୁଲିସ୍। ଗଞ୍ଜେଇ ମାଫିଆ। ରାହୁଲଙ୍କୁ ଗିରଫ କରିବା ପାଇଁ କମିଶରେଟ୍ ପୁଲିସ୍ ଉଦ୍ୟମ କରୁଥିଲା। ହେଲେ ସେ ଧରା ପଡୁନଥିଲା। କିନ୍ତୁ ଗତକାଲି(ଗୁରୁବାର) ରାହୁଲ ସାଥୀଙ୍କୁ ଦେଖା କରିବା ପାଇଁ ଝାରପଡ଼ା ଜେଲ୍ ଆସିଥିଲେ। ଏ ସମ୍ପର୍କରେ କମିଶନରେଟ୍ ପୁଲିସ ଜାଣିପାରି ତାଙ୍କୁ ମାଡ଼ି ବସିଥିଲା। ପୁଲିସ ତାଙ୍କଠାରୁ ଦୁଇଟି ମୋବାଇଲ୍ ଓ ଗୋଟିଏ କାର ଜବତ କରିଥିଲାୟ ସେ ୩ରୁ ୪ ବର୍ଷ ହେଲା ଏହି କାରବାରରେ ଲିପ୍ତ ଥିବା ପୁଲିସ୍ କହିଛି।

# ଗେଷ୍ଟ ହାଉସରୁ ମିଳିଲା ବ୍ୟବସାୟୀଙ୍କ ମୃତଦେହ

ଭୁବନେଶ୍ୱର,୧୯।୪(ମହାଭାରତ): ରାଜଧାନୀର ଏକ ଗେଷ୍ଟ ହାଉସରୁ ଜଣେ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଭୁବନେଶ୍ୱର ମୈତ୍ରିବିହାର ଥାନା ଅନ୍ତର୍ଗତ ଏକ ଗେଷ୍ଟ ହାଉସରୁ ସନ୍ଦେହଜନକ ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି।

ମୃତକ ହେଉଛନ୍ତି ତପନ ପ୍ରସାଦ ଆଚାର୍ଯ୍ୟ। ସେ ଶୁଭମ ବାୟୋ-ସିଏନଜି ପ୍ରାଇଭେଟ ଲିମିଟେଡର ମାଲିକ ଥିଲେ ବୋଲି ଜଣାପଡିଛି। ତାଙ୍କ ଘର ଫୁଲବାଣୀ ସଦର ଥାନା ଲେଙ୍ଗର ସାହି ଅଞ୍ଚଳରେ।

ତପନ ମଙ୍ଗଳବାର ଦିନ କର୍ପୋରେଟ ମିଟିଂ ପାଇଁ ଭୁବନେଶ୍ୱର ଆସିଥିଲେୟ ସେହି ଦିନ ସେ ଗେଷ୍ଟ ହାଉସରେ ଚେକ୍ ଇନ୍ କରି ୨୦୨ ନମ୍ବର ରୁମରେ ରହୁଥିଲେ। ଗତକାଲି ତାଙ୍କ ମୃତଦେହ ଗେଷ୍ଟ ହାଉସରୁ ମିଳିଥିଲା। ପୁଲିସ ମୃତଦେହକୁ ଉଦ୍ଧାର ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି।

ଗତକାଲି ତାଙ୍କ ମୃତଦେହ ମିଳିବା ପରେ ପୁଲିସ ତପନଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲାୟ ତେବେ ତପନଙ୍କ କିଭଳି ମୃତ୍ୟୁ ହେଲା, ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି।

# ୨୦ ହଜାର ନେଉଥିବା ବେଳେ କିରାଣିଙ୍କୁ ଧରିଲା ଭିଜିଲାନ୍ସ

ଭୁବନେଶ୍ୱର,୧୯।୪(ମହାଭାରତ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟର ବରିଷ୍ଠ କିରାଣି ରବୀନ୍ଦ୍ରନାଥ ପାଢ଼ୀ। ସେ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା



ବେଳେ ତାଙ୍କୁ ଧରିଛନ୍ତି ଭିଜିଲାନ୍ସ ଅଧିକାରୀ।

ସୂଚନା ଅନୁଯାୟୀ, ହରଭଙ୍ଗା ବ୍ଲକ ଅନ୍ତର୍ଗତ ବୁରୁବୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅନୁସୟା ନାୟକଙ୍କର ବିଇଓ ଅଫିସରେ କିଛି କାମ ଅଟକି ରହିଥିଲାୟ ଉକ୍ତ କାମ କରି ଦେବା ପାଇଁ ସେ ବହୁବାର ବିଇଓ ଅଫିସକୁ ଦୌଡ଼ି ଦୌଡ଼ି ହଇରାଣ ହୋଇଥିଲେ। କାମଟି କରି ଦେବା ପାଇଁ ବିଇଓ ଅଫିସର ବରିଷ୍ଠ କିରାଣି ରବୀନ୍ଦ୍ରନାଥ ପାଢ଼ୀ ତାଙ୍କୁ ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହା ପରେ ଶିକ୍ଷୟିତ୍ରୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

ଯୋଜନା ମୁତାବକ ଆଜି ଶିକ୍ଷୟିତ୍ରୀ ଜଣଙ୍କ କିରାଣି ରବୀନ୍ଦ୍ରନାଥ ପାଢ଼ୀଙ୍କୁ ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ଦେଇଥିଲେ। ଶ୍ରୀ ପାଢ଼ୀ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଏହା ପରେ ତାଙ୍କ ବୁଟୁପାଲି ସ୍ଥିତ ବାସଭବନରେ ଭିଜିଲାନ୍ସ ପକ୍ଷରୁ ରେଡ୍ କରାଯାଇଥିଲା।

# ଲୋକମାନଙ୍କ ପ୍ରଥମ ପସନ୍ଦ ମନ୍ମଥ ରାଉତରାୟ







ଲୋକମାନଙ୍କ ପ୍ରଥମ ପସନ୍ଦ ପାଲଟିଛନ୍ତି ଭୁବନେଶ୍ୱରର ପୁଅ ମନ୍ମଥ ରାଉତରାୟ। ନିତିଦିନ ସକାଳୁ ସକାଳୁ ବିଭିନ୍ନ ପାର୍କ ବୁଲିବା ସହ ଲୋକଙ୍କ ସହ ମିଶି ଚାହା ପିଉଛନ୍ତି ମନ୍ମଥ। ତେବେ ସେହି ପରିପେକ୍ଷିରେ ଆଜି ଏକାମ୍ର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡଗଡ ବ୍ରିଟ କଲୋନୀ ସ୍ଥିତ ପାର୍କରେ ନଜର ଆସିଥିଲେ। ସେ ଲୋକଙ୍କ ସହ ମିଶି ବ୍ୟାୟାମ କରିବା ସହ ଯୋଗର ଉପାଦେୟତା ବିଷୟରେ ଆଲୋକ ପାତ କରିଥିଲେ ମନ୍ମଥ। ତେବେ ପରେ ପରେ ବଡଗଡର ଏକ ଚା ଖଟି ରେ ଲୋକଙ୍କ ସହ ଚା ପିଇ ରାଜ୍ୟ ରାଜନୀତିର ସ୍ଥିତି ବିଷୟରେ ଆଲୋଚନା କରିଥିଲେ। ମନ୍ମଥ ଏହି ପରିପ୍ରେକ୍ଷୀରେ ଏକାମ୍ର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅଶୋକ ପଣ୍ଡା। ମନ୍ମଥଙ୍କ ସହ ରହି ଲୋକଙ୍କ ସହ ସୁସମ୍ପର୍କ ସ୍ଥାପନ କରିଥିଲେ।

# ବିଜେଡିରେ ମିଶିଲେ ବିଜୟକେତନ, ଭାଗୀରଥି

**ଭୁବନେଶ୍ୱର, ୧୯।୪(ମହାଭାରତ)** :ଶଙ୍ଖଭବନରେ ବିଜେଡିର ମିଶ୍ରଣ ପର୍ବ। ବିଜେପି ପରିତ୍ୟାଗ କରି ବିଜେଡିରେ ଯୋଗଦେଲେ ବରିଷ୍ଠ ନେତା ବିଜୟକେତନ ସ୍ୱାଇଁ। ୨୦୦୯ରେ ସେ ରାଜନଗରରେ ବିଜେପି ବିଧାୟକ ପ୍ରାର୍ଥୀ ହୋଇଥିଲେ। ବରିଷ୍ଠ ନେତା ବିଜୟ କେତନ ସ୍ୱାଇଁ ୧୯୭୨ ମସିହାରୁ ଛାତ୍ର ଜୀବନରୁ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ତରଫରୁ ତାଙ୍କୁ ସ୍ୱାଗତ କରିଥିଲେ ସସ୍ମିତ ପାତ୍ର । ବିଧାୟକ ପ୍ରତାପ ଜେନା, ଧ୍ରୁବ ଚରଣ ସାହୁ, ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟକେତନ ସ୍ୱାଇଁଙ୍କ ସମେତ ଉମେଶ ଚନ୍ଦ୍ର ପରିଡ଼ା, ଦିବ୍ୟକାନ୍ତ ବିଶ୍ୱାଳ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ମିଶିଛନ୍ତି। ଏହି ମିଶ୍ରଣ ଫଳରେ ବିଜେଡି ଆହୁରି ଶକ୍ତିଶାଳୀ ହୋଇଛି।

ସେହିପରି ଆଠମଲ୍ଲିକ ନିର୍ବାଚନମଣ୍ଡଳିରେ ବିଜେଡି ଶକ୍ତି ବଢାଇଛି। କାରଣ ବିଜେଡିରେ ଯୋଗଦେଲେ ଭାଗୀରଥି ପ୍ରଧାନ। ବିଜେପି ଛାଡି ବିଜେଡିରେ ଯୋଗଦେଲେ ବିଜେପି ଉପରେ ବର୍ଷିଲେ। ଆଠମଲ୍ଲିକ ବିଜେପିର ବିଧାୟକ ପ୍ରାର୍ଥୀ ଥିଲେ ଭାଗୀରଥି । ୩ଥର ବିଧାୟକ ପ୍ରାର୍ଥୀ ହୋଇଥିଲେ ଭାଗୀରଥି। ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଲେ। ସାଂସଦ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।ବିଜେଡିରେ ଯୋଗଦେବା ପରେ ଭାଗୀରଥି ପ୍ରଧାନ ପ୍ରତିକ୍ରିୟା ଦେଇ କହିଥିଲେ ଦଳରେ ସାମିଲ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ, ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବି। ନବୀନ ପଟ୍ଟନାୟକଙ୍କର ବିକାଶ ମୂଳକ କାର୍ଯ୍ୟ ଭାଗୀରଥିଙ୍କୁ ପ୍ରଭାବିତ କରିଥିବା କହିଲେ।

## ବୃହତ୍ତର ସ୍ୱାର୍ଥକୁ ଗୁରୁତ୍ୱ

ଲୋକସଭା ନିର୍ବାଚନ ପୂର୍ବରୁ ସବୁ ଦଳ ସେମାନଙ୍କ ଇସ୍ତାହାର ବା ସଙ୍କଳ୍ପପତ୍ର ଘୋଷଣା କରନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କ୍ଷମତାକୁ ଆସିଲେ ଦଳ ଦେଶ ଏବଂ ଦେଶବାସୀଙ୍କ ନିମନ୍ତେ କ'ଣ କାର୍ଯ୍ୟକ୍ରମ ଗ୍ରହଣ କରିବ ତାହା ଏହି ଇସ୍ତାହାରରେ ପ୍ରକାଶ ପାଇଥାଏ। ଏହି ଆଧାରରେ ଏକ ରାଜନୈତିକ ଦଳ ନିର୍ବାଚନରେ ଜନମତ ଲୋଡ଼ିଥାଏ। କେବଳ ସରକାରକୁ ଆସିଲେ କ'ଣ କରାଯିବ ତହା ଇସ୍ତାହାରରେ ପ୍ରକାଶ ପାଇନଥାଏ , ଦଳର ବିଚାରଧାରା, ନୀତି ଏବଂ ଆଦର୍ଶ ଇସ୍ତାହାରରେ ପ୍ରକାଶ ପାଇଥାଏ। କେବଳ ସରକାର ଗଠନ ସବୁ କିଛି ନୁହେଁ। ଜଣେ ସାଂସଦ ସଂସଦରେ ଯଦି ନିଜ ନୀତି ଏବଂ ବିଚାରଧାରାକୁ ଦୃଢ଼ତାର ସହ ଉପସ୍ଥାପନ କରିଥାଏ, ତେବେ ଏହା ବଡ଼ କଥା ହୋଇଥାଏ। ମାତ୍ର ଜଣେ ନିଷ୍ଠାପର ଏବଂ ଦାୟିତ୍ୱ ସମ୍ପନ୍ନ ସାଂସଦ ଯଦି ସରକାରଙ୍କ ନୀତି ଏବଂ କାର୍ଯ୍ୟକ୍ରମକୁ ସଂସଦରେ ଦୃଢ଼ତାର ସହ ବିରୋଧ କରନ୍ତି ତେବେ ଏହା ସରକାରଙ୍କ ଉପରେ ପ୍ରବଳ ଚାପ ସୃଷ୍ଟି କରିଥାଏ। ଦେଶବାସୀଙ୍କୁ ଏକ ବାର୍ତ୍ତା ଯାଇଥାଏ। ପଣ୍ଡିତ ନେହରୁଙ୍କ ସମୟରେ ବିଶିଷ୍ଟ ସମାଜବାଦୀ ନେତା ରାମ ମନୋହର ଲୋହିଆ ସଂସଦରେ ଏକାକି ସରକାରଙ୍କୁ ଏଭଳି ସମାଲୋଚନା କରୁଥିଲେ ଯେ, ଏହା ସରକାରଙ୍କ ଲାଗି ଚିନ୍ତାର କାରଣ ହେଉଥିଲା। ବିଜେପି ଏବଂ କଂଗ୍ରେସକୁ ବାଦ ଦେଲେ ଅନେକ ଛୋଟ ଛୋଟ ଦଳ ମଧ୍ୟ ସେମାନଙ୍କ ନିର୍ବାଚନ ଇସ୍ତାହାର ଘୋଷଣା କରୁଛନ୍ତି। ସେମାନେ କେନ୍ଦ୍ରରେ ସରକାର ଗଠନ କରିବାର ସମ୍ଭାବନା ନାହିଁ। ହୁଏତ ସେମାନେ ଏକ ସମ୍ଭାବ୍ୟ ମେଣ୍ଟ ସରକାରରେ ଅଂଶୀଦାର ହୋଇପାରନ୍ତି ବା ସରକାରକୁ ବାହ୍ୟ ସମର୍ଥନ ପ୍ରଦାନ କରିପାରନ୍ତି। ସେତେବେଳେ ସେମାନେ ନିଜ ନୀତି ଏବଂ ଦୃଷ୍ଟିଭଙ୍ଗୀ ଆଧାରରେ ସରକାରଙ୍କୁ ପ୍ରଭାବିତ କରିପାରନ୍ତି। ତେଣୁ କାହାର ନିର୍ବାଚନୀ ଇସ୍ତାହାରକୁ ଗୌଣ ଦୃଷ୍ଟିରୁ ଦେଖାଯିବା ଅନୁଚିତ। ଉଦାହରଣ ସ୍ୱରୂପ ସିପିଆଇ ନିଜ ଇସ୍ତାହାରରେ ସିଏଏ ଉଚ୍ଛେଦ କଥା କହିଛି। ସିପିଆଇ କେବେ କେନ୍ଦ୍ରରେ ସରକାର ଗଠନ କରିପାରିବ ନାହିଁ କିମ୍ବା ଏହା ସରକାରରେ ଅଂଶୀଦାର ହେବ ନାହିଁ। କିନ୍ତୁ ଦଳ ଏହାର ନୀତି କାର୍ଯ୍ୟକାରୀ କରିବାକୁ ଶାସକ ଦଳ ବା ସରକାରଙ୍କ ଉପରେ ଚାପ ପକାଇପାରେ। ଏହି ସର୍ତ୍ତରେ ସିପିଆଇ କେନ୍ଦ୍ରରେ ଏକ ମେଣ୍ଟ ସରକାରକୁ ବାହ୍ୟ ସମର୍ଥନ ପ୍ରଦାନ କରିପାରେ। ଏସବୁକୁ ବିଚାର କଲେ କୌଣସି ଦଳର ନିର୍ବାଚନ ଇସ୍ତାହାର ବା ସଙ୍କଳ୍ପପତ୍ରକୁ ଗୌଣ ଦୃଷ୍ଟିରୁ ନଦେଖି ଏହାର ତର୍ଜମା କରାଯିବା ଉଚିତ। ଜଣେ ନାଗରିକ ନିଜ ମତାଧିକାର ସାବ୍ୟସ୍ତ କରିବା ବେଳେ ଯେଉଁ ଦଳକୁ ଭୋଟ ଦେଉଛି, ସେହି ଦଳର ନୀତି ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଭଲଭାବେ ଅବଗତ ହେବା ଉଚିତ। ଏହାର ନିର୍ବାଚନ ପ୍ରତିଶ୍ରୁତିକୁ ଭଲଭାବେ ତର୍ଜମା କରିବା ଉଚିତ। କିନ୍ତୁ ଅଧିକାଂଶ ମତଦାତା ଏହା କରନ୍ତି ନାହିଁ। ସମସ୍ତେ ତତ୍କାଳ ଲାଭ ବା ବ୍ୟକ୍ତିଗତ ଫାଇଦାକୁ ବିଚାର କରି ନିଜର ମତାଧିକାର ସାବ୍ୟସ୍ତ କରନ୍ତି। ବାସ୍ତବରେ ଲୋକସଭା ନିର୍ବାଚନରେ ଦେଶର ସ୍ୱାର୍ଥ ଏବଂ ବିକାଶକୁ ଗୁରୁତ୍ୱ ଦେଇ ମତଦାତା ନିଷ୍ପତ୍ତି ନେବା ଉଚିତ। ଆଳୁ, ପିଆଜ ଦର ଆଜି ବଢ଼ିଛି, କାଲି କମିପାରେ। କିନ୍ତୁ ଦେଶର ସୁରକ୍ଷା, ସମ୍ମାନ ଏବଂ ଆର୍ଥିକ ସ୍ଥିତି ଥରେ ଖରାପ ହେଲେ ଏହାର ପୁନରୁଦ୍ଧାର କାଠିକର ପାଠ ହୋଇପାରେ। ଦେଶକୁ ଏକ ଦୃଢ଼ ଏବଂ ନିର୍ଣ୍ଣାୟକ ନେତାଙ୍କର ଆବଶ୍ୟକତା ରହିଛି ଯିଏ ସମସ୍ତଙ୍କର ବିକାଶ ଏବଂ ସୁରକ୍ଷାକୁ ଗୁରୁତ୍ୱ ଦେଉଥିବ। ଦେଶରେ ଜଣେ ଦୃଢ଼ ପ୍ରଧାନମନ୍ତ୍ରୀଙ୍କର ଆବଶ୍ୟକତା ରହିଛି ଯିଏ ବିଶ୍ୱ ଦରବାରରେ ଭାରତର ସମ୍ମାନ ଏବଂ ଆଧିପତ୍ୟକୁ ପ୍ରତିଷ୍ଠା କରିପାରିବ। ସେହିପରି ବ୍ୟକ୍ତି ନୁହେଁ, ସାମୁହିକ ବିକାଶକୁ ଯେଉଁ ସରକାର ଗୁରୁତ୍ୱର ସହ କାର୍ଯ୍ୟକାରୀ କରିପାରିବ ସେହି ଦଳ ସପକ୍ଷରେ ଜନମତ ଯିବା ଉଚିତ। ଏଥିଲାଗି ପ୍ରତ୍ୟେକ ନାଗରିକ ସବୁ ଦଳର ସଙ୍କଳ୍ପପତ୍ର ଏବଂ ଇସ୍ତାହାରକୁ ଭଲଭାବେ ଅନୁଧ୍ୟାନ କରାଯିବା ଉଚିତ। ୫ ବର୍ଷରେ ଥରେ ନାଗରିକଙ୍କୁ ଏଥିଲାଗି ନିଷ୍ପତ୍ତି ନେବାର ସୁଯୋଗ ମିଳିଥାଏ। ଏହାକୁ ହାତଛଡ଼ା କରିବା ଅନୁଚିତ। ନିର୍ବାଚନ ଇସ୍ତାହାରରେ ଶସ୍ତା କାର୍ଯ୍ୟକ୍ରମ ଏବଂ ପ୍ରଲୋଭନକୁ ଗୁରୁତ୍ୱ ନଦେଇ ଦେଶର ବୃହତ୍ତର ସ୍ୱାର୍ଥକୁ ଗୁରୁତ୍ୱ ଦିଆଯିବା ଉଚିତ।

# ଅଭିଶପ୍ତ ଜୀବନ

॥ ପଙ୍କଜ କୁମାର ପାଣିଗ୍ରାହୀ ॥

*ଅଭିଶପ୍ତ ଜୀବନ ଅର୍ଥ କ'ଣ ? ? ପୌରାଣିକ ଚେତନାରେ ଆଧାରିତ କେତେକ ବିଷୟରେ ମୁନି, ଋଷିଙ୍କ ଦ୍ୱାରା ଅଭିଶାପ ଦିଆଯାଉଥିବା ବର୍ଣ୍ଣନା ପ୍ରାୟତଃ ସମସ୍ତେ ଜାଣିଥିବେ । କୌଣସି ଅକର୍ତ୍ତବ୍ୟ କଲେ ସେମାନେ ଅଭିଶାପ ଦେଇ କୁସଂସ୍କାରୀକୁ ଦଣ୍ଡିତ କରୁଥିବା ଆମେ ଶୁଣିଛେ । ଅର୍ଥାତ ଜଣେ ମଣିଷ ଯଦି କୌଣସି ଅମାନବୀୟ କିମ୍ବା ଅନ୍ୟକୁ ଆଘାତ କରିବା ଭଳି କାର୍ଯ୍ୟ କରେ ତାହେଲେ ତାକୁ ଅଭିଶାପ ଦିଆଯାଉଥିଲା ଯାହା ସେହି ମଣିଷ ପାଇଁ ଏକ କଠୋର ପରିସ୍ଥିତି ସୃଷ୍ଟି କରୁଥିବା କୁହାଯାଏ । ଆଜିର ମଣିଷ କି'ନ୍ତୁ କାହାଠାରୁ ଅଭିଶାପ ପାଉଛି ଅଥବା ଅଭିଶପ୍ତ ଜୀବନ ବିତାଉଛି ବୋଲି କହିବାର ତାତ୍ପର୍ଯ୍ୟ କ'ଣ ? ବିଚାର କରି ଦେଖିବା... ଆଜି ଆଉ ମୁନି, ଋଷି ନାହାନ୍ତି କିମ୍ବା ସେହିଭଳି କୌଣସି ପରିସ୍ଥିତି ସୃଷ୍ଟି ହେଉନାହିଁ ଯାହା ପୁରାଣରେ ବର୍ଣ୍ଣିତ । ମଣିଷ କି'ନ୍ତୁ ସେହି ମୁନି, ଋଷିଙ୍କ ଅଭିଶାପ ଠାରୁ ଆହୁରି କଠୋର ପରିସ୍ଥିତିର ସାମ୍ନା କରି ବଂଚୁଛି ଯାହା ସମସ୍ତଙ୍କ ପାଇଁ ବ୍ୟାପକ କଷ୍ଟକର ହୋଇପଡୁଛି । ହେଲେ ମଣିଷର ଦୁଃଖ ଦୁର୍ଦ୍ଦଶା ପାଇଁ ଦାୟୀ କିଏ ? ଜନ୍ମଦାତ୍ରୀ ପ୍ରକୃତି ସେହିଭଳି କୌଣସି ହିଂସାତ୍ମକ ପରିବେଶ ସୃଷ୍ଟି କରୁଛି ନା କୌଣସି ସାମାଜିକ ସଂଯୋଜିତ କାରଣରୁ ମଣିଷ ଦୁଃଖ ପାଉଛି ବା ସୁଖର ଅନୁଭବ କରିପାରୁ ନାହିଁ ? ! ବାସ୍ତବିକ ଦେଖିବାକୁ ଗଲେ ସେମିତି କୌଣସି ପ୍ରାକୃତିକ ପରିବେଶ ଅପେକ୍ଷା ମଣିଷର ନିଜସ୍ୱ କର୍ମରୁ ହିଁ ସୁଖ, ଦୁଃଖର ଅନୁଭବ ହୋଇଥାଏ ଯାହା ହୁଏତ ମଣିଷ ସଠିକ୍ ରୂପେ ଆକଳନ, ସମୀକ୍ଷା କରିପାରୁନାହିଁ । ସେହି କାରଣରୁ ଅନେକ ସମୟରେ ମଣିଷ କୌଣସି ସାମାଜିକ ସଂଯୋଜିତ କୃତ୍ରିମ ସୁଖକୁ ହିଁ ପ୍ରକୃତ ସୁଖ ବୋଲି ବିଚାରି ନିଜର ଜନ୍ମ ତଥା ମଣିଷ ଜୀବନର ପ୍ରକୃତ ସୁଖ ଅନୁଭବ କରିବାରେ ଅକ୍ଷମ ରହୁଥିବା ଜାଣିହେବ ଅନୁଧ୍ୟାନ କଲେ ।*

ମଣିଷକୁ ପ୍ରକୃତି ଯାହା କରିଛି ସେଥିରୁ ବ୍ୟତିକ୍ରମ ଜୀବନ ବଂଚିବା ଅଭିଶପ୍ତ ଜୀବନ । ବ୍ୟତିକ୍ରମ ହୁଏ କାହିଁକି ଏବଂ ତା ପାଇଁ ମଣିଷ ନିଜେ ଦାୟୀ ନା ଜନ୍ମଦାତ୍ରୀ ପ୍ରକୃତି ? ବିଚାର କରିବା...

ନିଜର ଜନ୍ମ ଓ ଜୀବନ ରହସ୍ୟ ବୁଝିବାରେ ଅକ୍ଷମ ମଣିଷ, ସମୟ ସ୍ରୋତରେ ନିଜକୁ ପରିଚାଳିତ କରୁଥିବା ଶୈକ୍ଷିକ ଜୀବନଧାରଣ ଶୈଳୀରେ ନିମଗ୍ନ ଆଜିର ସାଧାରଣ ଲୋକେ ଜାଣନ୍ତି ନାହିଁ ମଣିଷ ଜୀବନର ପ୍ରାକୃତିକ ଉପଲବ୍ଧି । ଜୀବନକୁ ଏକ ପ୍ରତ୍ୟାବର୍ତ୍ତିତ ଢଙ୍ଗରେ ଅନୁଭବ କରିବା ସାଧାରଣ ମଣିଷର ନିଜସ୍ୱ ଅନୁଭୂତି କିମ୍ବା ସ୍ୱଜ୍ଞାନ ଜନିତ ଭାବଧାରା ନୁହେଁ । ମଣିଷର ଜ୍ଞାନ ସୃଷ୍ଟି ହେବା ସମୟରୁ ଏହା ଏକ ସାମାଜିକ ଶୈକ୍ଷିକ ଚରିତ୍ର ଭାବେ ପ୍ରଚଳିତ ହୋଇ ଆସୁଅଛି ଯାହା ସମଗ୍ର ଜନମାନସକୁ ଅସନ୍ତୁଳିତ, ଆନ୍ଦୋଳିତ କରି ରଖିଛି ଅଦ୍ୟାବଧି । ସାଧାରଣ ମଣିଷ ସମୂହଙ୍କ ମଧ୍ୟରେ କେତେକ ପ୍ରାକୃତିକ ବିଚକ୍ଷଣ ଚତୁର ମଣିଷଙ୍କ ଜନ୍ମ ରହସ୍ୟ ବିଷୟରେ ମଧ୍ୟ ବୁଝିଛନ୍ତି କେତେଜଣ ଯେ ତାକୁ ସମୀକ୍ଷା କରି ସାର୍ବଜନୀନ କରିହେବ ?! ମଣିଷ ସବୁବେଳେ ନିଜକୁ ଅନ୍ୟ ସହିତ ତୁଳନାତ୍ମକ ବିଚାର ରଖି ଯାହା ସବୁ କରି ଚାଲିଛି ସେଗୁଡିକର ଉପଯୁକ୍ତ ସମୀକ୍ଷା ଜ୍ଞାନ ରହିତ ସାଧାରଣ ମଣିଷଙ୍କ ଜୀବନ ଶୈଳୀ ଗୋଟିଏ ଗୋଟିଏ ଅଭିଶପ୍ତ ଜୀବନ ଭଳି ବଂଚୁଥିବା ଜାଣିହେବ ସୂକ୍ଷ୍ମ ଅନୁଧ୍ୟାନ କଲେ । ଜୀବନର ପ୍ରକୃତ ସୁଖ ଅନୁଭବ ଏକ ଅସୀମୀଚୀନ ବିଷୟରେ ରହିଯାଇଛି ମଣିଷ ମନରେ ଯାହାର କୌଣସି ବ୍ୟବଛେଦ ନାହିଁ କିମ୍ବା ପ୍ରକୃତ ବିଶ୍ଲେଷଣ ନାହିଁ କେଉଁଠାରେ । କେବଳ ସ୍ୱାର୍ଥାନ୍ଧଙ୍କ ପ୍ରରୋଚନାରେ ନିର୍ବୋଧଙ୍କ ଜୀବନ ବଂଚିବା ଶୈଳୀରେ ପରିଚାଳିତ ଆଜିର ସମାଜରେ ସାଧାରଣ ମଣିଷଙ୍କ ଅସହ୍ୟ ଯନ୍ତ୍ରଣାର ଉପଶମ ହେବା ପରିବର୍ତ୍ତେ ଦିନକୁ ଦିନ ଜଟିଳ ପରିସ୍ଥିତି ଆଡ଼କୁ ମୁହାଁଉଥିବା ମଣିଷ ଜୀବନରେ ଶାନ୍ତି ଅନୁଭବ ହେବ କିପରି ଏବଂ କେବେ ?! ଏକ ପ୍ରଶ୍ନବାଚୀ ହୋଇ ରହିଯାଇଅଛି ସମସ୍ତଙ୍କ ମନରେ ଅଦ୍ୟାବଧି.....

ଅଭିଶପ୍ତ ଜୀବନ ଅର୍ଥ କ'ଣ ?? ପୌରାଣିକ ଚେତନାରେ ଆଧାରିତ କେତେକ ବିଷୟରେ ମୁନି, ଋଷିଙ୍କ ଦ୍ୱାରା ଅଭିଶାପ ଦିଆଯାଉଥିବା ବର୍ଣ୍ଣନା ପ୍ରାୟତଃ ସମସ୍ତେ ଜାଣିଥିବେ । କୌଣସି ଅକର୍ତ୍ତବ୍ୟ କଲେ ସେମାନେ ଅଭିଶାପ ଦେଇ କୁସଂସ୍କାରୀକୁ ଦଣ୍ଡିତ କରୁଥିବା ଆମେ ଶୁଣିଛେ । ଅର୍ଥାତ ଜଣେ ମଣିଷ ଯଦି କୌଣସି ଅମାନବୀୟ କିମ୍ବା ଅନ୍ୟକୁ ଆଘାତ କରିବା ଭଳି କାର୍ଯ୍ୟ କରେ ତାହେଲେ ତାକୁ ଅଭିଶାପ ଦିଆଯାଉଥିଲା ଯାହା ସେହି ମଣିଷ ପାଇଁ ଏକ କଠୋର ପରିସ୍ଥିତି ସୃଷ୍ଟି କରୁଥିବା କୁହାଯାଏ । ଆଜିର ମଣିଷ କି'ନ୍ତୁ କାହାଠାରୁ ଅଭିଶାପ ପାଉଛି ଅଥବା ଅଭିଶପ୍ତ ଜୀବନ ବିତାଉଛି ବୋଲି କହିବାର ତାତ୍ପର୍ଯ୍ୟ କ'ଣ ? ବିଚାର କରି ଦେଖିବା... ଆଜି ଆଉ ମୁନି, ଋଷି ନାହାନ୍ତି କିମ୍ବା ସେହିଭଳି କୌଣସି ପରିସ୍ଥିତି ସୃଷ୍ଟି ହେଉନାହିଁ ଯାହା ପୁରାଣରେ ବର୍ଣ୍ଣିତ । ମଣିଷ କି'ନ୍ତୁ ସେହି ମୁନି, ଋଷିଙ୍କ ଅଭିଶାପ ଠାରୁ ଆହୁରି କଠୋର ପରିସ୍ଥିତିର ସାମ୍ନା କରି ବଂଚୁଛି ଯାହା ସମସ୍ତଙ୍କ ପାଇଁ ବ୍ୟାପକ କଷ୍ଟକର ହୋଇପଡୁଛି । ହେଲେ ମଣିଷର ଦୁଃଖ ଦୁର୍ଦ୍ଦଶା ପାଇଁ ଦାୟୀ କିଏ ? ଜନ୍ମଦାତ୍ରୀ ପ୍ରକୃତି ସେହିଭଳି କୌଣସି ହିଂସାତ୍ମକ ପରିବେଶ ସୃଷ୍ଟି କରୁଛି ନା କୌଣସି ସାମାଜିକ ସଂଯୋଜିତ କାରଣରୁ ମଣିଷ ଦୁଃଖ ପାଉଛି ବା ସୁଖର ଅନୁଭବ କରିପାରୁ ନାହିଁ ?! ବାସ୍ତବିକ ଦେଖିବାକୁ ଗଲେ ସେମିତି କୌଣସି ପ୍ରାକୃତିକ ପରିବେଶ ଅପେକ୍ଷା ମଣିଷର ନିଜସ୍ୱ କର୍ମରୁ ହିଁ ସୁଖ, ଦୁଃଖର ଅନୁଭବ ହୋଇଥାଏ ଯାହା ହୁଏତ ମଣିଷ ସଠିକ୍ ରୂପେ ଆକଳନ, ସମୀକ୍ଷା କରିପାରୁନାହିଁ । ସେହି କାରଣରୁ ଅନେକ ସମୟରେ ମଣିଷ କୌଣସି ସାମାଜିକ ସଂଯୋଜିତ କୃତ୍ରିମ ସୁଖକୁ ହିଁ ପ୍ରକୃତ ସୁଖ ବୋଲି ବିଚାରି ନିଜର ଜନ୍ମ ତଥା ମଣିଷ ଜୀବନର ପ୍ରକୃତ ସୁଖ ଅନୁଭବ କରିବାରେ ଅକ୍ଷମ ରହୁଥିବା ଜାଣିହେବ ଅନୁଧ୍ୟାନ କଲେ । ନିଜସ୍ୱ ଅନ୍ତର୍ଜ୍ଞାନ ତଥା ବିବେକ ଚାଳିତ ଜୀବନଧାରା ମଣିଷକୁ ସତ୍ୟ / ଅସତ୍ୟର ପଥ ପ୍ରଦର୍ଶିତ କରିବାରେ ସାହାଯ୍ୟ କରିଥାଏ । ଅନ୍ୟ ଉପରେ ନିର୍ଭର କରି କିମ୍ବା କାହାକୁ ଅନୁସରଣ / ଅନୁକରଣ କରି ନିଜର ଜୀବନପଥ ଅତିକ୍ରମ କରୁଥିବା ମଣିଷକୁ ଲୁଣ୍ଠିତ / ପ୍ରତାରିତ ହେବାକୁ ପଡିବ ନିଶ୍ଚୟ । କାରଣ ଯଦି ଆମେ ଆଜି ସମୟର ପରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରିବା ତାହେଲେ କିଂଚିତ ବୁଝିହେବ ଯେ ଆଜି ଆମେ ଯାହାସବୁ ଶିକ୍ଷା / ପ୍ରେରଣା ପାଉଛେ ସେସବୁ ଗୁଡିକ କେବଳ ବ୍ୟବସାୟ ଭିତ୍ତିକ ପ୍ରଚାର, ପ୍ରସାର ବ୍ୟତୀତ ଜଣେ ଅନ୍ୟ ଜଣଙ୍କୁ କୌଣସି ମତେ ସାହାଯ୍ୟ, ସହାନୁଭୂତି କିମ୍ବା ଦୟା, ପ୍ରେମର ଭାବ ରଖି କୌଣସି ବିଷୟ / ବସ୍ତୁ ପ୍ରଦାନ କରିନଥା'ନ୍ତି । ଏମିତିକି ଯାହାଙ୍କୁ ଧର୍ମଗୁରୁ କିମ୍ବା ଯୋଗଗୁରୁ ବୋଲି ମଣିଷ ଗ୍ରହଣ କରିଥାଏ ସେମାନେ ମଧ୍ୟ ଗୋଟିଏ ଗୋଟିଏ ବ୍ୟାପାରୀ ଯାହାଙ୍କ ଧନରାଶିର ଅଭିବୃଦ୍ଧି ବ୍ୟାଖ୍ୟା କଲେ ହୁଏତ ଆମର ଚେତା ହଜିଯିବ ! କାରଣ କିଛି ଦିନ ତଳର ଜଣେ ସାଧାରଣ ଭିକାରି ସ୍ତରର ମଣିଷ ଆଜି ନିଜକୁ ନିଜେ ଜଣେ ଧର୍ମଗୁରୁ କିମ୍ବା ଯୋଗଗୁରୁ ସାଜି ଖୁବ୍ କମ୍ ଦିନ ମଧ୍ୟରେ ହଜାର ହଜାର କୋଟି ଟଙ୍କାର ମାଲିକ ହୋଇ ପାରୁଥିବା ନମୁନା ଗୁଡିଏ କିଛି କମ୍ ଦେଖିବାକୁ ମିଳନ୍ତି ନାହିଁ ଆମ ଦେଶରେ ଯାହାର ବିଶେଷ ବିଶ୍ଲେଷଣ କରାନଗଲେ ମଧ୍ୟ ପ୍ରାୟତଃ ସମସ୍ତେ ବୁଝି ପାରୁଥିବେ । ଏମାନଙ୍କ ବ୍ୟତୀତ ସମାଜକୁ ଅନ୍ୟାନ୍ୟ ପ୍ରେରଣାଦାୟୀ ରହିଥା'ନ୍ତି କେତେକ ଚିକିତ୍ସା କ୍ଷେତ୍ରର ମଣିଷ, ବ୍ୟବସାୟୀ, ରାଜନେତା ତଥା ଆହୁରି ଅନେକ ଗୋଷ୍ଠୀ ଯେଉଁମାନେ ଅହରହ ସେମାନଙ୍କ ବଡ଼ିମା ପ୍ରଦର୍ଶନ ପୂର୍ବକ କେବଳ ବ୍ୟବସାୟ ଭିତ୍ତିକ ଷଡ଼ଯନ୍ତ୍ରାତ୍ମକ ପ୍ରରୋଚନା ବିତରଣ କରି ସମାଜରେ ନିଜର ପତିଆରା ବିସ୍ତାର କରିବା ସହିତ ଆର୍ଥିକ ସମ୍ଭାର ଅଭିବୃଦ୍ଧି ଲକ୍ଷ ରଖି ଅନେକ ସମୟରେ ମତିଭ୍ରମ କରିଥା'ନ୍ତି ସାଧାରଣ ଲୋକଙ୍କ । ସେହି କୁଚକ୍ରରେ ପଡି ସାଧାରଣ ମଣିଷଟିଏ ନିଜର ହାଡଭଙ୍ଗା ପାରିଶ୍ରମିକରୁ ଅଧିକାଂଶ ଭାଗ ବ୍ୟୟ, ବିତରଣ କରିଥା'ନ୍ତି ଏହି ବ୍ୟବସାୟ ଚିନ୍ତାଧାରା ସଂଶ୍ଳିଷ୍ଟ ଗୋଷ୍ଠୀ ମାନଙ୍କୁ ଯାହା ସେମାନଙ୍କୁ ସବୁବେଳେ ସତ୍ୟର ପଥ ଖୋଜିବାରେ ବାଧକ ହୋଇ ରହିଯାଏ ଜୀବନ ସାରା । ଏହି କ୍ରମରେ ଜଣେ ସାଧାରଣ ନିର୍ବୋଧ ମଣିଷ ଯେ ନିଜକୁ ଅସନ୍ତୁଳିତ ଅବସ୍ଥାରେ ରଖି ଜୀବନ ଅତିବାହିତ କରିବାକୁ ପଡିଥାଏ ଜୀବନ ସାରା । ଏହାହିଁ ଅଭିଶପ୍ତ ଜୀବନ ଯାହାକୁ ମଣିଷ ସମୟ ପାଏନାହିଁ ସମୀକ୍ଷା କରିବା ପାଇଁ ଏବଂ ସେତିକି ସଚେତନତା ସୃଷ୍ଟି କରିପାରେ ନାହିଁ ନିଜକୁ ସମ୍ଭାଳିବା ପାଇଁ ସାରା ଜୀବନ ଯାହାଦ୍ୱାରା ଗୋଟିଏ ଅଭିଶପ୍ତ ଜୀବନ ବଂଚିବା ଭଳି ଜୀବନ ଶେଷ କରିବାକୁ ପଡିଥାଏ ସାଧାରଣ ମଣିଷ ମାନଙ୍କୁ ଯାହା ମନରେ ଛନ୍ଦ, କପଟ, ଈର୍ଷା, ଦ୍ୱେଷ ଆଦି ଲକ୍ଷଣ ସୃଷ୍ଟି ହୋଇପାରେ ନାହିଁ ଯାହା ଆଜି ସମୟର ପରିସ୍ଥିତି, ପରିବେଶ ଆଚ୍ଛାଦିତ କରି ରଖିଛି ଆମ ସମସ୍ତଙ୍କୁ ।

କୁଚକ୍ରୀଙ୍କ ସମୟ ଚକ୍ରରେ ନିଜକୁ ସମାନ୍ତରାଳ କରି ଆମେ ଜୀବନରେ ସୁଖ ଆଶା କରିବା ଏକ ଅଲୌକିକ ବିଷୟ ମଧ୍ୟରେ ସମାହିତ ଆଜିସମୟରେ ଯାହାକୁ ବ୍ୟବଛେଦ କରିବା ଅତ୍ୟନ୍ତ ଜଟିଳ ବିଷୟ ଜଣେ ସାଧାରଣ ମଣିଷ ପାଖରେ । କାରଣ ବ୍ୟାପକ ଦିଗରେ ସେମାନଙ୍କ ଚକ୍ରାନ୍ତ ସମ୍ପୂର୍ଣ୍ଣ ଭାବେ ମଣିଷ ମସ୍ତିଷ୍କକୁ ଆଚ୍ଛାଦିତ କରି ରଖିଛି ଯାହାର ପରିଣାମ ସ୍ୱରୂପ ସମସ୍ତ ମିଥ୍ୟାକୁ କେବଳ ସତ୍ୟ ବୋଲି ବିବେଚନା ଅଧିଗ୍ରହଣ କରିଥା'ନ୍ତି ସାଧାରଣ ନିର୍ବୋଧ, ନିଛନ୍ଦ ମଣିଷ ସମୂହ । ଗୋଟିଏ ଦିଗରେ ସେମାନଙ୍କୁ ମାନସିକ ସ୍ତରରେ ଦୁର୍ବଳ ତଥା ବିଚଳିତ କରି ମଣିଷ ଜୀବନର ପ୍ରାକୃତିକ ଆନନ୍ଦ ଉପଭୋଗରୁ ନିବୃତ୍ତ ରଖିବା ସହିତ ଲୋକଙ୍କ ପାରିଶ୍ରମିକକୁ ଲୁଟି ସେମାନଙ୍କ ସାମାଜିକ ତଥା ପାରିବାରିକ କ୍ଲେଷକୁ ଗଭୀର କରି ନିଜର ସ୍ୱାର୍ଥ ହାସଲ କରି ନିଜକୁ ପ୍ରତିଷ୍ଠିତ କରିବା ଲକ୍ଷ ରଖିଥିବା ହାତଗଣତି କେତେକ କୁଚକ୍ରୀଙ୍କ ଦ୍ୱାରା ଆଜି ସମଗ୍ର ମାନବ ସମାଜ ଏକ ଅଭିଶପ୍ତ ଜୀବନ ବଂଚୁଛନ୍ତି କେମିତି ଏବଂ କାହିଁକି ମଧ୍ୟ ବିଚାର, ବିଶ୍ଲେଷଣ ନାହିଁ କାହାରି ପାଖରେ । କେବଳ ମିଥ୍ୟା ପ୍ରରୋଚନାରେ ସେମାନଙ୍କ ଜୀବନକୁ ସରଳ ସୁନ୍ଦର କରିବାର ମଧୁର ବାଣୀ ପ୍ରଦାନ କରି ସମସ୍ତଙ୍କୁ ବାସ୍ତବରେ ଦୁଃଖୀ କରି ରଖାଯାଇଥିବା ଅନୁଭବ ମଧ୍ୟ କରିପାରନ୍ତି ନାହିଁ କେହି । ଏସବୁ କୌଣସି ମୁନି ଋଷିଙ୍କ ଅଭିଶାପ ନୁହେଁ କି ଜନ୍ମଦାତ୍ରୀ ପ୍ରକୃତିର ପ୍ରକୋପ ନୁହେଁ ବରଂ ମଣିଷର ନିଜସ୍ୱ ଅଜ୍ଞାନତା / ସଂକୁଚିତ ବିଚାରଧାରା ଜନିତ ମାତ୍ର । ତେଣୁ ସବୁ ମଣିଷ ଯତେଦିନ ପର୍ଯ୍ୟନ୍ତ କାହାକୁ ଅନୁସରଣ / ଅନୁକରଣ ନକରି କେବଳ ନିଜସ୍ୱ ଜ୍ଞାନ / ବିଚାରଧାରାରେ ବଂଚିବା ନଶିଖିବେ ସେପର୍ଯ୍ୟନ୍ତ ମଣିଷ ଏମିତି ଅଭିଶପ୍ତ ଜୀବନ ବଂଚିବାକୁ ହିଁ ପଡିବ ବୋଲି ଆମର ବିଚାରରେ ଆପଣଙ୍କ ଅନୁଭବ କ'ଣ... ??!

ସୋସିଆଲ ଫୋରମ (ଭାରତ)

ଛତ୍ରପୁର, ଗଞ୍ଜାମ-୭୬୧୦୨୦

ଦୂରଭାଷ.: ୯୪୩୭୩୨୪୯୧୭.

# ଭାଇରାଲ ହେପାଟାଇଟିସ ଓ ଯକୃତ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରତିବର୍ଷ ଅପ୍ରେଲ ୧୯ ତାରିଖରେ ପାଳିତ ହୁଏ ବିଶ୍ୱ ଯକୃତ ଦିବସ। ପ୍ରତିବର୍ଷ ପରି ଚଳିତ ବର୍ଷ ବାର୍ତ୍ତା ରହିଛି 'ସଜାଗ ରୁହନ୍ତୁ, ନିୟମିତ ଯକୃତ ଯାଞ୍ଚ କରନ୍ତୁ ଏବଂ ଫ୍ୟାଟି ଲିଭର ରୋଗରୁ ରକ୍ଷା କରନ୍ତୁ।' ଯକୃତ ବା ଲିଭର ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି। ଏହା ପାଚନରେ ସହାୟକ ଏକାଧିକ ପ୍ରକାରର ରସ ସୃଷ୍ଟିକରେ ଏବଂ ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ୍ କରିଥାଏ। ଏବେ ଯକୃତ ସହିତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଏହାର କାରଣ। ଯକୃତ ଖରାପ ହୋଇଗଲେ ପ୍ରତିରୋପଣ ବ୍ୟତୀତ ଅନ୍ୟ ଉପାୟ ନାହିଁ। ତେବେ ଯକୃତ ଅସୁସ୍ଥ ହେବାର ବହୁ କାରଣ ରହିଛି।

ଭାଇରାଲ ହେପାଟାଇଟିସ୍ : ଏହା ଏ, ବି, ସି, ଡି ଏବଂ ଇ - ପାଞ୍ଚ ପ୍ରକାରର। ଏ ଏବଂ ଇ ଦୂଷିତ ପାଣି ତଥା ଖାଦ୍ୟ ଯୋଗୁ ହେଉଥିବା ବେଳେ ଏହାକୁ ସାଧାରଣ ଭାଷାରେ ଜଣ୍ଡିସ୍ ବା ହଳଦିଆ କାମଳ ବୋଲି କୁହାଯାଏ। ଏହାର ଲକ୍ଷଣ ପ୍ରାୟ ୨ରୁ ୪ ସପ୍ତାହ ଜାରି ରହେ। ରୋଗୀଙ୍କୁ ବାନ୍ତି ଏବଂ ଜ୍ୱର ହୁଏ। ତେବେ ସ୍ପଷ୍ଟ ଲକ୍ଷଣ ଜଣାପଡ଼ିବା ପରେ ରୋଗୀ ତୁରନ୍ତ ଚିକିତ୍ସା ପାଇଁ ପହଞ୍ଚିଥାନ୍ତି। ତେଣୁ ଯକୃତ ଖରାପ ହେବା ଘଟଣା କମ୍ ହୋଇଥାଏ। ଯକୃତ ଖରାପ ହେବାର ଅଳ୍ପଦିନ ପୂର୍ବରୁ ରୋଗୀର ମାନସିକ ସ୍ଥିତି ବିଗିଡ଼ିବାରେ ଲାଗେ। ବି ଏବଂ ସି ଭାଇରାଲ ଇନ୍‌ଫେକ୍‌ସନ ଯୋଗୁଁ ହୋଇଥାଏ। ସଂକ୍ରମଣର ପ୍ରାୟ ଦେଢ଼ରୁ ଦୁଇମାସ ପରେ ଏହାର ଲକ୍ଷଣ ପ୍ରକାଶ ପାଏ। ଯେଉଁ କ୍ଷେତ୍ରରେ ଛଅମାସ ମଧ୍ୟରେ ଲକ୍ଷର ପ୍ରକାଶ ପାଏ ତାକୁ ଆକ୍ୟୁଟ୍ ବୋଲି କହିଥାନ୍ତି ଏବଂ ଏଥିରେ ଯକୃତକୁ ରକ୍ଷା କରାଯାଇପାରେ। ତେବେ ଲକ୍ଷଣ ପ୍ରକାଶ ପାଇବା ଛ'ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ପୁରା ସୁସ୍ଥ ହେବାର ଆଶା କ୍ଷୀଣ ରହେ। ଯେଉଁମାନଙ୍କୁ ପିଲାଦିନରୁ ଏହି ଇନ୍‌ଫେକ୍‌ସନ ହୋଇଥାଏ ସେମାନେ ବଡ଼ ହେବା ପରେ ସାଧାରଣତଃ କ୍ରୋନିକ୍ ହେପାଟାଇଟିସ୍‌ରେ ପୀଡ଼ିତ ହୁଅନ୍ତି। ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ। ଏହାର ଯେଉଁ ଲକ୍ଷଣ ପ୍ରକାଶ ପାଏ, ସେଗୁଡ଼ିକ ମୁଖ୍ୟତଃ ହେଲା ଭୋକ ନହେବା, ଓଜନ କମିବା, ଜଣ୍ଡିସ୍, ଜ୍ୱର, ଦୁର୍ବଳ ଲାଗିବା, ବାନ୍ତି, ପେଟରେ ପାଣି ଜମିଯିବା, ରକ୍ତବାନ୍ତି ହେବା, ଦେହର ରଙ୍ଗ କଳା ପଡ଼ିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା ଇତ୍ୟାଦି। ଏହା ଯକୃତକୁ ଟାଣ କରି ସଙ୍କୁଚିତ କରିଦିଏ। ଠିକ୍ ସମୟରେ ଚିକିତ୍ସା ସେବା ନପାଇଲେ ଧୀରେ ଧୀରେ ଲିଭର ଟ୍ୟୁମରରେ ପରିବର୍ତ୍ତିତ ହୋଇଯାଏ।

ମୁଖ୍ୟତଃ ଆଲ୍‌କୋହଲ ସଂକ୍ରମିତ ଛୁଞ୍ଚ, ରକ୍ତ ସର୍ଜରୀ ଉପକରଣ ତଥା ଅସୁରକ୍ଷିତ ଶାରୀରିକ ସମ୍ପର୍କ ଯୋଗୁଁ ଏବଂ ସଂକ୍ରମିତ ମା'ଠାରୁ ଶିଶୁକୁ ଏହି ରୋଗ ହୋଇଥାଏ। ଜଣ୍ଡିସ୍ ତଥା ଡେଙ୍ଗୁ ମଧ୍ୟ ବହୁବାର ହେପାଟାଇଟିସ୍‌ର କାରଣ ହୋଇଥାଏ। ଏହା ବ୍ୟତୀତ ଟିବି, ଅପସ୍ମାରର ଔଷଧ, ଆୟୁର୍ବେଦିକ ତଥା ହର୍ବାଲ ଔଷଧରୁ ମଧ୍ୟ ଏହି ରୋଗ ହୋଇପାରେ। ଅତ୍ୟଧିକ ମଦ୍ୟପାନ ଦ୍ୱାରା ଯକୃତ କ୍ଷତିଗ୍ରସ୍ତ ହୋଇଥାଏ। ଏଥିରେ ଫାଇବ୍ରୋସିସ୍ ଦେଖାଯାଏ ଏବଂ ଯକୃତ ସଙ୍କୁଚିତ ହେବାକୁ ଲାଗେ ଯେଉଁଥିରେ ଛୋଟ-ବଡ଼ ଗଣ୍ଠି ମଧ୍ୟ ପଡ଼ିଯାଏ। ଏହା ଲିଭର ସିରୋସିସ୍। ପ୍ରତିଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ଯକୃତ କୋଷ କ୍ଷତିଗ୍ରସ୍ତ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ ଥିଲେ ବି ପରେ ମଦ ଅଭ୍ୟାସ ନ ଛାଡ଼ିଲେ ଚିକିତ୍ସା ଆଉ ସମ୍ଭବ ହୁଏନାହିଁ। ଅଧିକ ତୈଳୀୟ ଖାଦ୍ୟ ଖାଉଥିବା ତଥା ଏକ୍ସରସାଇଜ୍ କରୁନଥିବା ବ୍ୟକ୍ତିଙ୍କର ଫ୍ୟାଟି ଲିଭର ଆଶଙ୍କା ଅଧିକ। ଏହି ଘଟଣା ପାଇଁ ମୋଟାପା ୭୦ ପ୍ରତିଶତ ଦାୟୀ। ତେବେ ଏହାର ଆଉ କେତେକ କାରଣ ବି ଦେଖାଗଲାଣି। ଅନ୍ତ୍ରନଳୀର ବ୍ୟାକ୍ଟେରିଆ ବି ଫ୍ୟାଟି ଲିଭରର କାରଣ ହୋଇଥାନ୍ତି। ଏହା ପତଳା ଲୋକଙ୍କ ଠାରେ ମଧ୍ୟ ହୋଇପାରେ। ଅଧିକ ଚର୍ବି ଯୋଗୁ ଯକୃତ ସଂଙ୍କୁଚିତ ହୋଇଯାଏ ଏବଂ ଠିକ୍ ସମୟରେ ଚିକିତ୍ସା ନମିଳିଲେ ସିରୋସିସ୍‌ର ଆଶଙ୍କା ଦେଖାଯାଏ। ଯକୃତର ଆଉ ଏକ ସମସ୍ୟା ପ୍ରାୟତଃ ମହିଳାଙ୍କ ଠାରେ ଦେଖାଯାଏ। ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ। ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ। ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ। ୬୦-୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ। ତେଣୁ ଯକୃତ ପରୀକ୍ଷା କରାଇ ନେବା ଜରୁରୀ। ଏହା ଯକୃତର କ୍ଷମତା ଜଣାଇଥାଏ। ଫ୍ୟାଟି ଲିଭର ପାଇଁ ଅଲ୍‌ଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ। ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣାନପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି। ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ। ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ। ହେପାଟାଇଟିସ୍ ବି ଟୀକା ନେଇ ହେପାଟାଇଟିସ୍ ବି, ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ। ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବର, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ କୁହାଯାଉଥିବା ଯକୃତର ଯତ୍‌ପରନାସ୍ତି ସୁରକ୍ଷା ପାଇଁ ଆଜିର ଦିନରେ ଶପଥ ନିଅନ୍ତୁ। ଦେଖିବେ ଆପଣ ଏକ ଦିବ୍ୟ ଜୀବନ ଅତିବାହିତ ପାଇଁ ମାର୍ଗ ପାଇପାରିବେ।

ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଧୋତି ପିନ୍ଧା ନେତାଙ୍କ ଜମାନା ଗଲାଣି

॥ ବାଦଲ ଭୂୟାଁ ॥

ମୁଣ୍ଡ ଉପରେ ନିର୍ବାଚନ ତାତି। ଇଆଡ଼େ ବି ସହଯେ ଗରମର ତାତି। ସତରେ ନିର୍ବାଚନ ଏପରି ଏକ ସମୟ ଯେତେବେଳେ ରୋଷେଇ ଘର ଠାରୁ ଚା'ଖଟି, ଗାଁ ଛକ ମୁଣ୍ଡ ଠାରୁ କର୍ପୋରେଟ ହାଉସ ସବୁଠି ନିର୍ବାଚନର ହିଁ ଆଲୋଚନା। ଆଜିର ପ୍ରଚାର ସର୍ବସ୍ୱ ନିର୍ବାଚନ ବେଳେ ନିତି, ଆଦର୍ଶ, ବ୍ୟକ୍ତିତ୍ୱ ତ ଅଲଗା କଥା କିନ୍ତୁ ନେତାଙ୍କର ବେଶଭୂଷା ଏକ ବଡ଼ ସ୍ଥାନ ନେଇଥାଏ ଭୋଟରଙ୍କ ପାଖରେ। ପାଖାପାଖି ନବେ ଦଶକ ପର୍ଯ୍ୟନ୍ତ ଅଧିକାଂଶ ନେତା ଧୋତି ପିନ୍ଧୁଥିଲେ। ଏବେ କହିବାକୁଗଲେ ଧୋତି ପିନ୍ଧା ନେତାଙ୍କ ଜମାନା ଆଉ ନାହିଁ। ଫଟୋରେ ହେଉ ବା ବ୍ୟାନର କିମ୍ବା ଭୋଟରଙ୍କ ପାଖକୁ ଯାଆନ୍ତୁ। ବେଶଭୂଷା ବ୍ୟକ୍ତିତ୍ୱ ଏକ ବଡ଼ ଭୂଷଣ ତେଣୁ ପିନ୍ଧା ପରିପାଟୀକୁ ନେତାମାନେ ବେଶ ଗୁରୁତ୍ୱ ଦେଇଥାନ୍ତି। ନେତାମାନଙ୍କ ବେଶଭୂଷାର ଗୁରୁତ୍ୱ ବେଶ ବଡ଼ତ୍‌ରେ ରହୁଥିବାବେଳେ ଲୋକଙ୍କ ପସନ୍ଦକୁ ଦେଖି ନେତାଏ ପୋଷାକ ପରିଧାନ କରିଥାନ୍ତି। କେତେକ ନେତା ପ୍ରାୟତଃ ସୁଟବୁଟ ଆଉ ଆକର୍ଷଣୀୟ ଭେଲିକିର ରଙ୍ଗୀନ ପୋଷାକ ପିନ୍ଧିବା ଠାରୁ ଟିକିଏ ଦୂରେଇ ରହିଥାନ୍ତି। ଲୋକମାନଙ୍କ ଭିତରେ ଏକ ସଫେଦ ପ୍ରତିଛବିର ଧାରଣା ତିଆରି କରିବାକୁ ଧଳା ପୋଷାକକୁ ଅଧିକ ଗୁରୁତ୍ୱ ଓ ପ୍ରାଧାନ୍ୟ ଦିଆଯାଇଥାଏ। କହିବାକୁଗଲେ ଭାରତ ବର୍ଷରେ ସ୍ୱାଧୀନତା ପରଠାରୁ ଏଯାବତ୍ ନେତୃବର୍ଗଙ୍କ ନେତାଳିଆ ପୋଷାକ କହିଲେ ପ୍ରାୟତଃ ଧଳାକୁ ବୁଝାଏ। ଯଦି ତିନି ଦଶନ୍ଧି ତଳକୁ ଫେରିଯିବା ତେବେ ନେତାଙ୍କ ଡ୍ରେସକୋର୍ଡ଼ ସାଧାରଣତଃ ଧଳା ପାଇଜାମା ଓ ଧଳା ଧୋତି। ଧୋତିକୁ କୁଞ୍ଚମାରି ହାତରେ ଗୋଟିଏ କାନି ଧରିବା ଥିଲା ନେତାଙ୍କ ଏକ ଭିନ୍ନ ଅନ୍ଦାଜର ଟ୍ରେଡମାର୍କ ଷ୍ଟାଇଲ। ଦିନ ଥିଲା ଓଡ଼ିଶାର ମହାନ ଜନନାୟକ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଡକ୍ଟର ହରେକୃଷ୍ଣ ମହତାବ, ଜାନକୀବଲ୍ଲଭ ପଟ୍ଟନାୟକ, ପୂର୍ବତନ ବାଚସ୍ପତି ଶରତ କର, ପୂର୍ବତନ ବିଧାୟକ ଶେଖ ମତଲୁବ ଅଲ୍ଲୀ, ବିକ୍ରମ କେଶରୀ ବର୍ମା, ପ୍ରଫେସର କାଳନ୍ଦୀ ବେହେରା, ଦୋଳଗୋବିନ୍ଦ ପ୍ରଧାନ, ପଞ୍ଚାନନ କାନୁନଗୋ, କାହ୍ନୁ ଚରଣ ଲେଙ୍କା, ଦାମୋଦର ରାଉତ ଓ ପୂର୍ବତନ ନଗରପାଳ ତ୍ରିଲୋଚନ କାନୁନଗୋଙ୍କ ଭଳି ଓଡ଼ିଶାର ଅନେକ ରାଜନେତା ଦୀର୍ଘ ବର୍ଷ ଧରି ଧୋତି ପିନ୍ଧୁଥିଲେ କିନ୍ତୁ ସମୟକ୍ରମେ ଏହି ଧୋତି ପିନ୍ଧା ନେତାଙ୍କ ସଂଖ୍ୟାତ କମିଗଲା କିନ୍ତୁ ଅନେକ ବରିଷ୍ଠ ରାଜନେତା ନିଜ ରାଜନୈତିକ କ୍ୟାରିୟରର ଶେଷ ପର୍ଯ୍ୟନ୍ତ ଧୋତି ପଞ୍ଜାବୀ ପିନ୍ଧୁଥିଲେ। ଯଦିଓ କେହି କେହି କାଁ ଭାଁ କୌଣସି ପାରିବାରିକ କାର୍ଯ୍ୟକ୍ରମ ବା ବିଦେଶାଗତ ଅତିଥିଙ୍କ ସରକାରୀ କାର୍ଯ୍ୟକ୍ରମରେ ସୁଟ ପରିଧାନ କରିଥାନ୍ତି।

ଏବେ ଧୋତିର ଟ୍ରେଡ଼ମାର୍କ ଟିକିଏ ବଦଳି ଏହା ଟ୍ରାଉଜର ପଞ୍ଜାବୀର ଟ୍ରେଣ୍ଡରେ ପହଞ୍ଚିଗଲାଣି। ବର୍ତ୍ତମାନର ନେତାଙ୍କ ମନ ପସନ୍ଦର ଫର୍ମାଲ ଓ୍ୱେରର ଆକର୍ଷଣ ବଢୁଛି। ଧଳାଖଦି ସାର୍ଟ ସାଙ୍ଗକୁ ଫର୍ମାଲ ପ୍ୟାଣ୍ଟ ଏକ ଆଧୁନିକ ଫେସନରେ ପରିଣତ ହେଲାଣି। ଏହା ଯଦିଓ ଯୁବନେତାଙ୍କ ଆଗ୍ରହ ତେବେ କେବଳ ପ୍ୟାଣ୍ଟ ସାର୍ଟ ନୁହେଁ ବରଂ ଜୋତା ତୁଳନାରେ ଚପଲ ପିନ୍ଧା ନେତାଙ୍କ ସଂଖ୍ୟା ଏବେ ଅଧିକ। ତେବେ ନବେ ଦଶକ ପରେ ଧୋତି ପଞ୍ଜାବୀ ଟ୍ରେଣ୍ଡ ଟିକିଏ ବଦଳି ଏହା ଟ୍ରାଉଜର ପଞ୍ଜାବୀ ଫେସନକୁ ଆଦରିଲା। ଏହା ଅନେକ ନେତାଙ୍କ ଟ୍ରେଡମାର୍କ ଲୁକ ବୋଲି କୁହାଯାଏ। ଏହିଭଳି ଲୁକ ଭିତରେ ବର୍ତ୍ତମାନର ନେତାଙ୍କୁ ଖୋଜିଲେ ସାଂସଦ ଭର୍ତ୍ତୃହରି ମହତାବ, ପ୍ରତାପ ଜେନା, ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଦେବାଶିଷ ସାମନ୍ତରାୟ, ପ୍ରକାଶ ବେହେରା, ଇଂ.ମହମ୍ମଦ ମୋକିମ୍, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ଭଳି ନେତା ଏହି ଟ୍ରେଡମାର୍କ ଲୁକରେ ଯାଉଛନ୍ତି। ତାଙ୍କ ଏହି ବେଶଭୂଷା ରାଜନୈତିକ ମଇଦାନରେ ସମର୍ଥକ, ସହଯୋଗୀ ଓ ଅନୁଗତଙ୍କୁ କିନ୍ତୁ ବେଶ ଖୁସି ଦେଉଛି। କଥା ଉଠେ ନେତା ମାନଙ୍କର ଏହି ଲୁକ ସତରେ କ'ଣ କିଛି ସ୍ୱତନ୍ତ୍ରତା ରଖିଥାଏ? କେହି କେହି ଏହାକୁ ଏକ ପଲଟିକାଲ ନେସେସିଟି ବୋଲି କୁହନ୍ତି ଆଉ କେହି କେହି ଏହା ପିନ୍ଧିବାକୁ ଭଲ ଲାଗିଥାଏ ବୋଲି ଏହାକୁ ଗ୍ରହଣ କରିଥାନ୍ତି। କିନ୍ତୁ ନୂଆପିଢ଼ୀର ନେତାମାନେ ଏଥିରୁ ଟିକିଏ ନିଜ ପସନ୍ଦକୁ ବଦଳାଇ ଫର୍ମାଲ ପ୍ୟାଣ୍ଟ, ଧଳା ସାର୍ଟ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏହି ତାଲିକାରେ ପ୍ରଭାତ ବିଶ୍ୱାଳ, ଦେବୀ ପ୍ରସାଦ ମିଶ୍ର, ପ୍ରଶାନ୍ତ ବେହେରା, ଚନ୍ଦ୍ରସାରଥୀ ବେହେରା, ସୌଭିକ ବିଶ୍ୱାଳ, ଦେବୀରଞ୍ଜନ ତ୍ରିପାଠୀ ପ୍ରମୁଖ ଯିବେ। ଫର୍ମାଲ ଓ୍ୱେରରେ ଏମାନଙ୍କ ଧଳାସାର୍ଟ ଓ ଧଳା ପ୍ୟାଣ୍ଟ ପିନ୍ଧା ଅନ୍ଦାଜ ସମସ୍ତଙ୍କ ପସନ୍ଦ ହୋଇଥାଏ। ତେବେ ଭାରତୀୟ ରାଜନୀତିରେ ଏବଂ ଭାରତର ବିଭିନ୍ନ ପ୍ରାଦେଶିକ ଦଳ ଓ ଆଞ୍ଚଳିକ ଦଳର ନେତା ମାନଙ୍କର ତାଲିକା ଖୋଜିଲେ ଧୋତି ପିନ୍ଧା ନେତାଙ୍କ ତାଲିକା ଆହୁରି ଲମ୍ବିବ। ଏବେ ଯଦିଓ ବେଶପୋଷାକ ଓ ଆଦବ କାଇଦାକୁ ଲୋକମାନେ ଆଗ୍ରହର ସହିତ ଲକ୍ଷ୍ୟ କରୁଛନ୍ତି ତେଣୁ ନେତାମାନେ ନିଜ ପିନ୍ଧା ପରିପାଟୀକୁ ବେଶ ଗୁରୁତ୍ୱ ଦେଉଛନ୍ତି। କେହି କେହି ଧୋତିପିନ୍ଧା ଏକ ଅସହଜ ଓ ଅସୁବିଧା ଜନକ ବେଶ ପରିପାଟୀ କହୁଥିଲେ ମଧ୍ୟ ରାଜନୀତି କ୍ଷେତ୍ରରେ ଏହା ଏକ ମର୍ଯ୍ୟାଦା ଓ ସମ୍ମାନର ଗୁରୁତ୍ୱ ବଢ଼ାଇ ଦେଇଥାଏ କିନ୍ତୁ ଭୋଟ କ୍ଷେତ୍ରରେ ଧୋତି ପିନ୍ଧା ବା ସୁଟବୁଟ ପିନ୍ଧା ଏସବୁ ପ୍ରୟୋଜନ ରଖେ କିମ୍ବା ନାହିଁ ସେ ଉତ୍ତର ସେ ନିଜେ ସେ ନେତାମାନେ ଦେଇପାରିବେ !

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭ଏକ୍ସଟେନସନ ରୋଡ଼, ପୁରୁଣା ସୋନାରି, ଜାମସେଦପୁର, ଝାରଖଣ୍ଡ,

ଦୂରଭାଷ : ୯୨୦୪୬୫୨୦୬୫ / ୭୪୮୮୯୯୮୫୩୨

ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



## ସରକାରଙ୍କ ପଲିଥିନ୍ କଟକଣାକୁ ଆସିକାରେ ବେଖାତିର

ଆସିକା, (ମହାଭାରତ) : ଏକକ ବ୍ୟବହୃତ ପଲିଥିନ୍ ନିଷେଧକୁ ପ୍ରାୟ ସାଢେ ୪ ବର୍ଷ ବିତିବାକୁ ଯାଉଥିବା ବେଳେ ଏହି କଟକଣା ଏକ ପ୍ରକାର ଅଧପତନିଆ । କଟକଣା ଲାଗୁ ହେବା ପରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢାଉ ଯୋଗୁଁ ଦୋକାନ ବଜାରରେ ପଲିଥିନ୍ ବିକ୍ରି ଓ ବ୍ୟବହାର ଦେଖିବାକୁ ମିଳୁନଥିଲା ବେଳେ ଏବେ ଧିରେ ଧିରେ ଏହି ପଲିଥିନ ବେପାର ତାର କାୟାବିସ୍ତାର କରିବାରେ ଲାଗିଲାଣି । ଯଦିଓ ପଲିଥିନ୍ ବ୍ୟବହାର କମିଛି କିନ୍ତୁ ବିଭିନ୍ନ ଶୁଖିଲା ଖାଦ୍ୟ ସାମଗ୍ରୀ ସକାଶେ ଦେଶୀ ବିଦେଶୀ କମ୍ପାନୀ ମାନଙ୍କ ଜରି ବ୍ୟବହାରରେ କୌଣସି ପ୍ରକାର ପରିବର୍ତ୍ତନ ଘଟିନଥିବା ଦେଖିବାକୁ ମିଳୁଛି । ୨୦୧୯ ମସିହା ଗାନ୍ଧୀ ଜୟନ୍ତିରୁ ଏକକ ବ୍ୟବହୃତ ପଲିଥିନ୍ ବନ୍ଦ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେବା ପରେ ଓଡିଶା ସମେତ ସମଗ୍ର ଦେଶରେ ଏହି ନିୟମ ଲାଗୁ କରାଯାଇଛି । ଗାନ୍ଧୀ ଜୟନ୍ତି ପରେ ପରେ ସରକାରୀ କଳ ତତ୍ପର ହୋଇ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢାଉ କରିବା ଫଳରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦର କୌଣସି ବି ବ୍ୟବସାୟିକ ପ୍ରତିଷ୍ଠାନରେ ପଲିଥିନ୍ ଦେଖିବାକୁ ମିଳିନଥିଲା । କିନ୍ତୁ ଧିରେ ଧିରେ ବ୍ୟବସାୟୀ ଓ ଗ୍ରାହକ ମାନେ ପଲିଥିନ୍ ବ୍ୟବହାର କରିବା ଆରମ୍ଭ କରିଦେଲେଣି । ପାର୍ବଣ ସମୟରେ ବିପୁଳ ପରିମାଣରେ ପଲିଥିନ୍ କାରବାର ହୋଇଥିବା ବେଳେ ବିନା ଭୟରେ ଏବେ ବ୍ୟବସାୟିକ ପ୍ରତିଷ୍ଠାନ ମାନେ ବିକ୍ରି ଓ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି । ତେବେ ଜରିମାନା ଭୟରେ କେତେକ ବ୍ୟବସାୟିକ ଅନୁଷ୍ଠାନ ପଲିଥିନ୍‌ର ବିକଳ୍ପ ଭାବେ କାଗଜ ମୁଣି ଓ କପଡା ବ୍ୟାଗ୍ ବ୍ୟବହାର କରୁଥିବାର ଦେଖିବାକୁ ମିଳୁଛି । କିନ୍ତୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ସକାଶେ ବ୍ୟବହୃତ ଜରି ଉପରେ କୌଣସି କଟକଣା ନଥିବାରୁ ତାହା ମୁଣ୍ଡବିନ୍ଧାର କାରଣ ହୋଇଛି । ବିଭିନ୍ନ କମ୍ପାନୀର ବିସ୍କେଟ ଠାରୁ ଆରମ୍ଭ କରି ବିଭିନ୍ନ ଦେଶୀ ବିଦେଶୀ କମ୍ପାନୀର ଶୁଖିଲା ଖାଦ୍ୟ, ନୁଡୁଲ୍ସ ଇତ୍ୟାଦି ପାଇଁ ବ୍ୟବହୃତ ଜରି ଗାଁ ଠାରୁ ଆରମ୍ଭ କରି ସହର ଯାଏଁ ପରିବେଶ ପ୍ରଦୁଷଣ କରୁଛି । ଜରି ଗୋଟାଳି ମାନେ ପୂର୍ବଭଳି ଆଉ ଏହାକୁ ନେଉନଥିବାରୁ ଏବଂ ଏହାକୁ କେହି ଖରିଦ କରୁନଥିବାରୁ ଏହା ଏକ ମୁଖ୍ୟ ସମସ୍ୟା ପାଲଟିଛି । ଫଳରେ ପଲିଥିନ୍ କଟକଣାକୁ ଏହା ଏକ ପ୍ରକାର ଉପହାସ କରିବାରେ ଲାଗିଲେଣି । ଅନୁରୂପ ଭାବେ ବିଭିନ୍ନ ଦୁଗ୍ଧ କମ୍ପାନୀ ଗୁଡ଼ିକ ବ୍ୟବହାର କରୁଥିବା ପଲିଥିନ୍ ବି ସହରରେ ଉଡ଼ି ବୁଲୁଛି । ଅବଶ୍ୟ ଜରି ଗୋଟାଳି ମାନେ ଏହାକୁ ନେଇ ବିକ୍ରି କରୁଥିବା ଦେଖିବାକୁ ମିଳୁଛି । ନିୟମ ଲାଗୁ ହେବା ପରେ ସରକାରୀ କଳ ପଲିଥିନ୍ କଟକଣାକୁ ଯେଉଁଭଳି କଡାକଡି ଭାବେ ପାଳନ କରୁଥିଲେ ତାହା ଆଉ ଦେଖିବାକୁ ମିଳୁନାହିଁ । କେତେବେଳେ କାଁ ଭାଁ କେତୋଟି ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢାଉ କରି କାମ ସାରି ଦେଉଥିବା ଦେଖିବାକୁ ମିଳୁଛି । ସ୍ଥାନୀୟ ଅଞ୍ଚଳରେ ଏଭଳି ଲୋକ ଦେଖାଣିଆ ଚଢାଉ ପରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ବ୍ୟବସାୟୀ ମାନେ ପଲିଥିନ ବିକ୍ରି କରିବା ଆରମ୍ଭ କରିଦେଲେଣି । ସେହିଭଳି ଏକକ ବ୍ୟବହୃତ ପ୍ଲାଷ୍ଟିକ ପାଣି ବୋତଲ ଉପରେ କୌଣସି କଟକଣା ନଥିବାରୁ ସହର ସାରା ଏବେ ଜରି ମୁଣା ଭଳି ପ୍ଲାଷ୍ଟିକ ବୋତଲ ଗଡୁଛି । ଏକକ ବ୍ୟବହୃତ ପଲିଥିନ୍ ଓ ପ୍ଲାଷ୍ଟିକ ସାମଗ୍ରୀ ଉପରେ କଟକଣା ଲଗାଇବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ଘୋଷଣା କରିଥିବା ବେଳେ ଏହା କେଉଁଠୁ ଆସୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ହାଟ ବଜାରରେ ଛୋଟ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢାଉ କରିବା ଅପେକ୍ଷା ଏହାକୁ ପ୍ରସ୍ତୁତ କରୁଥିବା କାରଖାନା ଉପରେ ଚଢାଉ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ପ୍ରକୃତ ସୁଫଳ ମିଳିପାରିଥାନ୍ତା ବୋଲି ଅଞ୍ଚଳର ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି ।

## ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଗସ୍ତ ଓ ନିର୍ବାଚନ ସମ୍ବନ୍ଧୀୟ ସମୀକ୍ଷା



କଳାହାଣ୍ଡି/ଭବାନୀପାଟଣା, (ମହାଭାରତ) : ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହ ରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଗ୍ରହଣରେ କଳାହାଣ୍ଡି ଜିଲ୍ଲା ଓ ନୂଆପଡ଼ା ଜିଲ୍ଲାର ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ କମିଟିର କାର୍ଯ୍ୟକୁ ସମୀକ୍ଷା କରାଯାଇଛି । କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୈବଭ ସିଂ ଚୌହାନ, ଲାଞ୍ଜିଗଡ, ନର୍ଲା ଓ ଭବାନୀପାଟଣା ନିର୍ବାଚନ ମଣ୍ଡଳୀ ପାଇଁ କେ ସୁରଜିତ ଏବଂ ଜୁନାଗଡ ଓ ଧର୍ମଗଡ ନିର୍ବାଚନ ମଣ୍ଡଳୀ ସହ ନୂଆପଡ଼ା, ଖରିଆର ପାଇଁ ମନି ଶଙ୍କର ବରଦୋଲଈ ପ୍ରମୁଖ ପର୍ଯ୍ୟବେକ୍ଷକ ରୂପେ ନିର୍ବାଚନ କମିଶନ ଦ୍ୱାରା ନିଯୁକ୍ତି ପାଇଛନ୍ତି । ବୈଠକ ରେ ୫ ଟି ନିର୍ବାଚନ ମଣ୍ଡଳୀ ଓ ୧ ଟି ଲୋକସଭା ଆସନ ପାଇଁ ୬ ଜଣ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଙ୍କ ସହ ଆୟକର ବିଭାଗ, ସି ଟି ଜି ଏସ ଟି ବିଭଗ, ଅବକାରୀ ବିଭାଗ, ବନ ବିଭାଗ,ପରିବହନ ବିଭାଗ ଅଧିକାରୀ ଙ୍କ ସହ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦର୍ଶାନ, ତ୍ରିଲୋଚନ ପାତ୍ର, ସି ଡି ଓ ଜିଲ୍ଲା ପରିଷଦ ଦୟାମୟ ପାଢ଼ୀ, ଉପ ଜିଲ୍ଲାପାଳ, ଧର୍ମଗଡ ଧିମନ୍ ଚକମା,ଉପ ଜିଲ୍ଲାପାଳ ଭବାନୀପାଟଣା ବିଶ୍ୱଜିତ ଦାସ, ନିର୍ବାଚନ ସଂଯୁକ୍ତ ଅଧିକାରୀ, ଡି ଆଇ ପି ଆର୍ ଓ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ଚୌହାନ ଏବଂ କେ ସୁରଜିତ ବିଭିନ୍ନ ଟିମ୍ ଭି ଏସ ଟି, ଏସ ଏସ ଟି, ଭି ଏସ ଟି, ଆକାଉଣ୍ଟ ଟିମ୍, ଫ୍ଲାଇଙ୍ଗ ସ୍କ୍ୱାଡ, ଏମ ସି ଏମ ସି ଟିମ୍ ର ନୋଡାଲ ଅଧିକାରୀଙ୍କ କାର୍ଯ୍ୟ କୁ ସମୀକ୍ଷା କରିଥିଲେ ଏବଂ ନିର୍ବାଚନକୁ ଅବାଧ, ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ଅଧିକାରୀ ଗଣ ନିଜ ଦାୟିତ୍ୱକୁ ଠିକ ଭାବେ ନିର୍ବାହ ସହ ଜେ କୌଣସି ଆଚରଣ ବିଧି ଉଲଘଂନକୁ ଧରିବା ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣ ଖର୍ଚ୍ଚ ସମ୍ବନ୍ଧିତ କିମ୍ବା ଆଚରଣ ବିଧି ଉଲଘଂନ ଅଭିଯୋଗ ବିଷୟ ଉପରେ ଭୈବଭ ସିଂ ଚୌହାନଙ୍କୁ ୭୦୦୮୩ ୮୦୦୮୩, କେ ସୁରଜିତଙ୍କୁ ୬୩୭୦୪ ୪୯୬୪୫,ମନି ଶଙ୍କର ବର୍ଦୋଲଇଙ୍କୁ ୭୬୦୬୯୭୭୨୬୩ ନମ୍ବରରେ ଅଭିଯୋଗ କରିପାରିବେ।

## କପ୍ତିପଦା ବ୍ଲକରେ ୧୦ଟି ଗୋଲାପୀ ମତଦାନ କେନ୍ଦ୍ର

କପ୍ତିପଦା, (ମହାଭାରତ) : ମହାଭାରତ କପ୍ତିପଦା -ଉଦଳା ନିର୍ବାଚନ ମଣ୍ଡଳୀ ୩୧ଏସଟି ସଂରକ୍ଷିତ ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ମାନଙ୍କର ପ୍ରଚାର,ନିର୍ବାଚନର ଉଷ୍ମତା ସୃଷ୍ଟି କରିଛି, ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ପୋଲିସ ମଧ୍ୟ ସକ୍ରିୟ ହୋଇଉଠିଛି । ବିଡ଼ିଓ ସିଦ୍ଧେଶ୍ୱର ନାୟକ ମଧ ବୁଥ ପରିଦର୍ଶନ କରି ବିଭିନ୍ନ ବ୍ୟବସ୍ଥା କରୁଥିବା ଜଣାପଡିଛି। ଆସନ୍ତା ଜୁନ ୪ତାରିଖରେ ଉଦଳା ନିର୍ବାଚନ ମଣ୍ଡଳୀ କପ୍ତିପଦା ବ୍ଲକର ୧୭ଗୋଟି ପଞ୍ଚାୟତର ୭୨ହଜାର ୫ଜଣ ଭୋଟର ନିଜର ମତ ସାବ୍ୟସ୍ତ କରିବେ । ଏଥିପାଇଁ ବିଭିନ୍ନ ବିଦ୍ୟାଳୟରେ ୮୮ଟି ବୁଥ କରାଯାଉଥିବା ସୂଚନା ମିଳିଛି, ସେଗୁଡ଼ିକ ମଧରେ ୧୦ଟି ଗୋଲାପୀ ମତଦାନକେନ୍ଦ୍ର ରହିଛି ଇକୋପୁଲିଂ ବୁଥ ୪ଟି ଥିବାବେଳ ମାଙ୍କିଡିଆ, ଲୋଧା, ଖଡିଆ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ୪ଟି ବୁଥ କରାଯାଇଥିବା ଜଣାପଡିଛି । ସେହିଭଳି କରଞ୍ଜିଆ ୩୦ଏସଟି ସଂରକ୍ଷିତ କପ୍ତିପଦା ବ୍ଲକର ୯ଟି ପଞ୍ଚାୟତରେ ମେ ୨୫ତାରିଖରେ ମତଦାନ କରାଜିବ, ଏଥିରେ ମୋଟ ୩୩ହଜାର ୪୮୩ଜଣ ମତଦାନ କରିବେ ବୋଲି ଜଣା ପଡିଛି। ଗ୍ରୀଷ୍ମପ୍ରବାହକୁ ଆଖରେ ରଖି ମତଦାତାଙ୍କ ପାଇଁ ପ୍ରତି ବୁଥରେ ଉତ୍ତମ ମାନର ପ୍ରତିରକ୍ଷା ବ୍ୟବସ୍ଥା ଓ ପାନୀୟଜଳ ବ୍ୟବସ୍ଥା କରାଯିବା ପାଇଁ ବହୁମତ ପ୍ରକାଶ ପାଇଛି ।

## ସାଇକେଲକୁ ଧକାଦେଲା ବାଇକ, ସାଇକେଲ ଚାଳକ ଗୁରୁତର

ଆସିକା, (ମହାଭାରତ) : ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ରୁଗୁମୁ ଗ୍ରାମରେ ସାଇକେଲକୁ ଧକା ଦେଲା ବାଇକ। ଦୁର୍ଘଟଣାରେ ସାଇକେଲ ଚାଳକ ଗୁରୁତର ହୋଇଛନ୍ତି । ଗୁରୁତର ବ୍ୟକ୍ତି ଆଡ଼ିବନ୍ଧ ଗ୍ରାମର ରାଧା ନାଇକ ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଆଜି ରାତି ୮ ଟା ସମୟରେ ରାଧା ନାଇକ ନିଜ ସାଇକେଲ ଯୋଗେ ନିଜ ଆଡିବନ୍ଧ ଗ୍ରାମକୁ ଯିବା ସମୟରେ ବିପରୀତ ଦିଗରୁ ଆସୁଥିବା ଗୋଟିଏ ବାଇକ ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ରାଧାଙ୍କୁ ଗୋଡ଼ ହାଡ଼ ଭାଙ୍ଗି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଧାରକରୀ ଆମ୍ବୁଲାନ୍ସ ଯୋଗେ ଚିକିତ୍ସାନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଥିବା ବେଳେ ଏଠାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

## ଉପଖଣ୍ଡ ଚିକିତ୍ସାଳୟ ଅଗ୍ନିନିରାପତ୍ତା ସଚେତନତା କାର୍ଯ୍ୟକ୍ରମ

ଆସିକା, (ମହାଭାରତ) : ଆସିକା ଉପଖଣ୍ଡ ଚିକିତ୍ସାଳୟ ଠାରେ ଆସିକା ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଗ୍ନିଶମ ସେବା ସପ୍ତାହ ଅବସରରେ ସ୍ୱାସ୍ଥ୍ୟ ଭଳି ଏକ ଗୁରୁତ୍ୱ ପୂର୍ଣ୍ଣ ମେଡିକାଲରେ ନିଆଁ ଏବଂ ଦୁର୍ଘଟଣା ରୁ କିଭଳି ଦୁରେଇ ରହିବେ ସେଥି ନିମନ୍ତେ ପରାମର୍ଶ ଦେଇଥିଲେ । ଓଡିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବା ସଂସ୍ଥା ଦକ୍ଷିଣାଞ୍ଚଳ, ବ୍ରହ୍ମପୁର ଓ ଆସିକା ଦମକଳ କେନ୍ଦ୍ରର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମ ରେ ଉପଖଣ୍ଡ କାର୍ଯ୍ୟାଳୟ ର ଅଧିକ୍ଷକ ଡାକ୍ତର ଦୀପକ ସାମନ୍ତରାୟ, ଡାକ୍ତର ଆଶୁତୋଷ ମହାପାତ୍ର, ଆଶୁତୋଷ ପଟନାୟକ, ସେବିକା ବିଷ୍ଣୁ ପ୍ରିୟା ବିଷୋୟୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ସରସ୍ୱତୀ ରାଓ, ଲେବ ଟେକନିସିଆନ ରାଜେନ୍ଦ୍ର ପାତ୍ର, ସୋମନାଥ ବରକ୍ଷଡ଼, ଏଡିଓ ରମାକାନ୍ତ ସାହୁ, ସୁନୀଲ ଘଢେଇ, ନିର୍ମଳ ସୁପେରଭାଇଜର ଅମିତ କୁମାର ଦାଶଙ୍କ ସମେତ ଅନେକ ନିରାପତ୍ତା କର୍ମଚାରୀ ରହିଥିବା ବେଳେ, ଆଗ୍ନିକ ଅଧିକାରୀ କୈଳାଶ ସାହୁ, ସୁଶାନ୍ତ କୁମାର ବେହେରା, ପ୍ରକାଶ କଁଅର, ବିଶ୍ୱନାଥ ବାଗର୍ତ୍ତି, ବିଭୁ ପ୍ରସାଦ ବଡ଼ ଜେନା ପ୍ରମୁଖ ସହଯୋଗ କରିଥିଲେ । ମେଡିକାଲ ରେ ହଠାତ ନିଆଁ ଲାଗିଲେ କିଭଳି ରୋଗୀକୁ ସହଜରେ ସ୍ଥାନାନ୍ତରିତ କରାଯିବା କୌଶଳ, ସଟ ସର୍କିଟରୁ ରକ୍ଷା ପାଇବାକୁ ହେଲେ ତୁରନ୍ତ ଅଗ୍ନି ନିରାପତ୍ତା ମେସିନ ର ବ୍ୟବହାର ସମେତ ଅଗ୍ନି ସୁରକ୍ଷା ଜୀବନ ରକ୍ଷା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

## ସହିଦ ଭଗିରଥ ମହାନ୍ତିଙ୍କ ସ୍ମୃତିଚାରଣ ସଭା




କପ୍ତିପଦା, (ମହାଭାରତ) : କପ୍ତିପଦା ବ୍ଲକ ଧୂମକ୍ଷେତ ଗ୍ରାମର ଭଗିରଥ ମହାନ୍ତି ଭାରତୀୟ ସେନାରେ ଦୀର୍ଘ ୨୦ ବର୍ଷ କାମକରି ଦେଶସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ଶେଷରେ ଦେଶମାତୃକାର ସେବା ସମୟରେ ସହିଦ ହୋଇ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ଅନ୍ତିମ ସତ୍କାର କରାଯାଇଥିଲା । ଶ୍ରୀ ମହାନ୍ତି ପ୍ରତିବର୍ଷ ବାସନ୍ତୀ ପୂଜାରେ ଛୁଟିରେ ଆସି ମା'ଙ୍କ ପୂଜାର୍ଚ୍ଚନାରେ ସକ୍ରିୟ ଅଂଶଗ୍ରହଣ କରୁଥିଲେ।

## ଆସୁଛି ନିର୍ବାଚନ, ଗାଁ ଗାଁରେ ଖୋଲୁଛି ବେଆଇନ ମଦ ଗୋଦାମ !

ଜୁନାଗଡ଼, (ମହାଭାରତ): କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ନିର୍ବାଚନ ମଣ୍ଡଳୀରେ ବେଆଇନ ଦେଶୀ ଓ ବିଦେଶୀ ମଦ ଅଞ୍ଚଳର ପ୍ରମୁଖ ସ୍ଥାନ ମାନଙ୍କ ରେ ସହଜେ ଉପଲବ୍ଧ ହେଉଛି । ବୁଲା ବିକାଳି ଫେରିବାଲା ମାନଙ୍କ ଭଳି ମଟର ସାଇକେଲ ଯୋଗେ ଭାଟି ଓ ବିଦେଶୀ ମଦ ଦୋକାନ ମାଲିକ ମାନଙ୍କ କର୍ମଚାରୀ ମାନେ ଗାଁ କୁ ଗାଁ କୁଚିଆ ମାନଙ୍କୁ ଯୋଗାଣ କରୁଛନ୍ତି । ଅନେକ ସମୟରେ ଦେଶୀ ଓ ବିଦେଶୀ ମଦ ପୁଲିସ ଓ ଅବକାରୀ ବିଭାଗ ଦ୍ୱାରା ଜବତ ହେଉଥିଲେ ହେଁ କୁଚିଆ ମାନଙ୍କୁ ଧରି ଦଣ୍ଡ ବିଧାନ କରାଯାଉଥିବା ବେଳେ ମାଲିକ ମାନଙ୍କ ପର୍ଯ୍ୟନ୍ତ ଆଇନର ହାତ ପହଞ୍ଚି ପାରୁନଥିବା ଲୋକଙ୍କୁ ବୋଧଗମ୍ୟ ନୁହେଁ। ମଦପାଉଚରେ ସଠିକ ଭାବେ ପ୍ରସ୍ତୁତି ଓ ଶେଷ ତାରିଖ, ମଦ ର ପରିମାଣ ସଠିକ ଭାବେ ଦର୍ଶା ଯାଇନାହିଁ । ମଦ ପାଉଚ ଜବତ ସମୟରେ ମଦ ପାଉଚ ଗୁଡ଼ିକରେ ଯଦି ସମ୍ପୃକ୍ତ ମଦଭାଟିର ଲୋଗୋ ରହୁଛି ତେବେ ସେହି ମଦ ପାଉଚର ମଦ ଭାଟି ମାଲିକଙ୍କୁ ଆଇନର ପରିସର ଭୁକ୍ତ କରାଯାଉ ନାହିଁ କାହିଁକି ? ବେଆଇନ ବିଦେଶୀ ମଦ ମଧ ସହର ଓ ଗ୍ରାମାଞ୍ଚଳ ମାନଙ୍କରେ ସହଜରେ ଉପଲବ୍ଧ ହେଉଛି । ଆଗୁଆ ନିର୍ବାଚନକୁ ଦୃଷ୍ଟିରେ ରଖି ସମ୍ପ୍ରତି ଦେଶୀ ଓ ବିଦେଶୀ ମଦ ମାଫିଆ ମାନେ ଏବେ ଠାରୁ ବିପୁଳ ପରିମାଣରେ ମଦ ବେଆଇନ ଭାବେ ଗଚ୍ଛିତ ରଖୁଥିବା ଶୁଣା ଯାଉଛି । ଏହି ଅଞ୍ଚଳର ପ୍ରମୁଖ ରାସ୍ତା ମାନଙ୍କରେ ଥିବା ଜଳଖିଆ ଓ ଚଖଣା ଦୋକାନ ମାନଙ୍କ ପାଇଁରେ ଦେଶୀ ଓ ବିଦେଶୀ ମଦ ଯାହାକୁ ଯେତେ । ଏପରି ସ୍ଥଳେ ମଦ ସାମ୍ରାଜ୍ୟର କାୟା ବିସ୍ତାର ଏହି ନିର୍ବାଚନ ମଣ୍ଡଳୀରେ ଲାଗି ରହିଲେ ଆଗାମୀ ନିର୍ବାଚନର ସ୍ୱଚ୍ଛତା ପ୍ରଭାବିତ ହେବା ବୁଦ୍ଧିଜୀବୀ ଆଶଙ୍କା କରୁଛନ୍ତି । ଏଥି ପ୍ରତି ରାଜ୍ୟ ଅବକାରୀ କମିଶନର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି

## ଭିନ୍ନକ୍ଷମ ଯୁବତୀ ଓ ତାଙ୍କ ପରିବାରକୁ ମାଡ ଅଭିଯୋଗ

ରାଜନଗର, (ମହାଭାରତ) : ରାଜନଗର ବ୍ଲକ ଡେରା ପଚାଂୟତ ଗୋଖଣୀ(ଡାହାଣିଆଡି) ଗ୍ରାମର ଭିନ୍ନକ୍ଷମ ଯୁବତୀ ମେନକା ମହାନ୍ତି(୨୩) ରାଜନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଗତ ୧୭ତାରିଖ ବୁଧବାର ରାତି ପ୍ରାୟ ୧୧ଟା ସମୟରେ ତାଙ୍କ ଗ୍ରାମ ହନୁମାନ ପୂଜାରେ ଉଚ୍ଚ ସ୍ୱରରେ ମାଇକ୍ ବାଜୁଥିବାରୁ ମାଇକ୍ ସାଉଣ୍ଡ ବନ୍ଦ କରିବାକୁ ଅପରେଟରଙ୍କୁ କହିଥିଲେ । ମାଇକ ଅପରେଟର ଡେରା ଗ୍ରାମର ନଳିନୀ ସ୍ୱାଇଁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧକ୍କା ମାରିଥିଲେ । ଏକଥାକୁ ପ୍ରତିବାଦ କରିବାରୁ ମାଇକ୍ ଅପରେଟର କିଛି ଭଟାଟିଆ ଗୁଣ୍ଡାଙ୍କୁ ସାଙ୍ଗରେ ଆଣି ତାଙ୍କ ପରିବାରଙ୍କୁ ଜୀବନରୁ ମାରିଦେବାକୁ ଧକମ ଚମକ ଦେଇଥିଲେ । ଏନେଇ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠାନ କାମ ସରିବା ପରେ ଗ୍ରାମବାସୀମାନେ ବିଚାର କରିବେ ବୋଲି ସ୍ଥିର ହୋଇଥିଲା । ମାତ୍ର ଆସାମୀମାନେ ଶୁକ୍ରବାର ଦିନ ମାଇକ ଅପରେଟର ନଳିନୀ ସ୍ୱାଇଁ, ସୁରେଶ ସ୍ୱାଇଁ, ଗଣେଷ ସ୍ୱାଇଁ, ହଡି ସ୍ୱାଇଁ, ସୁର ସ୍ୱାଇଁ, ନିଳା ସ୍ୱାଇଁ, ବୁଲୁ ନାୟକ(ସମସ୍ତଙ୍କ ଗ୍ରାମ ଡେରା) ପ୍ରମୁଖ ଆମ ପରିବାରବର୍ଗଙ୍କୁ ମାରିବା ନିମନ୍ତେ ମାରଣାସ୍ତ୍ର ଧରି ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ମୋର ଚୁଟିକୁ ଧରି ଘୋଷାଡି ମୋ ଫୋନକୁ ଛଡାଇ ନେବା ସହ ମୋ ବାମହାତ ଆଙ୍ଗୁଠିକୁ ଖଣ୍ଡିଆ କରି ଦେଇଥିଲେ । ମୋର ବାବାଙ୍କ ଡାହାଣ ଗୋଡର ପାଦକୁ ହାଣିବା ସହ ଆମ ବଡଭାଇଙ୍କ ଡାହାଣ ଗୋଡକୁ ବାଡେଇ ଫଟାଇ ଦେଇଛନ୍ତି । ମଝିଆ ଭାଇଙ୍କ ମୁହଁକୁ ମାଡମାରି ତାଙ୍କ ଆଖିକୁ ରକ୍ତାକ୍ତ କରି ଦେଇଛନ୍ତି ବୋଲି ଥାନାରେ ଅଭିଯୋଗ କରିବା ସହ ନ୍ୟାୟ ଭିକ୍ଷା କରିଛନ୍ତି । ଏସଂପର୍କରେ ଆଇଆଇସି ଅଜୟକୁମାର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇନଥିଲା ।

## ନାଉକୋଣାରେ ବାସନ୍ତୀକ ଦୁର୍ଗାପୂଜା ଉଦଯାପିତ

ରାଜନଗର, (ମହାଭାରତ) : ରାଜନଗର ବ୍ଲକ ବ୍ରାହ୍ମଣସାହି ପଚାଂୟତ ନାଉକୋଣା ରେ ମା ଚଇତ୍ର ବାସନ୍ତୀକ ଦୁର୍ଗା ଉତ୍ସବ ଉଦଯାପିତ ହୋଇ ଯାଇଛି । ଏହି ମାସ ଚଉଦ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ୧୮ ତାରିଖରେ ଶେଷ ହୋଇଛି। ରବିବାର ଦିନ ବେଲାଧିବାସ ଅନୁଷ୍ଠିତ ହୋଇ ଦଶମୀ ପର୍ଯ୍ୟନ୍ତ ଚାଲିଥିଲା । ୫୬ ବର୍ଷ ହେଲା ଅନୁଷ୍ଠିତ ହୋଇ ଆସୁଥିବା ଏହି ମାଙ୍ଗଳିକ କାର୍ଯ୍ୟ ସହିତ ଗୋ ପୂଜନ ଓ କୋଡିଏ ବର୍ଷ ହେଲା ଚବିଶ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି । ଶେଷ ଦିନ ବିସର୍ଜନ ଦିବସରେ ପ୍ରତି ବର୍ଷ ପରି ଏ ବର୍ଷ ମଧ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମର ସୁଯୋଗ୍ୟ ସନ୍ତାନ ଡ଼ଃ ସଂଗ୍ରାମ କେଶରୀ ମଲ୍ଲିକ ଡ଼କ୍ଟରେଟ ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ଼ଃ କେଳୁ ଚରଣ ସ୍ୱାଇଁ ତାଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ରବୀନ୍ଦ୍ର କୁମାର ପଢିହାରୀ, ସମ୍ପାଦକ ରବୀନ୍ଦ୍ର କୁମାର ଜେନା, ଶିକ୍ଷାବିତ ଅକ୍ଷୟ କୁମାର ପଢିହାରୀ, ପ୍ରମୁଖ ଉପସ୍ଥିତ ରହି ଅଭିଭାଷଣ ପ୍ରଦାନ କରିଥିଲେ ।

## କଲମପୁର ଛକ ଗାୟତ୍ରୀ ମନ୍ଦୀର ପାଖକୁ ସ୍ଥାନାନ୍ତର ହେଲା ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସ କାର୍ଯ୍ୟାଳୟ

ଜୁନାଗଡ଼, (ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ୍ ଆମ୍ବଗଛ ପଡ଼ାରେ ଥିବା ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସ କାର୍ଯ୍ୟାଳୟ କଲମପୂର୍ ଛକ ଗାୟତ୍ରୀ ମନ୍ଦୀର ପାଖ ରଞ୍ଜିତ କୁମାର ସାହୁଙ୍କ ଘରେ ସ୍ଥାନାନ୍ତର ହୋଇଛି। ପୂର୍ବରୁ ରଶ୍ମି ଟେଲର ପାଖ ଆମ୍ବଗଛ ପଡ଼ାରେ ରହିଥିଲା ଏହି ଫାଇନସ କାର୍ଯ୍ୟାଳୟ। ଗ୍ରାହକଙ୍କ ଯିବା ଆସିବା ଓ ନୂତନ ଖାତାଧିକାରୀଙ୍କୁ ଅସୁବିଧା ହେଉଥିବା ହେତୁ ଜନ ସାଧାରଣଙ୍କ ସୁବିଧା ପାଇଁ ଉକ୍ତ ମାଇକ୍ରୋ ଫାଇନାସର ଏରିଆ ମ୍ୟାନେଜର ଓ ବ୍ରାଞ୍ଚ ମ୍ୟାନେଜର ଓ ଆସିଷ୍ଟାଣ୍ଟ ବ୍ରାଞ୍ଚ ମ୍ୟାନେଜରଙ୍କ ନେତୃତ୍ୱରେ ସ୍ଥାନାନ୍ତର ହୋଇଛି। ଏହି ଆଶିର୍ବାଦ ମାଇକ୍ରୋ ଫାଇନାନ୍ସ ବ୍ରାଞ୍ଚ ସ୍ଥାନାନ୍ତରକୁ ନେଇ ଏରିଆ ମ୍ୟାନେଜର ଦିଲ୍ଲୀପ କୁମାର ସେନାପତି ପ୍ରକାଶ କରିଛନ୍ତି।

## ବ୍ୟକ୍ତିଙ୍କ ମୃତ୍ୟୁ କାରଣ ଅସ୍ପଷ୍ଟ

ଯୋଡା, (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ଥାନା ବିଲେଇ ପଦା ଫାଣ୍ଡି ଅନ୍ତର୍ଗତ କୁଟାରିପୋଷି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଆକସ୍ମିକ ମୃତ୍ୟୁ ଘଟିଥିବା ପୋଲିସ ସୂଚନା ଦେଇଛି । ସୂଚନା ଅନୁଯାୟୀ, ବ୍ୟକ୍ତି ଜଣକ ହେଲେ ଉକ୍ତ ଗ୍ରାମର ଟଙ୍କଧର ମହାନ୍ତ(୪୫) ।ସେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ଦୈନିକ ସେ ବାଇକ୍ ଯୋଗେ ସୁଦୂର ସୁକ୍ରୁଳି ଅଞ୍ଚଳ ରେ କାମ କରି ଘରକୁ ଫେରନ୍ତି । ଗୁରୁବାର ମଧ ସେହିପରି ଯାଇ ଅପରାହ୍ନରେ ଘରକୁ ଫେରି ଖାଇ ପିଇ ଘରେ ବସିଥିଲେ । ତେବେ ହଠାତ୍ ସେ ତଳେ ପଡ଼ି ଯାଇଥିଲେ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଚମ୍ପୁଆ ସ୍ଥିତ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ବିଲେଇପଦା ଫାଣ୍ଡିରେ ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ ୧୬/୨୪ ରୁଜୁ ହୋଇଛି । ପ୍ରବଳ ଖରାରେ ଦୈନିକ ଯା ଆସ କରୁଥିବାରୁ ପରିବାର ଲୋକେ ଏହା ଅଂଶୁଘାତ ଜନିତ ମୃତ୍ୟୁ ବୋଲି ସନ୍ଦେହ କରିଛନ୍ତି । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ଏହା ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ ସୁରେଶ କୁମାର ସାହୁ ସୂଚନା ଦେଇଛନ୍ତି ।

## ଦଶପଲ୍ଲାରେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର




ଦଶପଲ୍ଲା, (ମହାଭାରତ) : ନୟାଗଡ଼ ଦଶପଲ୍ଲାରେ ବିଜେଡି ପକ୍ଷରୁ ଜୋରଦାର ପ୍ରଚାର। ଗଣିଆ, ନୂଆଗାଁ ଏବଂ ଦଶପଲ୍ଲା ବ୍ଲକର ୫୦ଟି ପଞ୍ଚାୟତର ସକ୍ରିୟ କର୍ମୀଙ୍କୁ ନେଇ ଦଶପଲ୍ଲାରେ କନ୍ଧମାଳ ସାଂସଦ ପ୍ରାର୍ଥୀ ଡକ୍ଟର ଅଚ୍ୟୁତନନ୍ଦ ସାମନ୍ତ ଏବଂ ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ଆର୍ଶୀବାଦ ସମାବେଶ କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଚ୍ୟୁତ ଏବଂ ରମେଶଙ୍କ ଉପରେ ପୁଣି ଭରସା କରି ୨୦୨୪ ପାଇଁ ଟିକେଟ ରିପିଟ କରିଥିବାରୁ ବିପୁଳ ମାତ୍ରରେ ଡବଲ ଶଙ୍ଖରେ ଭୋଟ ଦେବା ପାଇଁ କର୍ମୀଙ୍କ ଠାରୁ ଆର୍ଶୀବାଦ ନେଇଛନ୍ତି ଦୁହେଁ। କନ୍ଧମାଳ ଏବଂ ଦଶପଲ୍ଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆର୍ଶୀବାଦ ରହିଥିବା ରୁ ଏଥର ପୁଣି ଦଶପଲ୍ଲା ରମେଶ ଏବଂ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ସାଂସଦ ପ୍ରାର୍ଥୀ ଅଚ୍ୟୁତଙ୍କ ବିଜୟ ବଡ଼ ମାର୍ଜିନରେ ପରିଣତ ହେବ। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସ୍ନେହ ଶ୍ରଦ୍ଧା ଆଶୀର୍ବାଦ ନେଇ ସାଂସଦ ଡକ୍ଟର ଅଚ୍ୟୁତାନନ୍ଦ ସାମନ୍ତ ଏବଂ ବିଧାୟକ ରମେଶ ଚନ୍ଦ୍ର ବେହେରା ମହାବୀରଙ୍କୁ ଦର୍ଶନ କରି ଦଶପଲ୍ଲା ଏନ୍.ଏ.ସି ରେ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି ଦୁହେଁ। ସେପଟେ ଅଚ୍ୟୁତ କହିଛନ୍ତି ପାଞ୍ଚ ବର୍ଷ ମଧ୍ୟରେ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ପାନୀୟ ଜଳ, ଚାଷ ଜମିକୁ ଜଳ ଯୋଗାଣ ଏବଂ ଟେଲିଫୋନ ଯୋଗାଯୋଗ କ୍ଷେତ୍ରରେ ଅନେକ ବିକାଶ ହୋଇଛି। ଲୋକଙ୍କ ଅନେକ ଭଲ ପାଇବା ମିଳିଛି ବାକି ରହିଯାଇଥିବା କାମକୁ ପୁଣି ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କୁ ଡବଲ ଶଙ୍ଖରେ ଭୋଟ ଦେବା ପାଇଁ କନ୍ଧମାଳ ସାଂସଦ ଡକ୍ଟର ଅଚ୍ୟୁତ ନନ୍ଦ ସାମନ୍ତ କହିଛନ୍ତି।

## କାର ଓ ବାଇକ ଧକ୍କା: ଭାଇ ମୃତ, ଭଉଣୀ ଗୁରୁତର

ନୂଆପଡ଼ା, (ମହାଭାରତ) : ନୂଆପଡ଼ା ଜିଲ୍ଲା ଖରିଆର ରୋଡ୍ ଜୋଙ୍କ ଥାନା ଗୌତମା ଛକରେ ଶୁକ୍ରବାର ସନ୍ଧ୍ୟାରେ କାର ଓ ବାଇକ ମୁହାମୁହିଁ ଧକ୍କା ହୋଇଥିଲା। ବାଇକରେ ଥିବା ବରଗଡ଼ ଜିଲ୍ଲା ପାଇକମାଲ ଥାନା ଫଟାମୁଣ୍ଡା ଗାଁର ଗୋପାଳ ଗିରି (୫୦)ଙ୍କ ମୃତ୍ୟୁ ହୋଇଥିବା ବେଳେ ଭଉଣୀ କୁମୁଦିନୀ ଗୋସ୍ୱାମୀ (୩୫) ଗୁରୁତର ହୋଇଛନ୍ତି। ପୁଲିସ ସୂଚନା ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ ଗୋପାଳ ଗିରି ଛତିଶଗଡ଼ ରାଜ୍ୟ କୋମାଖାନ ଥାନା ଛିବ୍ରା ଗାଁରୁ ଭଉଣୀ କୁମୁଦିନୀ ଗୋସ୍ୱାମୀ (୩୫)ଙ୍କୁ ନେଇ ବାଇକରେ ନିଜ ଗାଁକୁ ଫେରୁଥିଲେ। ଖରିଆର ରୋଡ୍ ଗୌତମା ଛକଠାରେ ଏକ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଛିଟିକି ପଡ଼ିଥିଲେ।

# ଶରତ ଘାଟି ନୋଟ ପାହାଡ଼ରେ ନିଆଁ ଜଳୁଛି ଏକର ଏକର ଜଙ୍ଗଲ



କରଞ୍ଜିଆ, (ମହାଭାରତ) ଶିମିଳିପାଳ ଜୈବ ମଣ୍ଡଳ ଅନ୍ତର୍ଗତ ଶରତ ଘାଟି ନୋଟ ପାହାଡ଼ ଜଙ୍ଗଲ ରେ ନିଆଁ ଲାଗିଯିବାରୁ ଏକର ଏକର ଜଙ୍ଗଲ ଜଳୁଛି। କପ୍ତିପଦା ରେଞ୍ଜ ଅଞ୍ଚଳରେ ଥିବା ଠାକୁରମୁଣ୍ଡା- ଶରତ ଘାଟି ରାସ୍ତା ର ପାହାଡ଼ ଜଙ୍ଗଲ ରେ ଏହି ନିଆଁ ଦିନ ବେଳୁ ଧୁଆଁ ଲାଗିଛି। ମନୁଷ୍ୟକୃତ ଏହି ନିଆଁ କୁ ଆୟତ୍ତ କରାଯାଇ ପାରିନାହିଁ। ଲାଗିଥିବା ଏହି ନିଆଁ ଧୀରେ ଧୀରେ ଜଙ୍ଗଲ ରେ ବ୍ୟାପିବାରେ ଲାଗିଛି। ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ବର୍ଷା ନହେବାରୁ ଜଙ୍ଗଲ ଗଛର ତଳେ ପଡିଥିବା ଶୁଖିଲା ପତ୍ର ନିଆଁ କୁ ଅଧିକ ବ୍ୟାପକ କରିଛି। ନିଆଁ କୁ ଆୟତ୍ତ ନ କଲେ ନୋଟ ପାହାଡ ରେ ନିଆଁ ସମ୍ପୂର୍ଣ୍ଣ ଅଞ୍ଚଳ କୁ ବ୍ୟାପି ଯିବାର ସମ୍ଭାବନା ଦେଖାଯାଇଛି।

# ଶ୍ରୀରାମ ନବମୀରେ ଉତ୍ସବ ମୁଖର ସମଗ୍ର ହିନ୍ଦୋଳ

ଆଜି ପବିତ୍ର ଶ୍ରୀରାମ ନବମୀ। ରାମ ଧ୍ୱନୀରେ ଉତ୍ସବ ମୁଖର ହୋଇ ଉଠିଛି ସାରା ରାଜ୍ୟ। ପ୍ରଭୁ ଶ୍ରୀରାମଙ୍କୁ ଭଗବାନ ବିଷ୍ଣୁଙ୍କ ସପ୍ତମ ଅବତାର କୁହାଯାଏ। ଭକ୍ତି, ଉପାସକ, ତପସ୍ୟା, ସତ୍ୟ, ବଳିଦାନ, ପ୍ରେମ ଏବଂ କର୍ତ୍ତବ୍ୟର ଏକ ଜୀବନ୍ତ ଉଦାହରଣ ପ୍ରଭୂ ଶ୍ରୀରାମ। ଏହି ପରିପ୍ରେକ୍ଷୀରେ ହିନ୍ଦୋଳରେ ଶ୍ରୀରାମ ଜନ୍ମୋତ୍ସବ କମିଟି ତରଫରୁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟରେ ଶ୍ରୀରାମ ନବମୀ ପାଳିତ ହୋଇଯାଇଅଛି। ଅପରାହ୍ନ ପ୍ରାୟ ୪ଟା ସମୟରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ହିନ୍ଦୋଳ ଏନ୍.ଏ.ସି ର ବିଭିନ୍ନ ୱାର୍ଡ ଅଭିମୁଖେ ରାମଙ୍କ ରଥ ହଜାର ହଜାର ରାମ ଭକ୍ତଙ୍କ ଭିଡ ମଧ୍ୟରେ ପରିକ୍ରମା କରଯାଇଥିଲା। ଚଳିତ ବର୍ଷ ଏହି ଶୋଭାଯାତ୍ରା ତୃତୀୟ ବର୍ଷରେ ପଦାର୍ପଣ କରିଥିବା ବେଳେ ଭଜନ କୀର୍ତ୍ତନ,ଘଣ୍ଟ ମୃଦଙ୍ଗ, ଡିଜେ,ବାଣରେ ପ୍ରକମ୍ପିତ ହୋଇଥିଲା ସମଗ୍ର ହିନ୍ଦୋଳ ଏନ୍.ଏ.ସିୟରାମ ଧୂନ୍ ର ତାଳେ ତାଳେ ଶହ ଶହ ଯୁବକ ବାଇକ ବିଭୋର ହୋଇ ନାଚୁ ଥିବାର ଦେଖାଯାଇଥିଲା। ସେହିଭଳି ଶହ ଶହ ଲୋକ ବାଇକ୍ ଯୋଗେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଆଗମୀ ଦିନରେ ଏହି ଉତ୍ସବକୁ ଆହୁରି ଭବ୍ୟ କରିବା ସହ ହିନ୍ଦୋଳର ଏକ ପ୍ରମୁଖ କାର୍ଯକ୍ରମ ରେ ପରିଣତ କରାଯିବ ବୋଲି ଆୟୋଜକ କମିଟିର କାର୍ଯ୍ୟକର୍ତ୍ତା ପ୍ରକାଶ କରିଛନ୍ତି।

# ବିଜେଡିରେ ସାମିଲ୍ ହେଲେ ବିଭିନ୍ନ ଦଳର ୭୫ ନେତା



ନୟାଗଡ଼, ( ମହାଭାରତ ) : ନୟାଗଡ଼ ବିଜେଡି କାର୍ଯ୍ୟାଳୟ ଠାରେ ଏକ ବଡ଼ ଧରଣର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବ୍ଲକ୍ ଅନ୍ତର୍ଗତ ଇଟାମାଟି ପଞ୍ଚାୟତର ୩୨ ଯୁବ, ମହିଳା ଓ ବରିଷ୍ଠ ନେତା ବିଜେଡିରେ ସାମିଲ୍ ହୋଇଛନ୍ତି। ସେହିପରି ଭାବେ ଲେଙ୍କୁଡ଼ିପଡ଼ା ପଞ୍ଚାୟତର ୩୪ ଜଣ ବିରୋଧୀ ନେତା ଓ ଇଟାମାଟି ପଞ୍ଚାୟତ ଡେଙ୍ଗେରାଗୋଡ଼ି ଗାଁର ୧୦ ଜଣ ବିରୋଧୀ ନେତା ବିଜେଡିରେ ସାମିଲ୍ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଥିବା ବେଳେ ନୂତନ ଭାବେ ମିଶିଥିବା ନେତା ଓ କର୍ମୀମାନେ ବିଜେଡିକୁ ଶକ୍ତିଶାଳୀ କରିବେ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସହ-ପର୍ଯ୍ୟବେକ୍ଷକ ଇରାନୀ ରାୟ ନୟାଗଡ଼ ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲ୍ଲା ପରିଷଦ ସୁବାସ କଅଁର, ବିଜେଡି ନେତା ବୀରେନ୍ଦ୍ର ନାୟକ, ବ୍ଲକ୍ ବିଜେଡି ସଭାପତି ଅଜିତ ପ୍ରସାଦ ସାହୁ, ଶିବସୁନ୍ଦର ମହାନ୍ତି, ଜିଲ୍ଲା ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ଜିଲ୍ଲା ବିଜେଡି ଉପସଭାପତି ପଦ୍ମଚରଣ ଉଦୟଭାନୁ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ବାଚନ ଖର୍ଚ୍ଚ ପରିଚାଳାନ ସମ୍ପର୍କରେ ସମୀକ୍ଷା କଲେ ପର୍ଯ୍ୟବେକ୍ଷକ

ଗଜପତି(ମହାଭାରତ): ଭାରତ ନିର୍ବାଚନ କମିଶନ ଦ୍ୱାରା ଗଜପତି ଜିଲ୍ଲା ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ଚଣ୍ଡିଗଡର ଭାରତୀୟ ରେଳ ଲେଖା ସେବା ଚନ୍ଦ୍ରିକା ଗର୍ଗ, ଆଇଆରଏଏସ, ୨୦୧୪ ବ୍ୟାଚ୍,ଗତ କାଲି ଠାରୁ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ମୋହନା ,ପାରଳାଖେମୁଣ୍ଡି ଓ ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ପରିଦର୍ଶନ କରି ନିର୍ବାଚନ ଖର୍ଚ୍ଚ ପରିଚାଳନା ନିମନ୍ତେ ନିୟୋଜିତ ବିଭିନ୍ନ ଦଳ ସହିତ ଆଲୋଚନା କରିଛନ୍ତି । ପାରଳାଖେମୁଣ୍ଡି ସ୍ଥିତ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଆଜି ପୂର୍ବାହ୍ନରେ ଆୟୋଜିତ ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ଯୋଗ ଦେଇ ଖର୍ଚ୍ଚ ସମ୍ବନ୍ଧୀୟ ଟିମ୍ ସମେତ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ, ଭିଡିଓ ସର୍ଭେଲାନସ୍ ଟିମ୍ ଓ ଭିଡିଓ ଭ୍ୟୁରଙ୍ଗ୍ ଟିମ୍ର ନିୟୋଜିତ ଅଧିକାରୀ ଓ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସହ ନିର୍ବାଚନ ଖର୍ଚ୍ଚର ସଠିକ୍ ହିସାବ ଓ ଏହାର ସଠିକ୍ ପରିଚାଳନା ନିମନ୍ତେ ସବୁ



ଦିନରେ ସୂଚନା ଆଦାନ ପ୍ରଦାନ ଉପରେ ପର୍ଯ୍ୟବେକ୍ଷକ ଗୁରୁତ୍ୱାରୋପ କରିଥିଲେ ।ନିର୍ବାଚନକୁ ମୁକ୍ତ ଓ ଅବାଧ ଭାବେ ପରିଚାଳନା ନିମନ୍ତେ ସମସ୍ତେ ନିଜର ଦାୟିତ୍ୱ ଓ କ୍ଷମତା ସମ୍ପର୍କରେ ଅବଗତ ହେବାକୁ ସେ ପରାମର୍ଶ ଦେଇଛନ୍ତି । ଏହା ସହ ଅବକାରୀ ଚଢ଼ଉ ଆଦି ସମ୍ପର୍କିତ ବିଭିନ୍ନ ଯାଞ୍ଚ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ ।ଏହି ସମୀକ୍ଷା ବୈଠକରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର,ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବୀରେନ୍ଦ୍ର କୁମାର ଦାସ ଓ ଶ୍ରୀ ରାଜେନ୍ଦ୍ର ମିଞ୍ଜ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଡ଼.ଗୁଣନିଧି ନାୟକ, ଛେଳିଗଡ଼ ଜଳ ସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ ରାଜେନ୍ଦ୍ର କହଁର,ଉପ-ଜିଲ୍ଲାପାଳ ଶ୍ରୀ ଅନୁପ ପଣ୍ଡାଙ୍କ ସମେତ ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ ବିଭିନ୍ନ ଦଳର ଅଧିକାରୀ ଓ କର୍ମ କର୍ତାମାନେ ଉପସ୍ଥିତ ଥିଲେ । ଏହା ସହ ପର୍ଯ୍ୟବେକ୍ଷକ ଜିଲ୍ଲାର ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଜିଲ୍ଲା ନିର୍ବାଚନ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ଆନୁସାଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

## ଦୁଷ୍କର୍ମ ପୀଡ଼ିତାଙ୍କ ଅଭିଯୋଗ ନେଇ ବିଜେପି ବିଜେଡ଼ି ମଧ୍ୟରେ ମୁହାଁମୁହିଁ

# ଥାନା ଗେଟ୍ ଭାଙ୍ଗିଲେ, ପୁଲିସ ଅଧିକାରୀଙ୍କୁ ମାରିଲେ



ଓଡ଼ଗାଁ, ( ମହାଭାରତ ) : ନୟାଗଡ଼ ର ଓଡ଼ଗାଁ ରେ ଦୁଷ୍କର୍ମ ପୀଡ଼ିତା ଙ୍କ ଅଭିଯୋଗ ନେଇ ବିଜେପି ବିଜେଡ଼ି ମଧ୍ୟରେ ମୁହାଁମୁହିଁ। ଦୁଷ୍କର୍ମ ପିଡିତାଙ୍କୁ ନ୍ୟାୟ ଦାବି ରେ ବିଜେପି ପକ୍ଷରୁ ନୟାଗଡ଼ ର ଓଡ଼ଗାଁ ଥାନା ଘେରାଉ। ଥାନା ପରିସରରେ ଚାପା ଉତ୍ତେଜନା, ବିଜେପି କର୍ମୀ ଏବଂ ପୁଲିସ ମୁହାଁମୁହିଁ। ପିଡିତା ଙ୍କ ଅଭିଯୋଗ ଅନୁଯାୟୀ ଓଡ଼ଗାଁ ଥାନା ଗିରିଡିପଲ୍ଲୀ ପଞ୍ଚାୟତର ସରପଞ୍ଚ ଙ୍କ ସ୍ୱାମୀ ସନ୍ୟାସୀ ପ୍ରଧାନ ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ୯ ଦିନ ବିତି ଯାଇଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନକରିବା ପ୍ରତିବାଦରେ ବିଜେପି ପକ୍ଷରୁ ଓଡ଼ଗାଁ ଥାନା ଘେରାଉ କରି ପ୍ରତିବାଦ କରାଯାଇଛି। ବିଜେପି ର ନୟାଗଡ଼ ବିଧାୟକ ପ୍ରାର୍ଥ ପ୍ରତ୍ୟୁଷା ରାଜେଶ୍ରୀ ସିଂ ଙ୍କ ନେତୃତ୍ୱରେ ଥାନା ଘେରାଉ କରାଯାଇଥିଲା। ପିଡିତାଙ୍କୁ ନ୍ୟାୟ ଦେବା ସହ ଅଭିଯୁକ୍ତ ସନ୍ୟାସୀ ପ୍ରଧାନ ଙ୍କୁ ଗିରଫ କରିବା ପାଇଁ ପ୍ରତ୍ୟୁଷା ଦାବି କରିଛନ୍ତି। ପୁଲିସ ଅବହେଳା ପ୍ରତିବାଦରେ ବିଜେପି କର୍ମୀ ମାନେ ଓଡ଼ଗାଁ ଥାନା ର ମୁଖ୍ୟ ଗେଟ ଭାଙ୍ଗି ଦେବା ସହ ପୁଲିସ ଅଧିକାରୀ ଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପରିସ୍ଥିତି ନିୟନ୍ତ୍ରଣ କୁ ଆଣିବା ପାଇଁ ଘଟଣା ସ୍ଥଳରେ ଓଡ଼ଗାଁ ତହସିଲଦାର ଏବଂ ଏସ୍.ଡି.ପି.ଓ ପହଞ୍ଚି ଆନ୍ଦୋଳନ କାରୀ ଙ୍କୁ ବୁଝାସୁଝା କରିବା ପରେ ଉତ୍ତେଜନା ଶାନ୍ତ ପଡିଥିଲା। ସେପଟେ ଏସ୍.ଡି.ପି.ଓ କହିଛନ୍ତି ପିଡିତାଙ୍କ ଅଭିଯୋଗ ଉପରେ ପୋଲିସ ପକ୍ଷରୁ ତଦନ୍ତ ହୋଇଛି। ଏଥିରେ କୌଣସି ଅବହେଳା ହୋଇନାହିଁ। ତଦନ୍ତ ଚାଲିଛି ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସ୍.ଡି.ପି.ଓ ସୁଧାକର ସାହୁ କହିଛନ୍ତି। ସେପଟେ ବିଜେପି ଏହି ପ୍ରତିବାଦ କୁ କିଛି ସମୟ ପରେ ବିଜେଡ଼ି କଡା ଜବାବ ଦେଇଛି। ସନ୍ୟାସୀ ପ୍ରଧାନ ଙ୍କ ସମର୍ଥକ ମାନେ ଓଡ଼ଗାଁ ଥାନା ଆଗରେ ଧାରଣା ଦବାସହ ବିଜେପି ର ଗୁଣ୍ଡାଗିରି ପ୍ରତିବାଦ ରେ ବିଜେପି ପତକା ପୋଡିଛନ୍ତି। ବିଜେପି କର୍ମୀ ମାନେ ହୀନ ରାଜନୀତି କରି ମିଥ୍ୟା ମାମଲା ରୁଜୁ କରିବା ପାଇଁ ଓଡ଼ଗାଁ ପୁଲିସ ବାଧ କରିବା ସହିତ ପୁଲିସ ଅଧିକାରୀ ଙ୍କ ଉପରକୁ ହାତ ଉଠାଇବା ଓ ଥାନା ଗେଟ କୁ ଭାଙ୍ଗିବା ପରି କାମକୁ ବିଜେଡ଼ି ନିନ୍ଦା କରିଛି। ଆଗକୁ ନିର୍ବାଚନ ଥିବାରୁ ବିଜେପି ଓଡ଼ଗାଁ ରେ ଗୁଣ୍ଡାଗିରି କରି ଭୋଟ ହାତେଇବାକୁ ବିଜେଡ଼ି ନାପସନ୍ଦ କରିଛିଯ ବିଜେଡ଼ି ଏପରି ହୀନ ରାଜନୀତି କୁ ପସନ୍ଦ କରେନାହିଁ ବୋଲି ବିଜେଡ଼ି କର୍ମୀ କହିଛନ୍ତ। ଶାନ୍ତି ପୂର୍ଣ୍ଣ ଭାବେ ନିର୍ବାଚିତ ଲଢିବାକୁ ବିଜେପି କୁ ଆହ୍ୱାନ ଦେଇଛି ବିଜେଡ଼ି।ଏପରି ପୁଲିସ ଉପରକୁ ହାତ ଉଠାଇ ଥାନା ଗେଟ ଭାଙ୍ଗି ନିଜର କାପୁରୁଷ ତା ର ପ୍ରମାଣ ଦେଇଛି ବୋଲି ବିଜେଡ଼ି ପକ୍ଷରୁ କୁହାଯାଇଛି।

# ରଣ ନିର୍ଯ୍ୟାତନା ସହିନପାରି ଜୀବନ ହାରିଲେ ଯୁବକ

ନିଶ୍ଚିନ୍ତକୋଇଲି (ମହାଭାରତ): ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମରେ ରଣ ନିର୍ଯ୍ୟାତନା ସହିନପାରି ଶେଷରେ ଜଣେ ଯୁବକକୁ ଜୀବନ ହାରିବାକୁ ପଡିଛି। ଏହି ଘଟଣାଟି ଏଠାରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି। ଜିଗ୍ନିପୁର(ବସୁପଦା) ଗ୍ରାମର ବସନ୍ତ ଘଡେଇଙ୍କ ଜ୍ୟେଷ୍ଠପୁତ୍ର ସମୀର ଘଡେଇ(୨୯)ନିଶ୍ଚିନ୍ତକୋଇଲି ସେବା ସମବାୟ ସମିତିରେ ଡାଟା ଅପରେଟର ରୂପେ କାର୍ଯ୍ୟ କରିଆସୁଥିଲେ। ଆର୍ଥୀକ ଅନାଟନ ହେତୁ ସମୀର ସ୍ଥାନୀୟ ଅଂଚଳର ଦୀର୍ଘ ଦିନ ହେଲା ସୁଧ କାରବାର କରିଆସୁଥିବା କେତେକ ବ୍ୟକ୍ତିଙ୍କ ଠାରୁ ହାତ ଉଧାରି ନେଇଥିଲେ। ତେବେ ସମୀର ସେମାନଙ୍କ ରଣ ପରିଶୋଧ କରିନପାରିବା କାରଣରୁ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କର ଗାଡିକୁ ମଧ ଛଡାଇ ରଖିଥିଲେ। ଏପରିକି ଟଙ୍କା ଆଦାୟ ନିମନ୍ତେ ସମ୍ପୃକ୍ତ ବ୍ୟକ୍ତିମାନେ ତାଙ୍କୁ ନା ନା ପ୍ରକାର ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ରଣ ନିର୍ଯ୍ୟାତନା ଅସହ୍ୟ ହେବାରୁ ଗତକାଲି ରାତ୍ରରେ ସମୀର ନିଜ ଘରେ ରଶିଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏସମ୍ପର୍କରେ ତାଙ୍କର ପିତା ବସନ୍ତ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତି କରି ସାଲେପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତାଙ୍କର ଶବକୁ ଜବତ କରି ବ୍ୟବଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଥିବା ଜଣାଯାଇଛି। ଶବ ବ୍ୟବଛେଦ କରାଯାଇ ତାଙ୍କ ପୈତୃକ ଗ୍ରାମକୁ ଅଣାଯାଇଥିଲା। ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶବ ଦାହ କରାଯାଇଥିଲା। ତାଙ୍କର ସାନଭାଇ ସମ୍ବିତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଆସନ୍ତା ମାସ ୧୩ ତାରିଖରେ ବିବାହ ଉତ୍ସବ ହେବା ନିମନ୍ତେ ସ୍ଥିର କରାଯାଇଥିଲା। ବିବାହ ପୂର୍ବରୁ ସେ ଆତ୍ମହତ୍ୟା କରିବା ଘଟଣାକୁ ନେଇ ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି ହୋଇଛି। ତେବେ ଗ୍ରାମାଂଚଳରେ କେତେକ ମୁନଫାଖୋର ବ୍ୟକ୍ତି ବେଆଇନ ଭାବେ ସୁଧକାରବାର କରିବା ସହ ରଣଗ୍ରହିତା ମାନଙ୍କୁ ବିଭିନ୍ନ ଉପାୟରେ ଆର୍ଥୀକ ଶୋଷଣ କରିବା ସହ ମାନସିକ ନିର୍ଯ୍ୟାତନା ଦେଉଥିବା କାରଣରୁ ବହୁ ଲୋକ ଆତ୍ମହତ୍ୟା କରିବା ନିମନ୍ତେ ବାଧ୍ୟ ହେଉଥିବାର ଜଣାଯାଇଛି।

# ଧାତିକିଡିହା ଅସ୍ଥାୟୀ ଗ୍ରାମପଞ୍ଚାୟତ ଘରେ ପଡ଼ିଛି ତାଲା

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ବ୍ଲକରେ ୨୦୧୬ ରେ ନୂତନ ଗ୍ରାମପଞ୍ଚାୟତ ଘୋଷଣା ସମୟରୁ ଧାତିକିଡିହା ଗ୍ରାମପଞ୍ଚାୟତ ଏଯାବତ ବିବାଦ ଘେରରେ ରହିଛି । ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନକୁ ନେଇ ଓଡିଶା ଉଚ୍ଚ ନ୍ୟାୟାଳୟରେ ମୋକଦ୍ଦମା ଚାଲିଛି। ଫଳରେ ହୋଇପାରୁନି କାର୍ଯ୍ୟାଳୟ । ୨୦୧୭ ମସିହାରୁ ଧାତିକିଡିହା ପ୍ରାଥମିକ ବିଦ୍ୟାଳୟର ଗୋଟିଏ ଶ୍ରେଣୀ ଗୃହରେ କାର୍ଯ୍ୟାଳୟ ଚାଲି ଆସୁଛି ।ରାଜ୍ୟ ରାଜପଥ ୫୩ ନିକଟ



ଗ୍ରାମ ଗୋଡ଼ଭଙ୍ଗା ଗ୍ରାମରେ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ ଦାବି ନେଇ ହାଇକୋର୍ଟ କରିଛନ୍ତି ଗ୍ରାମବାସୀ । ଏଣେ ପଞ୍ଚାୟତ ଚାଲିବା ନେଇ ସମସ୍ୟା ଲାଗି ରହିଛି ।ବାରମ୍ବାର ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ ଧାତିକିଡିହା ଗ୍ରାମବାସୀ ଦାବି କରି ଆସୁଛନ୍ତି । ମୋ।କଦ୍ଦମା। ଚାଲିଥିବାରୁ ପ୍ରଶାସନ ହାତ ବାନ୍ଧି ବସିଛି । ଗତ ମାର୍ଚ୍ଚ ୬ ତାରିଖରେ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଧାତିକିଡିହା ଗ୍ରାମବାସୀ ବ୍ଲକ ଆସି ଆନ୍ଦୋଳନ କରିଥିଲେ । ନୂଆ ଆସିଥିବା ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ୭ ଦିନ ସମୟ ମାଗିଥିଲେ । ମାତ୍ର କେଶ ବିଚାରଧୀନ ଥିବାରୁ ନାଚାର। ଏପରି ସ୍ଥିତିରେ ଉତକ୍ଷିପ୍ତ ମହିଳା ଗତ ମାର୍ଚ୍ଚ ୧୯ ତାରିଖରେ ଅସ୍ଥାୟୀ ଗୃହରେ ତାଲା ପକାଇଛନ୍ତି । ଫଳରେ ଘର ଘର ବୁଲି ପିଇଓ ବାଣ୍ଟୁଛନ୍ତି ଭତ୍ତା । ସରପଞ୍ଚ ବିଡ଼ିଓଙ୍କ ମାଧ୍ୟମରେ ଜିଲ୍ଲାପାଳଙ୍କୁ ଗତ ମାର୍ଚ୍ଚ ୨୧ତାରିଖରେ ଚିଠି ଲେଖିଛନ୍ତି । ମାତ୍ର ତାଲା ଖୋଲାଯାଇ ପାରୁନାହିଁ ।ସରପଞ୍ଚ ଏବଂ ପିଇଓ ଥାନାର ଆଶ୍ରୟ ନେଇ ନଥିବା ଜଣାପଡୁଛି । କେବଳ ପ୍ରଶାସନକୁ ଚିଠି ଲେଖି କାମ ସାରିଦେଇଛନ୍ତି ।ଏଣେ ଜନସାଧାରଣ ପାଉ ନାହାନ୍ତି ପଞ୍ଚାୟତ ସେବା । ଏପଟେ ଗ୍ରାମ ବାସୀ କହିଛନ୍ତି ଗ୍ରାମପଞ୍ଚାୟତ ନାହିଁ ତ ଭୋଟ ନାହିଁ।

# ଜଳଛତ୍ର କେନ୍ଦ୍ର ଉଦଯାପିତ

ନିଶ୍ଚିନ୍ତକୋଇଲି (ମହାଭାରତ): କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ଉତରକୂଳ ଗ୍ରାମପଂଚାୟତ ମାହାଳ ହାଟ ଛକ ନିକଟରେ ମି ନିୟୁଜ ଓଡିଶା ପକ୍ଷରୁ ଆୟୋଜିତ ଜଳଛତ୍ର କେନ୍ଦ୍ର ଉଦଯାପିତ ହୋଇଯାଇଛି। ଏହି ଜଳଛତ୍ର କେନ୍ଦ୍ର ଗତ ଇଦୁଲଫିତର ଠାରୁ ଆରମ୍ଭ କରି ମହାବିଷୁବ ପଣା ସଂକ୍ରାନ୍ତି ଦିନ ଉଦଯାପିତ ହୋଇଥିଲା। ଉଦଯାପନ ଉତ୍ସବରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମି ନିୟୁଜର ଅଧ୍ୟକ୍ଷ ଇଜାଜ ଖାଁ ,ନିୟୁଜ ଏ ସେଭେନ ର ଅଧ୍ୟକ୍ଷ ଅମିତାଭ ମହାପାତ୍ର,ମହମ୍ମଦପୁରର ପୂର୍ବତନ ସରପଂଚ ସରୋଜ କୁମାର ବେହେରା, କଟକ ସଦର ଛାତ୍ର ବିଜେଡି ସଭାପତି ସଂଗ୍ରାମ ସାହାଣୀ,ଛାତ୍ର ନେତା ବିକ୍ରମ ସାହୁ,ଜଲାଲ ମିର୍ଜା,ବିଦ୍ୟାଂଶୁ ପରିଡା, ଅଙ୍କିତ ସେଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଏହି ଜଳଛତ୍ର କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ଭୋଟ ହାର ବୃଦ୍ଧି ନିମନ୍ତେ ସ୍ୱିପ୍ ଅଭିଯାନରେ ଭୋଟର ସଚେତନତା

ଗଜପତି(ମହାଭାରତ): ଜିଲ୍ଲାରେ ଭୋଟ ହାର ବୃଦ୍ଧି ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏ ନେଇ ପ୍ରଶାସନ ପକ୍ଷରୁ ସ୍ୱିପ୍ ଅଭିଯାନରେ ବିଭିନ୍ନ ସ୍ଥାନରେ ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ପରିପକ୍ଷୀରେ ଆଜି ସ୍ଥାନୀୟ ୟୁନୀୟନ୍ ଗ୍ରାମ୍ୟ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଜିଲ୍ଲାର ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ମାନଙ୍କୁ ନେଇ ଭୋଟର ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଯାଇଅଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଡ଼.ଗୁଣନିଧି ନାୟକ



ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଭୋଟର ସଚେତନତା କରେଇଥିଲେ। ବିଶେଷ କରି ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପଥପ୍ରାନ୍ତ ନାଟକ, ଗୋଷ୍ଠୀ ବୈଠକ ଆୟୋଜନ କରାଯାଉଛି। ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଗୁଡିକରେ ସଚେତନତା ସଭା ଆୟୋଜନ କରାଯାଇ ସ୍ଥାନୀୟ ଯୁବ ତଥା ନୂତନ ମତଦାତା ମାନଙ୍କୁ ସାମିଲ କରାଯିବା ସହ ସକ୍ରିୟ ଭୋଟର ଅଂଶଗ୍ରହଣ ଉପରେ ଆଲୋଚନା କରାଯାଉ ରାଯାଉଛି। ଜିଲ୍ଲାର ସମସ୍ତ ବ୍ଲକରେ ବୁଥଗୁଡ଼ିକରେ 'ସ୍ୱିପ୍ ଅଭିଯାନ'ରେ ୱାକାଥନ୍, ଦସ୍ତଖ ଅଭିଯାନ, ପୋଷ୍ଟ କାର୍ଡ ମାଧ୍ୟମରେ 'ନିର୍ବାଚନ ପାଠଶାଳା' ଭଳି ଅନେକ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ କରାଯାଉଅଛି । ଭୋଟରଙ୍କୁ ନିଜ ମତଦାନ ସାବ୍ୟସ୍ତ ପାଇଁ ଅନୁପ୍ରାଣୀତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟେ ଭୋଟଟ ମହତ୍ୱ ବାବଦରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ 'ସ୍ୱିପ୍' ଅଭିଯାନରେ ସାମିଲ ହେବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଜିଲ୍ଲା ମିଶନ ଶକ୍ତି ସଂଯଜକ ଟିମନ୍ ବାରା, ସିସିଡି ସଂପାଦକ ଏ.ଜଗନ୍ନାଥ ରାଜୁ, ସମର୍ଥକ ସଂପାଦକ ସନ୍ତୋଷ କୁମାର ମହାରଣା ସମେତ କାଶୀନଗର ,ପାରଳାଖେମୁଣ୍ଡି ଓ ଗୋଷାଣୀ ଭିନ୍ନ କ୍ଷମ ବ୍ୟକ୍ତି ବିଶେଷ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିପଦ ସଙ୍କୁଳ ଗୃହରେ ଚାଲିଛି ଶିକ୍ଷାଦାନ

## କାର୍ଯ୍ୟକାରୀ ହେଉନାହିଁ ୫ଟି ରୂପାନ୍ତରିକରଣ ଯୋଜନା



ନିଶ୍ଚିନ୍ତକୋଇଲି (ମହାଭାରତ): ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ଗ୍ରାମପଂଚାୟତ ଜଗନ୍ନାଥପୁରସ୍ଥିତ ଜାନକୀ ବଲ୍ଲଭ ଉଚ୍ଚ ବିଦ୍ୟାଳୟ ଏକ ବିପଦ ସଙ୍କୁଳ ଗୃହରେ ଚାଲିଥିବାର ଅଭିଯୋଗ ହୋଇଛି। ଏହି ବିଦ୍ୟାଳୟକୁ ୫ଟି ରୂପାନ୍ତରିକରଣ ଯୋଜନାରେ ସାମିଲ କରାଯାଇଥିଲା ବେଳେ ତାହା କାର୍ଯ୍ୟକାରୀ କରାଯାଉନଥିବାର ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ଜାନକୀ ବଲ୍ଲଭ ଉଚ୍ଚ ବିଦ୍ୟାଳୟ ଗତ ୧୯୯୬ ମସିହାରେ ସ୍ଥାପନ କରାଯାଇଥିଲା। ଏହି ବିଦ୍ୟାଳୟରେ ଦୁଇଟି ଶ୍ରେଣୀରେ ୮୦ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରନ୍ତି। ଛାତ୍ର ଛାତ୍ରୀଙ୍କ ପାଠପଢା ନିମନ୍ତେ ଏହି ବିଦ୍ୟାଳୟରେ ଆବଶ୍ୟକୀୟ ଶ୍ରେଣୀ ଗୃହ ନଥିବାର ଅଭିଯୋଗ ହୋଇଛି। ଛାତ୍ର ଛାତ୍ରୀମାନେ ଏକ ବିପଦ ସଙ୍କୁଳ ଗୃହରେ ଅତ୍ୟନ୍ତ ଦୟନୀୟ ଭାବେ ଶିକ୍ଷାଦାନ କରୁଥିବାର ଜଣାଯାଇଛି। ସରକାର ଏହି ବିଦ୍ୟାଳୟର ସମସ୍ୟାକୁ ଆଖିଆଗରେ ରଖି ବିଦ୍ୟାଳୟକୁ ୫ଟି ରୂପାନ୍ତରିକରଣ ଯୋଜନାରେ ଅନ୍ତର୍ଭୁକ୍ତ କରିଥିଲେ। ଏଥିନିମନ୍ତେ ଅର୍ଥ ମଞ୍ଜୁର ହୋଇଛି। ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗୃହ ନିର୍ମାଣ କଣ ପାଇଁ କରାଯାଉନାହିଁ ତାହା ନେଇ ସାଧାରଣରେ ନା ନା କଥା ଶୁଣିବାକୁ ମିଳୁଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ବିଦ୍ୟାଳୟର ଗୃହ ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଛାତ୍ରାଭିଭାବକମାନେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟହେବେ।



ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ






# ମଣିପୁରରେ ମତଦାନ ବେଳେ ଫୁଟିଲା ଗୁଳି



ମୋଇରଙ୍ଗ: ଶୁକ୍ରବାର ଦିନ ଭୋଟ୍ ? ଚାଲିଥିବା ବେଳେ ମଣିପୁରର ମୋଇରଙ୍ଗ ବିଧାନସଭାର ଥାମାନପୋକପିର ଏକ ମତଦାନ କେନ୍ଦ୍ର ନିକଟରେ ଗୁଳିକାଣ୍ଡ ଘଟିଥିବା ସୂଚନା ରହିଛି । ଏହି ଗୁଳିକାଣ୍ଡରେ କାହାରି କିଛି କ୍ଷୟକ୍ଷତି ହୋଇନାହିଁ। ଶୁକ୍ରବାର ଦିନ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ୍ ? ଆରମ୍ଭ ହୋଇଥିବା ବେଳେ ଏହି ଗୁଳି ବିନିମୟ ଭୋଟରଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ଭାଇରାଲ ହୋଇଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି ଯେ ଗୁଳି ବିନିମୟ ମଧ୍ୟରେ ଲୋକମାନେ ମତଦାନ ବୁଥରୁ ଦେ ?ଡ଼ିକି ବାହାରକୁ ପଳାଉଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶୁକ୍ରବାର ଦିନ ମଣିପୁର ଲୋକସଭା ଆସନ ଏବଂ ବାହ୍ୟ ମଣିପୁରର କିଛି ଅଂଶରେ ମତଦାନ ହୋଇଥିଲା। ଏହାରି ମଧ୍ୟରେ ମଣିପୁର ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂ ଲୁୱାଙ୍ଗସଙ୍ଗବାମ ମମଙ୍ଗ ଲାଇକାଇରେ ଭୋଟ୍ ଦେଇଛନ୍ତି। ସେ ରାଜ୍ୟର ଆଦିବାସୀମାନଙ୍କୁ ସୁରକ୍ଷା ଦେବାକୁ ଓ ଏହାର ଆଞ୍ଚଳିକ ଅଖଣ୍ଡତା ରକ୍ଷା କରିବା ପାଇଁ ଲୋକଙ୍କୁ ଭୋଟ୍ ? ଦେବାକୁ ଅନୁରୋଧ କରିଥିଲେ। ବିରେନ ସିଂ କହିଛନ୍ତି ଯେ, ମୁଁ ମଣିପୁରବାସୀଙ୍କୁ ଭୋଟ୍ ଦେବାକୁ ତଥା ରାଜ୍ୟର ଆଦିବାସୀଙ୍କୁ ବଞ୍ଚାଇବାକୁ ତଥା ରାଜ୍ୟର ଅଖଣ୍ଡତା ରକ୍ଷା କରିବାକୁ ଏବଂ ଶୀଘ୍ର ଶାନ୍ତି ଆଣିବାକୁ ନିବେଦନ କରିବାକୁ ଚାହୁଁଛି। ଏପଟେ ପଶ୍ଚିମବଙ୍ଗରେ ବି ମତଦାନ ସମୟରେ ହିଂସା ଉପୁଜିଛି। ଟିଏମ୍ ?ସିର କହିବା କଥା ହେଲା ଭାରତୀୟ ଜନତା ପାର୍ଟି (ବିଜେପି) କର୍ମୀମାନେ ହିଂସା ପରିସ୍ଥିତି ସୃଷ୍ଟି କରାଉଛନ୍ତି। ଟିଏମ୍ ?ସି ଆହୁରି ବି ଅଭିଯୋଗ ଆଣିଛି ଯେ ବିଜେପି କର୍ମୀମାନେ ମତଦାତାମାନଙ୍କୁ ଭୋଟ୍ ? ଦେବାକୁ ଧମକାଇ ଚାପ ପକାଉଛନ୍ତି।

## ସ୍କଟଲାଣ୍ଡ ନଦୀରେ ବୁଡ଼ିଗଲେ ୨ ଭାରତୀୟ ଛାତ୍ର

ନୂଆଦିଲ୍ଲୀ: ସ୍କଟଲାଣ୍ଡର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳରେ ଏକ ଦୁର୍ଘଟଣାରେ ଦୁଇ ଜଣ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେମାନେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ଜଣାଯାଇଛି । ପାଣିଭିତରୁ ୨୨ ଓ ୨୬ ବର୍ଷୀୟ ଦୁଇ ଭାରତୀୟ ଛାତ୍ରଙ୍କ ମୃତଦେହ ମିଳିଥିଲା। ସେମାନଙ୍କ ନାଁ ଜିତେନ୍ଦ୍ରନାଥ କାରୁତୁରୀ (୨୬) ଓ ଚାଣକ୍ୟ ବୋଲିସେଟ୍ଟି (୨୨) ବୋଲି ଜଣାପଡିଛି ।



ଏହି ଛାତ୍ରମାନେ ସେମାନଙ୍କର ଅନ୍ୟ ଚାରି ଜଣ ସାଙ୍ଗଙ୍କ ସହ ପର୍ଯ୍ୟଟନ ସ୍ଥଳ ବୁଲିବାକୁ ଆସିଥିଲେ । ଏହି ସମୟରେ ସେମାନେ ପାଣିରେ ବୁଡ଼ି ଯାଇଥିଲେ। ବୁଧବାର ରାତିରେ ତୁମ୍ମେର ଲିନ୍ ନିକଟରେ ଥିବା ପାଣିରୁ ଦୁଇ ବାଳକଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଆପଣଙ୍କୁ କହିରଖୁଛୁ ଯେ ତୁମ୍ମେଲର ଲିନ୍ ହେଉଛି ସେହି ସ୍ଥାନ ଯେଉଁଠାରେ ଦୁଇଟି ନଦୀ ମିଳେ । ଉଦ୍ଧାରକାରୀ ଦଳ ଉଭୟଙ୍କ ମୃତଦେହକୁ ପାଣିଭିତରୁ ବାହାର କରିଥିଲେ। ଉଭୟ ଛାତ୍ର ସ୍କଟଲାଣ୍ଡର ଡୁଣ୍ଡି ବିଶ୍ୱବିଦ୍ୟାଳୟରେ ମାଷ୍ଟର୍ସ ଡିଗ୍ରୀ କରୁଥିଲେ । ସ୍ଥାନୀୟ ପୁଲିସ କହିଛି ଯେ, ବୁଧବାର ରାତିରେ ତୁମ୍ମେଲର ଲିନ୍ ରେ ଜିତେନ୍ଦ୍ରନାଥ ଓ ଚାଣକ୍ୟ ଭାସି ଯାଇଥିଲେ। ଏହା ପିଟଲୋଚରୀର ଉତ୍ତରରେ ଅବସ୍ଥିତ । ସେହିପରି ଲଣ୍ଡନରେ ଥିବା ଭାରତୀୟ ହାଇକମିସନର ଜଣେ ଅଧିକାରୀ ମଧ୍ୟ ଏହି ଘଟଣାକୁ ସ୍ପଷ୍ଟ କରିଛନ୍ତି ।

## ଇରାନ ଆକ୍ରମଣର ପ୍ରତିଶୋଧ ନେଲା ଇସ୍ରାଏଲ

ନୂଆଦିଲ୍ଲୀ: ଇସ୍ରାଏଲ ଇରାନ ଉପରେ ପ୍ରତିଆକ୍ରମଣ କରିଛି । ଇରାନର ଅନେକ ସହର ଉପରେ ମିଶାଇଲ ମାଡ କରିଛି ଇସ୍ରାଏଲ । ଇରାନର ନ୍ୟୁକ୍ଲିୟର ପ୍ଲାଣ୍ଟ ଉପରେ ମଧ ମିଶାଇଲ ମାଡ ହୋଇଛି । ଅନ୍ତର୍ଜାତୀୟ ଗଣମାଧ୍ୟମର ସୂଚନା ମୁତାବକ, ଇରାନର ଇସାଫହାନ ସହରର ବିମାନବନ୍ଦର ଉପରେ ମିଶାଇଲ ମାଡର ପ୍ରଭାବ ଏତେ ବଡ ଥିଲା ଯେ ଏହାର ଆଖପାଖ ଅଂଚଳ ମଧ ଥରି ଉଠିଥିଲା । ଏହି ଅଞ୍ଚଳରେ ଏକାଧିକ ନ୍ୟୁକ୍ଲିଅର ପ୍ଲାଣ୍ଟ ରହିଛି । ତେଣୁ ଏହି ସହରକୁ ଟାର୍ଗେଟ କରିଛି ଇରାନ୍ ।

# ପାଣି ପାଇଁ ଡହଳବିକଳ ଶାଳଚୁଆ ପଞ୍ଚାୟତ ବାସୀ



କପ୍ତିପଦା, (ମହାଭାରତ): ସ୍ୱାଧୀନତାର ସାତ ଦଶନ୍ଧି ପରେ ଆଜ ବି ଗ୍ରାମବାସୀ ମୌଳିକ ସୁବିଧାରୁ ବଂଚିତ। ମୌଳିକ ସୁବିଧା ନ ପାଇ ଗ୍ରାମବାସୀ ଯୁଝି ହେଉଛନ୍ତି ସମସ୍ୟାରେ। ଗ୍ରାମବାସୀ ଆଜି ବି ମୌଳିକ ସୁବିଧା ପାଇଁ ସଂଘର୍ଷରତ। ଗାଁ କୁ ଯିବାକୁ ହେଲେ ଆପଣଙ୍କୁ ଏକ ପ୍ରକାର ଜୀବନକୁ ବାଜି ଲଗାଇବାକୁ ପଡିବ। ଖାଲ ଖମାଣ ଭରା ଜଙ୍ଗଲ ଘେରା ରାସ୍ତାରେ ଆପଣଙ୍କୁ ଯିବାକୁ ପଡିବ ଏହି ଗ୍ରାମକୁ। ଏହା ସହିତ ଗ୍ରାମରେ ପହଞ୍ଚିବା ପରେ ଆପଣ ଜାଣି ପାରିବେ ଗ୍ରାମବାସୀ କିଭଳି ଆଜିର ଦିନରେ ଜୀବନ ସହିତ ଯୁଝି ହେଉଛନ୍ତି। ଏହା ହେଉଛି କପ୍ତିପଦା ବ୍ଲକ ଶାଳଚୁଆ ପଞ୍ଚାୟତର ଆମ୍ବଡୁବା ଗ୍ରାମବାସୀଙ୍କ ଯାତନା କଥା। ଶାଳଚୁଆ ପଞ୍ଚାୟତର କେବଳ ଏହି ଗୋଟିଏ ଗ୍ରାମ ନୁହେଁ ବରଂ ପୁରା ପଞ୍ଚାୟତ ବୁଲିଲେ ଜଣାପଡିବ ଗ୍ରାମବାସୀଙ୍କ ବିକାଶର ଚିତ୍ର। ଏହି ପଞ୍ଚାୟତର ଆମ୍ବଡୁବା ସମେତ ୧୧ ଏବଂ ୧୨ ନମ୍ବର ୱାର୍ଡରେ ବସବାସ କରୁଥିବା ଗ୍ରାମବାସୀ ଆଜି ବି ସରକାରୀ ଯୋଜନା ଠାରୁ ଅନେକ ଦୂରରେ। ବିଶେଷକରି ଆମ୍ବଡୁବା ଗ୍ରାମରେ ବସବାସ କରୁଥିବା ୧୨ ରୁ ଅଧିକ ପରିବାର ପାଇଁ ଆଜି ବି ନା ଅଛି ଭଲ ରାସ୍ତାଟିଏ ନା ଅଛି ପାନୀୟ ଜଳର ସୁବିଧା। ଶୁଦ୍ଧ ପାନୀୟ ଜଳ ଆଜି ବି ଗ୍ରାମବାସୀଙ୍କ ପାଇଁ ସାତ ସପନ ପାଲଟି ଥିବା ବେଳେ ଗ୍ରାମ ନିକଟରେ ପ୍ରବାହିତ ନଦୀରେ କେତେବେଳେ ଚୁଆ ତାଡି ଗ୍ରାମବାସୀ ପାଣି ସଂଗ୍ରହ କରନ୍ତି ପୁଣି କେତେବେଳେ ନଦୀ ପାଣି ପିଇ ନିଜର ଶୋଷ ମେଣ୍ଟାନ୍ତି। ଯେଉଁ ପାଣି ପିଇ ଅନେକ ସମୟରେ ଗ୍ରାମବାସୀ ରୋଗରେ ପଡୁଥିବା ମଧ୍ୟ ଅଭିଯୋଗ ହୋଇଛି। ରାସ୍ତା ନ ଥିବା କାରଣରୁ ଅନେକ ସମୟରେ ରୋଗୀଙ୍କୁ ଏଠି ଖଟିଆରେ ବୁହା ଯାଇଥାଏ। ବିକାଶର ନାରା ଏହି ଗ୍ରାମବାସୀଙ୍କ ପାଇଁ ଆଜି ବି ସାତ ସପନ। ଦୀର୍ଘ ବର୍ଷ ହେବ ଗ୍ରାମବାସୀ ଏପରି ସମସ୍ୟା ଭିତରେ ଜୀବନ ବିତାଉଥିବା ବେଳେ କେବଳ ନିର୍ବାଚନ ସମୟରେ ନେତାଙ୍କ ମାଳ ମାଳ ପ୍ରତିଶୃତି ମିଳି ଚାଲିଥିଲେ ସୁଦ୍ଧା ସମସ୍ୟା ଦୂର ହୋଇ ପାରୁନାହିଁ। ସ୍ଥାନୀୟ ଜନ ପ୍ରତିନିଧି କେବେ ଏହି ପଞ୍ଚାୟତ ବାସୀଙ୍କ ଦୁଃଖ ବୁଝି ନ ଥିବାର ଅଭିଯୋଗ ହୋଇଛି। ସବୁପରେ ଆମ୍ବଡୁବା ଗ୍ରାମବାସୀଙ୍କ ସମେତ ପୁରା ଶାଳଚୁଆ ପଞ୍ଚାୟତବାସୀଙ୍କ ସମସ୍ୟା କେବେ ଦୂର ହେଉଛି ତାହାକୁ କେବଳ ଅପେକ୍ଷା ।

## ଅନ୍ତୁଳିଆ ଠାରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ

ଅନୁଗୋଳ, (ମହାଭାରତ): ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧିନସ୍ଥ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଅନ୍ତୁଳିଆ ଠାରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଠମଲ୍ଲିକ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଅନୁଗୋଳ ବ୍ଲକ ର ୯ ଟି ପଞ୍ଚାୟତ ର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ।ଉକ୍ତ ସମ୍ମିଳନୀରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ର ସାଂସଦ ପାର୍ଥି ପ୍ରଣବ ପ୍ରକାଶ ଦାସ(ବବି) ଓ ଆଠମଲ୍ଲିକ ର ବିଧାୟକ ପାର୍ଥି ଇଂ ନଳିନୀ କାନ୍ତ ପ୍ରଧାନଙ୍କୁ ଅନ୍ତୁଳିଆ ଛକ ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଏକ ବିରାଟ ପଟୁଆରରେ ପଦଯାତ୍ରା କରି ସଭାସ୍ଥଳକୁ ପାଛୋଟି ଆଣିଥିଲେ। ଉଭୟ ପାର୍ଥି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଓ ଜନହିତକାରୀ ଯୋଜନା ସମ୍ପକରେ ଜଣ ସାଧାରଣଙ୍କୁ ଅବଗତ କରିବା ପାଇଁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଉକ୍ତ ସଭାରେ ପାଞ୍ଚଟି ପଞ୍ଚାୟତ ର ୨୫୦ରୁ ଉର୍ଦ୍ଧ୍ୱ କର୍ମୀ କଂଗ୍ରେସ ଓ ବିଜେପି ଦଳ ପରିତ୍ୟାଗ କରି ନଳିନୀ ବାବୁଙ୍କ ଉପରେ ଆସ୍ଥା ପ୍ରକଟ କରି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦ ଅଧକ୍ଷା, ପଞ୍ଚାୟତ ସମିତି ଅଧକ୍ଷ ଓ ଅଧକ୍ଷା, ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ଓ ବିଜୁ ଜନତା ଦଳର କର୍ମୀ ମାନେ ଯୋଗ ଦେଇଥିଲେ।

## ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବିଷମକଟକ:ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ମହକୁମାର ବସ୍ ?ଷ୍ଟାଣ୍ଡ ଠାରେ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରଶ୍ମିତା ଟେଟେ ଯୋଗ ଦେଉଥିବା ବେଳେ, ରାୟଗଡା ଜିଲା ଡମ୍ ସମାଜର ସଭାପତି ଧୋନିରାମ ନାୟକ, ବିଷମକଟକର ସଭାପତି ରାମଦାସ ଟାକ୍ରି ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଷମକଟକ ଏବଂ ମୁନିଗୁଡ଼ା ଅଞ୍ଚଳର ପ୍ରାୟ ଦୁଇ ହଜାରରୁ ଉର୍ଦ୍ଦ ଆମ୍ବେଦକର ପ୍ରେମୀ ଯୋଗ ଦେଇଥିଲେ। ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ଏକ ମୋଟର ସାଇକଲ୍ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା ।

## ପାଳିତ ହେଲା ବୋରିକ ମହୋତ୍ସବ ୨୦୨୪

କଣ୍ଟାପଡା, (ମହାଭାରତ) : ବୋରିକ ସାଂସ୍କୃତିକ ପରିଷଦ ତରଫରୁ ପାଳିତ ହେଲା ବୋରିକ ମହୋତ୍ସବ ୨୦୨୪। ଏହି ଅବସରରେ ଟ୍ୱିନ୍ ସିଟି ପ୍ରେସ କ୍ଲବ ଏବଂ ସଦର ପ୍ରେସ କ୍ଲବ ସମସ୍ତ ସାମ୍ବାଦିକ ଯୋଗ ଦେଇଥିଲେ। ପୂର୍ବ ବର୍ଷ ପରି ୪ ପର୍ଗଣାର ୧୪ ଗାଦି ଏବଂ ୪ ଠାକୁରଙ୍କ ମହନ୍ତଙ୍କୁ ଟ୍ୱିନ୍ ସିଟି ପ୍ରେସ କ୍ଲବର ଅଧକ୍ଷ ପ୍ରଣବ କୁମାର ବିଶ୍ୱାଳ, ସଭାପତି ସନାତନ ପରିଜା, ସମ୍ପାଦକ ଭବାନୀ ଶଙ୍କର ପାତ୍ର, ଉପ-ସଭାପତି ଗୁରୁ ମହାପାତ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ବୋରିକ ସାଂସ୍କୃତିକ ପରିଷଦ ତରଫରୁ ସଚ୍ଚିଦାନନ୍ଦ ବିଶ୍ୱାଳ, ନୀଳକଣ୍ଠ ଦଳାଇ, ସୁଦର୍ଶନ ସ୍ୱାଇଁଙ୍କୁ ବୋରିକ ଶ୍ରୀ ସମ୍ମାନରେ ସମ୍ମାନିତ କରିବା ସହିତ, ବୋରିକ କଳାରତ୍ନ ସମ୍ମାନରେ ସୁଜିତ୍ ଦାସ, ଚୌଧୂରି ଶାଶ୍ୱତ ମହାପାତ୍ର, ଗଣେଶ୍ୱର ମହାରଣା, ତପସ୍ୱିନି ସେଠୀ, ପ୍ରଳୟ ପ୍ରଧାନ, ଯୋଶୋବନ୍ତ ବେହେରାଙ୍କୁ ପ୍ରାଦନ କରାଯାଇ ଥିଲା । ଏହି ସମ୍ପୂର୍ଣ କାର୍ଯ୍ୟକ୍ରମଟି ବୋରିକ ସାଂସ୍କୃତିକ ପରିଷଦର ସଦସ୍ୟ ଏବଂ ଯୁବଗୋଷ୍ଠୀ ମାନଙ୍କ ଅକ୍ଲାନ୍ତ ପରିଶ୍ରମ ଦ୍ୱାରା ଶାନ୍ତି ଶୃଙ୍ଖଳା ସହ ସୁଚାରୁ ରୁପେ ସମାପନ ହୋଇଯାଇଅଛି। ଯୁବ ଗୋଷ୍ଠୀମାନଙ୍କ ଏପରି ମହତ୍ କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

## ୧୪୩ ଲିଟର ମଦ ଜବତ, ଦୁଇ ଗିରଫ

ବଡ଼ଚଣା,(ମହାଭାରତ): ବଡ଼ଚଣା ପୋଲିସ ପକ୍ଷରୁ ଯାଞ୍ଚ କରି ଏକ ମାରୁତି ସ୍ୱିଫ୍ଟ କାରରେ ଯାଉଥିବା ୧୪୩ ଲିଟର ବିଦେଶୀ ଚୋରା ମଦ ଜବତ ସହ ଦୁଇ ଚୋରା ମଦବେପାରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବା ପୋଲିସ ପକ୍ଷରୁ ଖବର ମିଳିଛି, ଘଟଣା ରୁ ପ୍ରକାଶ ବଡ଼ଚଣା ଅଂଚଳ ରେ ବିଭିନ୍ନ ସ୍ଥାନ ରେ ଚୋରା ମଦ ବ୍ୟବସାୟୀ ମାନେ ବେଇଆଇନ ମଦ ବିକ୍ରିକରିବା ରେ ସକ୍ରିୟ ହୋଇ ଉଠିଥିବା ଦେଖିବାକୁ ମିଳିଛି, କିଛି ଦିନ ତଳେ ବୈରୀ ସରକାରୀ ମଦ ଦୋକାନ ରେ ବେଆଇନ ମଦ ବିକ୍ରି ହେଉଥିବା ବେଳେ ମଦ ଜବତ କରାଯିବା ଚର୍ଚ୍ଚାର ବିଷୟ ପାଲଟି ଥିଲା, ଏବେ ପୁଣି ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ବିଶେଷ ସୂତ୍ରରୁ ଖବର ପାଇ ଏକ ମାରୁତି ସ୍ୱିଫ୍ଟ କାର ଯାହାର ନମ୍ବର ଓଡି-କ୍ୟୁ୪- ବିୟୁ -୦୨୮୪ ଯୋଗେ ୧୪୩ଲିଟର ବିଦେଶୀ ମଦ ନେଇ ଯାଉଥିବା ସମୟ ରେ ଧାନମଣ୍ଡଳ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତିଙ୍କୁ ଖବର ଦେଇଥିଲେ, ଶ୍ରୀ ମହାନ୍ତି ଯାଞ୍ଚ କରି ଏହି କାରରେ ଚୋରା ମଦ ଜବତ କରିବା ସହ ବେପାରୀଙ୍କୁ ଅଟକ ରଖିଥିଲେ। ଅଟକ ଦୁଇ ଜଣ ହେଲେ ଶାଳପଡା ଗ୍ରାମର ଟିକମ ସାହୁ, ଓ ବାଉଁଶମୁଳି ଗ୍ରାମର ଦିପୁ ମାଲିକ, ଦୁଇ ବେପାରୀ କୌଣସି ସଠିକ କାଗଜପତ୍ର ଦେଖାଇ ନ ପାରିବାରୁ ବଡ଼ଚଣା ପୋଲିସ ୧୯୭/ ୨୪ରେ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛନ୍ତି।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର

ରାଇରଙ୍ଗପୁର, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲାର ବହଳଦା ଥାନା ଅନ୍ତର୍ଗତ କାଙ୍କି ପଞ୍ଚାୟତର ଘାଘରା ସାହିର ବାଉରି ମାଝୀ (ଦୀପକ ମାଝୀ) ବୟସ ୨୩ବର୍ଷ। ବାଉରି ମାଝୀ ଗତ ବୁଧବାର ଦିନ ସକାଳୁ ଖାଇ ପିଇ ସାରି ପ୍ରତ୍ୟେକ ଦିନ ଭଳି ଘରୁ ବାହାରି ସେ ଦିନ ମଧ ଟେଣ୍ଟ କାମ କରିବାକୁ ଯାଇ ଆଉ ଘର କୁ ଫେରି ନ ଥିଲା। ମଝିରେ ମଝିରେ ଟେଣ୍ଟ୍ କାମ କରିବାକୁ ଯାଇ ଚାରି ପାଞ୍ଚ ଦିନ ପରେ ଆସୁଥିବାରୁ ଘର ଲୋକେ ଭାବିଲେ ଦୁଇ ତିନି ଦିନ ପରେ ଆସିବ ବୋଲି। କିନ୍ତୁ ଆଜି ସକାଳେ ବାଉରି ମାଝୀ ର ଭ ଣଜା ପିରୁ ମାଝୀ କାଠିଆ ଡୁଙ୍ଗୁରି କୁ ଶୌଚକରିବାକୁ ଯାଉଥିବା ସମୟରେ ଦେଖିବାକୁ ପାଇଥିଲା ଯେ ଏକ କାଳୀ କେନ୍ଦୁ ଡାଳରେପିଲାଷ୍ଟିକ ଦଉଡ଼ି ରେଝୁଲୁ ଥିବାର ଜଣେ ଯୁବକ ର ଝୁଲନ୍ତା ମୃତ୍ୟୁ ଦେହ ଦେଖିବାକୁ ପାଇଥିଲା। ତା ପରେ ଗଛ ପାଖକୁ ଯାଇ ଦେଖେ ତ ତାର ମାମୁଁ ବାଉରି ମାଝୀ ର ମୃତ୍ୟୁ ଦେହ ବୋଲି, ତା ପରେ ସେଠାରୁ ସେ ସିଧା ଘର କୁ ଯାଇ ପରିବାର ଲୋକଙ୍କୁ ଜଣାଇଥିଲକ୍ଷ। ତା ପରେ ସାଙ୍ଗେ ସାଙ୍ଗେ ପରିବାର ଲୋକେ ବହଳଦା ଥାନା ରେ ଅଭିଯଗୋ କରିଥିଲେ। ତା ପରେ ସାଙ୍ଗେ ସାଙ୍ଗେ ବହ ଳଦା ପୋଲିସ୍ ଘଟଣା ଇସ୍ଥଳ ରେ ପୋହଞ୍ଚି ପରିବାର ଲୋକେ ଏବଂ ଗ୍ରାମ ବାସୀ କର ଉପସ୍ଥିତି ରେ ଗଛ ଡାଳରୁ ବାଉରି ମାଝୀ ର ଝୁଲନ୍ତା ମୃତ୍ୟୁ ଦେହ କୁ ଉଦ୍ଧାର କରି ବ୍ୟବଛେଦପାଇଁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ସୂଚନା ଅନୁଯାୟୀ ଗଛ ପାଖରେ ରକ୍ତ ଛିଟା ପଡିଥିବାର ଦେଖିବାକୁ ମିଳିଛି। ତେଣୁ ପରିବାର ଲୋକଙ୍କର ଅଭିଜଗ ଯେ ତାକୁ କେହି ମାରି କାଳୀକେନ୍ଦୁ ଗଛ ଡାଳରେ ଝୁଲାଇ ଦେଇଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେ ପରିବାର ରେ ଏକୁଟିଆ ରଜଗାରିଆ ଥିଲା। ଏବେ ପତ୍ନୀ ସ୍ୱାମୀ କୁ ଓଛୋଟ ଛୋଟ ଛୁଆ ମାନେ ବାପାକୁ ହରାଇ ଦୁଃଖରେ କାନ୍ଦି ବବାଳି ହେଉଛନ୍ତି। ଏହି ଦୁଃଖ ଖବର ପାଇ ଗାଁରେ ଶକର ଛକ୍ଷୟକ୍ଷ ଖେଳି ଯାଇଛି।

## ଭୋଟର ସଚେତନତା ଅଭିଯାନ କାର୍ଯ୍ୟକ୍ରମ

ରାଇରଙ୍ଗପୁର, (ମହାଭାରତ) : ଭାରତୀୟ ନିର୍ବାଚନ କମିଶନଙ୍କ ବ୍ୟବସ୍ଥିତ ଭୋଟରଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ କାର୍ଯ୍ୟକ୍ରମକୁ ସୁଦୂର ପ୍ରସାରି ଏବଂ ଫଳପ୍ରସୂ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଅଭିନବ ପ୍ରୟାସ କରାଯାଉଛି । ଏହି କ୍ରମରେ ସାଧାରଣ ଜନତା ତଥା ସମସ୍ତ ବର୍ଗର ମତଦାତା ବିଶେଷ କରି ଆଗାମୀ ନିର୍ବାଚନ ରେ ପ୍ରଥମ ଥର ପାଇଁ ମତଦାନ କରିବାକୁ ଯାଉଥିବା ଯୁବ ଭୋଟର ମାନଙ୍କ ଅଧିକ ସଂଖ୍ୟାରେ ଅଂଶ ଗ୍ରହଣପୂର୍ବକ ସାମ୍ବିଧାନିକ ମୌଳିକ ମତଦାନ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଉତ୍ସାହିତ କରିବା ଏବଂ ସୁଦୃଢ ଗଣତନ୍ତ୍ର ପ୍ରତିଷ୍ଠା ନିମନ୍ତେ ନିର୍ବାଚନରେ ମତଦାତାଙ୍କ ଦାୟିତ୍ୱ ଓ ପ୍ରତ୍ୟେକ ଟି ଭୋଟର ଗୁରୁତ୍ୱ ସମ୍ବନ୍ଧରେ ଏକ ସଚେତନତା କାର୍ଯ୍ୟକ୍ରମ ଗୋରୁମୋହିଷାଣୀ ସାପ୍ତାହିକ ହାଟ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲପାଳ ଦୌଲତ ଚନ୍ଦ୍ରକାର, ବାମନଘାଟି ଉପଜିଲ୍ଲାପାଳ ସରୋଜ କୁମାର ଦାଶ, ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଓ ରାଇରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ନାରାୟଣୀ ପ୍ରିୟ ଦର୍ଶନୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ମଧ୍ୟରେ ଏହା କିପରି ସୁଦୂର ପ୍ରସାରି ହୋଇପାରିବ ଯଦ୍ୱାରା ନିର୍ବାଚନରେ ମତଦାତାଙ୍କ ଅଂଶ ଗ୍ରହଣ ଅଧିକରୁ ଅଧିକ ହେବ ସେ ସମ୍ବନ୍ଧରେ ବାର୍ତ୍ତା ପ୍ରଦାନ କରିଥିଲେ । ସାଧାରଣ ଜନତା ତଥା ସମସ୍ତ ବର୍ଗ ର ଭୋଟର ମାନଙ୍କ ସମାଗମକୁ ଦୃଷ୍ଟିରେ ରଖି ସାପ୍ତାହିକ ହାଟପଡ଼ିଆ ପରିସର ଠାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ଭୋଟର ମାନଙ୍କୁ ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଶିକ୍ଷା ଦେବା ସହ ମତଦାତାଙ୍କ ମତଦାନର ସମ୍ପୂର୍ଣ୍ଣ ପ୍ରକ୍ରିୟା କୁ ଉପସ୍ଥିତ ସାଧାରଣ ଜନତାଙ୍କୁ ସରଳ ଭାବେ ବୁଝାଇ ଦିଆଯାଇଥିଲା । ଏତଦ ବ୍ୟତୀତ ମତଦାତାଙ୍କ ସହଜ ଓ ସରଳ ବୋଧଗମ୍ୟ ପାଇଁ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ମାଧ୍ୟମରେ ମଧ୍ୟ ଭୋଟର ସଚେତନତା ସୃଷ୍ଟି କରାଯାଇ ମତଦାତା ମାନେ କିପରି ଅଧିକ ରୁ ଅଧିକ ସଂଖ୍ୟାରେ ନିର୍ବାଚନରେ ଅଂଶ ଗ୍ରହଣ କରି ସେମାନଙ୍କ ସାମ୍ବିଧାନିକ ମୌଳିକ ମତଦାନ ଅଧିକାର କୁ ବ୍ୟବସ୍ଥିତ ଢଙ୍ଗରେ ସାବ୍ୟସ୍ତ କରିବେ ସେ ବିଷୟରେ ପରାମର୍ଶ ଦିଆଯାଇଥିଲା। ଗଣତନ୍ତ୍ରର ଏହି ମହାନ ପର୍ବରେ ସାମିଲ ହୋଇ ନିଜ ନିଜ ସାମ୍ବିଧାନିକ ମୌଳିକ ଅଧିକାରକୁ ସୁଚାରୁ ସମ୍ପାଦନ କରିବା ପାଇଁ ନିବେଦନ କରାଯାଇଥିଲା। ସେହିପରି ଆଜି ଗୋରୁମୋହିସାଣି ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ଭୋଟର ସଚେତନତା କାର୍ଯ୍ୟକ୍ରମ ରେ ଛାତ୍ରୀବାସର ୯୨ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି କ୍ରମରେ ସେମାନେ ତାଙ୍କର ଭବିଷ୍ୟତର ଉନ୍ନତି ତଥା ଦେଶରେ ସୁଦୃଢ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ରଚନାତ୍ମକ ଢଙ୍ଗରେ ପୋଷ୍ଟ କାର୍ଡ ରେ ଚିଠି ଲେଖି ଆଗାମୀ ନିର୍ବାଚନ ରେ ନିଶ୍ଚିତ ଭୋଟ ଦାନ କରିବା ପାଇଁ ନିଜ ନିଜ ପିତାମାତା ଓ ଗୁରୁଜନ ମାନଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳ, ରାଇରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ନାରାୟଣୀ ପ୍ରିୟ ଦର୍ଶନୀ ପଣ୍ଡା ଉପସ୍ଥିତ ରହି ପରିଚାଳନା କରିଥିଲେ ।

## ହୁତୁ ହୁତୁ ହୋଇ ଜଳିଗଲା ୭ ବଖରା

ବେଗୁନିଆ, (ମହାଭାରତ): ବେଗୁନିଆ ବ୍ଲକ ଶଗଡ଼ଜ ଗଡ଼ଭଙ୍ଗା ପଞ୍ଚାୟତ ପିଣ୍ଡାମୂଳ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୫ ପରିବାର ୭ ବଖରା ଘର ଭସ୍ମୀଭୂତ ହୋଇଛି। ସମସ୍ତ ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଛି। ଖବରପାଇ ନିକଟସ୍ଥ ନୟାଗଡ଼ ଜିଲା ରଣପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟର କରିଥିଲେ। ସେତେବେଳକୁ ୭ ବଖରା ଘର ସମ୍ପୂର୍ଣ ପୋଡ଼ି ଯାଇଥିଲା। ସୂଚନାନୁସାରେ, ଗୁରୁବାର ମଧ୍ୟାହ୍ନରେ ଚୁଲିରେ କ୍ଷୀର ଫୁଟାଇ ଘରେ କାମ କରୁଥିବା ବେଳେ ଅସାବଧାନତା ଯୋଗୁ ନିଆଁ ଲାଗି ଗୋଟିଏ ପରେ ଗୋଟିଏ ବଖରାରେ ଅଗ୍ନିକାଣ୍ଡ ଲାଗିଥିଲା। ପ୍ରଚଣ୍ଡ ରୌଦ୍ରତାପ ଫଳରେ ନିଆଁର ପ୍ରକୋପ ଦ୍ୱିଗୁଣିତ ହୋଇଥିଲା । ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ବି ସମ୍ଭବ ହୋଇପାରିନଥିଲା। ପରେ ରଣପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରିଥିଲେ। ଅଗ୍ନିକାଣ୍ଡରେ ଗ୍ରାମର ରବୀନ୍ଦ୍ର ବେହେରା, ଚିନ୍ତାମଣି ବେହେରା, ହଳଧର ବେହେରା, ଭଗବାନ୍ ବେହେରାଙ୍କ ଚାଳ ଏବଂ ଆଜବେଷ୍ଟସ ଘର ସମ୍ପୂର୍ଣ୍ଣ ପୋଡ଼ି ଯାଇଛି। ଅଗ୍ନି ବିପନ୍ନ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ଅଗ୍ନିଶମ ବିଭାଗ ଆକଳନ କରିଛି। ସରପଞ୍ଚ ଲୀଳା ସ୍ୱାଇଁ ଅଗ୍ନିବିପନ୍ନଙ୍କ ସହିତ ଆଲୋଚନା କରିଥିଲେ। ସିକୋ ରାଜସ୍ୱ ନିରୀକ୍ଷକ ବିଶେଶ୍ୱର ରାୟ ବେହେରା ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଆଇନ ଅନୁସାରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

# ରାୟଗଡା ବିଜେଡି କାର୍ଯ୍ୟାଳୟ ଉଦଘାଟନ ଓ କର୍ମୀ ସମ୍ମିଳନୀ

ରାୟଗଡା - ରାୟଗଡା ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟକୁ ଆଜି ଉଦଘାଟନ କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଅତୁନୁ ସବ୍ୟସାଚୀ ନାୟକ । ସ୍ଥାନୀୟ ହୋଟେଲ ତେଜସ୍ୱୀ ସମ୍ମୁଖ ପଡିଆରେ ବିଜେଡି କାର୍ଯ୍ୟାଳୟର ଏହି ଉଦଘାଟନ କାର୍ଯ୍ୟକ୍ରମ ତଥା କର୍ମୀ ସମ୍ମିଳନୀଟି ଜିଲ୍ଲା ବିଜୁ ଜନତା ଦଳ ସଭାପତି ଏନ. ଭାସ୍କର ରାଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାୟଗଡା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ,ବିଧାନସଭା ଆସନ ବିଧାୟକ ପ୍ରାର୍ଥୀନୀ ଶ୍ରୀମତୀ ଅନୁସୂୟା ମାଝୀ, କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥୀନୀ ଶ୍ରୀମତୀ କୌଶଲ୍ୟା ହିକକା, ରାୟଗଡା ନିର୍ବାଚନ ମଣ୍ଡଳୀ ସହ ସଂଯୋଜକ ରଂଜିତ ରଏ, କୋରାପୁଟ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା,ରାୟଗଡା ପୌରାଧକ୍ଷ ପି. ମହେଶ ପଟ୍ଟନାୟକ,ଉପାଧକ୍ଷା ଶ୍ରୀମତୀ ଶୁଭ୍ରା ପଣ୍ଡା, ଜିଲ୍ଲା ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ଶର୍ମିତା ପାତ୍ରୀ,ବିନାୟକ କର, ଅମୀୟ ସ୍ୱାଇଁ ,ଚନ୍ଦ୍ରକାନ୍ତ ସାମଲଙ୍କ ସମେତ ବିଜେଡିର ବରିଷ୍ଠ ନେତୃବୃନ୍ଦ, କର୍ମୀ ଓ ସମର୍ଥକମାନେ ହଜାର ହଜାର ସଂଖ୍ୟାରେ ଉପସ୍ଥିତ ଥିଲେ । ନିର୍ବାଚନ ହେବ କିନ୍ତୁ ବିଜେଡିର ଏକା ପାଖିଆ ନିର୍ବାଚନ ହେବ ବୋଲି କହିଲେ ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀ ନାୟକ । ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଧାୟକ ଓ ସାଂସଦ ଆସନ ବିଜେଡି ଖାତାକୁ ନ ଆସିଥିଲେ ମଧ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାୟଗଡାର ବିକାଶ ଅଟକି ନ ଥିଲା । ରାଜ୍ୟ ସରକାରଙ୍କ ଜନହିତକର ତଥା ଲୋକାଭିମୁଖୀ ଯୋଜନାରେ ରାଜ୍ୟ ବିକାଶ ଗତିରେ ବଢ଼ି ଚାଲିଛି ଏବଂ ରାଜ୍ୟବାସୀ ଉପକୃତ ହୋଇଛନ୍ତି ତେଣୁ ଏହି ବିକାଶ ଧାରାକୁ ବଜାୟ ରଖିବା ପାଇଁ ଆଗାମୀ ସାଧାରଣ ନିର୍ବାଚନରେ ରାୟଗଡା ଜିଲ୍ଲାର ବିଧାନସଭା ଓ କୋରାପୁଟ ଲୋକସଭାର ଆସନରେ ବିଜେଡି ଟିକେଟ ପାଇ ନିର୍ବାଚନ ମୈଦାନକୁ ଓହ୍ଲେଇଥିବା ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରି ପୁଣି ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପୁନର୍ବାର ଜିତେଇବା ଏବଂ ରାଜ୍ୟ ତଥା ରାୟଗଡା ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଧାରାକୁ ଆଗେଇ ନେବା ପାଇଁ କର୍ମୀ ସମ୍ମିଳନୀରେ ଶ୍ରୀ ନାୟକ ଅଭିଭାଷଣ ରଖି କର୍ମୀଙ୍କୁ ଉତ୍ସାହିତ କରିଥିଲେ । ସେହିପରି ଭାସ୍କର ରାଓ ମଧ ଆଗାମୀ ନିର୍ବାଚନରେ ରାୟଗଡା ଜିଲ୍ଲାର ୩ଟି ବିଧାନସଭା ଓ ଲୋକସଭା ଆସନକୁ ବିଜେଡି ନିଜ ଦଖଲକୁ ନେବ ଏଥିପାଇଁ ସମସ୍ତ ଜନସାଧାରଣଙ୍କ ସମର୍ଥନ ଆବଶ୍ୟ ବୋଲି କହିଥିଲେ । ଏହି ଅବସରରେ ସ୍ଥାନୀୟ ବସଷ୍ଟାଣ୍ଡ ନିକଟରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ହଜାର ହଜାର ସଂଖ୍ୟକ ବିଜେଡି କର୍ମୀ ଓ ସମର୍ଥକଙ୍କ ଗହଣରେ ଏକ ବାଇକ ରାଲି ଯୋଗେ ନଗର ପରିକ୍ରମା କରାଯାଇ ବିଜେଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରାଟି ବାହାରିଥିଲା ।

## ଅଗ୍ନି ବିପନ୍ନ ପରିବାରକୁ ସହାୟତାର ହାତ ବଢାଇଲା ଛୋଟ ଏକ ପ୍ରୟାସ

ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ଝାଡୁବେରିଣୀ ଗ୍ରାମରେ ଗୁରୁବାର ଦିନ ରାତ୍ରୀରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ତେବେ ଏହି ଅଗ୍ନିକାଣ୍ଡରେ ଝାଡୁବେରେଣି ଗ୍ରାମର ପଙ୍କଜ ନାଏକ ଓ ମନୋଜ ନାଏକ ଙ୍କ ଦୁଇ ବଖରା ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ଏଲେକ୍ଟ୍ରିକ ସର୍ଟ ସର୍କିଟ ଯୋଗୁଁ ଏହି ଭୟାବହ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଥିବା ବେଳେ। ଏହି ଅଗ୍ନିକାଣ୍ଡର ଖବର ପାଇ ଛୋଟ ଏକ ପ୍ରୟାସ ସାମାଜିକ ସଙ୍ଗଠନର କିଛି ସଦସ୍ୟ ଯାଇ ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟିବା ସହ ଅନୁଷ୍ଠାନ ତରଫରୁ ଯଥା ସମ୍ଭବ କିଛି ଶୁଖିଲା ଖାଦ୍ୟ ଓ ରାସନ ସହ କିଛି ବସ୍ତ୍ର ର ସହାୟତା କରିଥିଲେ। ଛୋଟ ଏକ ପ୍ରୟାସର ଏହି ମହାନ କାର୍ଯ୍ୟ ପାଇଁ ବିଭିନ୍ନ ଅଞ୍ଚଳରୁ ଲୋକମାନଙ୍କର ପ୍ରଶଂସାର ସୁଅ ଛୁଟିଛି।

# ଚେନ୍ନାଇକୁ ୮ ୱିକେଟ୍‌ରେ ହରାଇଲା ଲକ୍ଷ୍ନୌ

ଲକ୍ଷ୍ନୌ, ୧୯।୪: ଲକ୍ଷ୍ନୌ ସୁପର ଜାଏଣ୍ଟ ଓପନରଙ୍କ ସମ୍ମୁଖରେ ଫିକା ପଡ଼ିଲେ ଚେନ୍ନାଇ ବୋଲର କ୍ୟାପ୍ଟେନ୍ କେଏଲ୍ ରାହୁଲ ଓ କ୍ୱିଣ୍ଟନ ଡିକକ୍‌ଙ୍କ ଲଢୁଆ ଇନିଂସ୍ ବଳରେ ଚେନ୍ନାଇକୁ ୮ୱିକେଟ୍ରେ ହରାଇଲା ଲକ୍ଷ୍ନୌ ସୁପର ଜାଏଣ୍ଟ ।ଅଟଳ ବିହାରୀ ବାଜପାୟୀ ଏକାନ୍ନା କ୍ରିକେଟ ଷ୍ଟାଡିୟମ୍ରେ ଆଇପିଏଲ୍ର ୩୪ ତମ ମ୍ୟାଚରେ ଚେନ୍ନାଇ ସୁପର କିଂ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ ମଧ୍ୟରେ ମୁକାବିଲା ହୋଇଛି ।

ଏଥିରେ ଚେନ୍ନାଇ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୧୭୬ ରନ୍ କରିଥିଲା ଜବାବରେ ଲକ୍ଷ୍ନୌ ଶେଷ ଓଭରରେ ଦୁଇ ୱିକେଟ୍ ହରାଇ ୧୮୦ ରନ୍ କରି ମ୍ୟାଚ୍ ଜିତି ନେଇଛି ।

ଶୁକ୍ରବାର ମ୍ୟାଚରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଭଲ ପ୍ରଦର୍ଶନ କରିଥିଲା ଲକ୍ଷ୍ନୌ ଦଳ ପକ୍ଷରୁ ଓପନିଂ ଆସିଥିବା କ୍ୟାପ୍ଟେନ୍ କେ ଏଲ୍ ରାହୁଲ ଓ କ୍ୱିଣ୍ଟନ ଡିକକ୍ ଦୁହେଁ ମିଶି ମ୍ୟାଚ୍ ନିଂ ପାଳି ଖେଳିଥିଲେ । ରାହୁଲ ୫୩ ବଲ୍ରେ ୮୩ ରନର ବିସ୍ଫୋରକ ଇନିଂସ୍ ଖେଳିଥିଲେ । ଏଥିରେ ସେ ୩ ଛକ୍କା ଓ ୯ଟି ଚୌକା ମାରିଥିଲେ । ସେହିପରି ଡିକକ୍ ୪୩ ବଲରେ ୫୪ ରନ୍ କରି ଆଉଟ୍ ହୋଇଥିଲେ । ଦୁହେଁ ମିଶି ଦଳର ସ୍କୋରକୁ ୧୩୪ ପର୍ଯ୍ୟନ୍ତ ଟାଣି ନେଇଥିଲେ ଫଳରେ ବାକି ଖେଳାଳିଙ୍କ ପାଇଁ ମ୍ୟାଚ୍ ଜିତାଇବା ସହଜ ହୋଇଯାଇଥିଲା ।

ଶେଷ ପର୍ଯ୍ୟନ୍ତ ନିକୋଲାସ ପୁରନ ଓ ମାର୍କସ ଷ୍ଟୋଇନିସ୍ ବ୍ୟାଟିଂ କରି ମ୍ୟାଚ୍ ଜିତାଇ ଥିଲେ ନିକୋଲାସ୍ ୧୨ ବଲରେ ୨୩ ରନ୍ କରିଥିବା ବେଳେ ଷ୍ଟୋଇନିସ୍ ୭ ବଲ୍ରେ ୮ ରନ୍ କରିଥିଲେ ।

ଅନ୍ୟପଟେ ବ୍ୟାଟିଂ ଠାରୁ ଆଜି ବୋଲିଂରେ ଖରାପ ପ୍ରଦର୍ଶନ କରିଛି ଚେନ୍ନାଇ । ଗତ ମ୍ୟାଚ୍ର ଭଲ ପ୍ରଦର୍ଶନ କରିଥିବା ମାଥିସା ପାଥିରାନା କିମ୍ବା



ଦଳର କୌଣସି ବୋଲର ଲକ୍ଷ୍ନୌର ଓପନିଂ ଯୋଡ଼ିକୁ ସହଜରେ ଭାଙ୍ଗିପାରି ନଥିଲେ । ୧୪ ଓଭର ଖେଳ ବେଳେ ମୁସ୍ତାଫିଜୁର ଡିକକ୍‌ଙ୍କୁ ଆଉଟ୍ କରିଥିଲେ । ଏହାପରେ ୧୭.୧ ବଲରେ ପାଥିରାନା ରାହୁଲଙ୍କୁ ଆଉଟ୍ କରିଦେଇଥିଲେ ।ଅନ୍ୟ କୌଣସି ବୋଲର ୱିକେଟ୍ ନେବାର ସଫଳ ହୋଇ ନଥିଲେ ।।

ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଚେନ୍ନାଇ ଦ୍ୱିତୀୟ ଓଭରରେ ୱିକେଟ୍ ହରାଇଥିଲା । ଏଥର ବି ଫ୍ଲପ୍ ମାରିଥିଲେ ରଚିନ ରବିନ୍ଦ୍ରନ(୦) । ଏହାପରେ ରୁତୁରାଜ ଗାଇକ୍ୱାଡ଼,ଶିବମ ଦୁବେ, ସମୀର ରିଜୀ ମଧ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ । ତେବେ ମୋଇନ ଅଲ୍ଲୀ ରବିନ୍ଦ୍ର ଜାଡ଼େଜାଙ୍କ ସହ ମିଶି କିଛି ସମୟ ପର୍ଯ୍ୟନ୍ତ ଦଳର ବ୍ୟାଟିଂ ଲାଇନ୍ ସମ୍ଭାଳିଥିଲେ । ଶେଷ ବେଳକୁ ମହେନ୍ଦ୍ର ସିଂହ ଧୋନୀ ବଡ଼ ଶଟ୍ ମାରିବାକୁ ଚେଷ୍ଟା କରି ମାତ୍ର ୯ ବଲ୍ରେ ୨୮ ରନ୍ କରିଥିଲେ ଯେଉଁଥିରେ ଦୁଇଟି ଛକ୍କା ଓ ତିନିଟି ଚୌକା ରହିଛି ।ସେହିପରି ରବିନ୍ଦ୍ର ଜାଡ଼େଜା ସର୍ବାଧିକ ୫୭, ଅଜିଙ୍କ୍ୟ ରାହାଣେ ୩୬ ଓ ମୋଇନ ଅଲି ୩୦ ରନ୍ କରିଥିଲେ । ଅନ୍ୟପଟେ ଲକ୍ଷ୍ନୌ ବୋଲରମାନେ ଆଜି ଚେନ୍ନାଇ ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ । ଦଳ ପକ୍ଷରୁ କୃଣାଲ ପଣ୍ଡ୍ୟା ସର୍ବାଧିକ ୨ଟିୱିକେଟ୍ ନେଇଥିବା ବେଳେ ମୋଶିନ ଖାନ୍, ଯସ ଠାକୁର, ରବି ବିଷ୍ଣୋଇ ମାର୍କ୍ସ ଷ୍ଟୋଇନିସ୍ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ ।

# ହାର୍ଦ୍ଦିକଙ୍କ ଉପରେ ଜୋରିମାନା

ନୂଆଦିଲ୍ଲୀ, ୧୯।୪(ଏଜେନ୍ସି): ଆଇପିଏଲ-୨୦୨୪ରେ ମୁମ୍ବାଇ ଇଣ୍ଡିଆନସ୍ ପୁଣିଥରେ ବିଜୟ ଟ୍ରାକକୁ କମବ୍ୟାକ କରିଛି । ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚରେ ଦମଦାର ବିଜୟ ହାସଲ କରିଛି ମୁମ୍ବାଇ ଇଣ୍ଡିଆନ୍ସ ୯ ରନରେ ଏହି ମ୍ୟାଚ ଉପରେ କବଜା କରିବାରେ ସଫଳ ହୋଇଛି ହାର୍ଦ୍ଦିକ ସେନା । କିନ୍ତୁ ଏହି ମ୍ୟାଚରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ କଡ଼ା ଆକ୍ସନ ନେଇଛି ଭାରତୀୟ କ୍ରିକେଟ ବୋର୍ଡ । ନିୟମ ଉଲ୍ଲଙ୍ଘନ ଯୋଗୁଁ ହାର୍ଦ୍ଦିକଙ୍କ ପାଇଁ ଦଣ୍ଡ ବିଧାନ ଲାଗୁ କରିଛି ବିସିସିଆଇ । ଏଥିପାଇଁ ପାଣ୍ଡ୍ୟା ୧୨ ଲକ୍ଷ ଟଙ୍କାର ଜରିମାନା ଦେଇଛନ୍ତି ।

ପଞ୍ଜାବ ବିପକ୍ଷ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୯ ରନର ବିଜୟ ହାସଲ କରିଛି କିନ୍ତୁ ମ୍ୟାଚରେ ହାର୍ଦ୍ଦିକଙ୍କୁ ଏକ ବଡ଼ ଝଟକା ଲାଗିଛି । ହାର୍ଦ୍ଦିକଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଥର ପାଇଁ ସ୍ଲୋ ଓଭର ରେଟ୍ ବୋଲିଂ କରିଛି । ଏହି ଅପରାଧରେ ଦୋଷୀ ସାବ୍ୟସ୍ତ ହେବା ପରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କାର ଜରିମାନା ଲାଗୁ କରିଛି ବିସିସିଆଇ । ଆଇପିଏଲର କୋଡ୍ ଅଫ୍ କଣ୍ଡକ୍ଟ ଅନୁସାରେ, ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମ ଥର ପାଇଁ ସ୍ଲୋ ଓଭର୍ ରେଟ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ୧୨ ଲକ୍ଷ ଟଙ୍କା ଲାଗୁ ହୋଇଛି ।

ତେବେ ଚଳିତ ଆଇପିଏଲରେ ହାର୍ଦ୍ଦିକଙ୍କ ପୂର୍ବରୁ ଅନ୍ୟ ଯୁବ ଅଧିନାୟକ ମାନଙ୍କ ଉପରେ ମଧ ଏହି ଦଣ୍ଡବିଧାନ ଲାଗୁ କରିଛି ବିସିସିଆଇ । ସ୍ଲୋ ଓଭର ରେଟ୍ ବୋଲିଂ ପାଇଁ ରିଷଭ ପନ୍ତ, ଶ୍ରେୟସ ଆୟର, ଶୁଭମନ ଗିଲ ଏବଂ ସଞ୍ଜୁ ସାମସନଙ୍କ ଉପରେ ୧୨ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଲାଗୁ କରାଯାଇଛି । ତେବେ ଦିଲ୍ଲୀ ଅଧିନାୟକ ରିଷଭ ପନ୍ତ ଦୁଇଟି ମ୍ୟାଚରେ ଏହି ଭୁଲ କରିଥିବାରୁ ମୋଟ ୩୬ଲକ୍ଷ ଜରିମାନା ଦେଇଥିବା ବେଳେ ଦଳର ଅନ୍ୟ ସଦସ୍ୟମାନଙ୍କ ଉପରେ ମଧ ୬ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଲାଗୁ କରିଛି ବିସିସିଆଇ ।

# କଟକରେ ଜାତୀୟ ଟିଟି ପ୍ରଶିକ୍ଷଣ ଶିବିର

କଟକ ୧୯।୪(ଏଜେନ୍ସି): ରାଜ୍ୟ କ୍ରୀଡ଼ା ବିଭାଗ ସହାୟତାରେ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ୍ ସଂଘ ପକ୍ଷରୁ ସିଡିଏ ସେକ୍ଟର-୭ସ୍ଥିତ କଟକ ଟେବୁଲ ଟେନିସ୍ ଏକାଡେମିରେ ଜାତୀୟସ୍ତରୀୟ ପ୍ରଶିକ୍ଷଣ ଶିବର ଗତ ୯ ତାରିଖରୁ ଆରମ୍ଭ ହୋଇଛି । ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ଓଡ଼ିଶା ସମେତ ୧୦ ରାଜ୍ୟର ମୋଟ ୩୨ଜଣ ଖେଳାଳି ସାମିଲ ହୋଇଛନ୍ତି । ଆନ୍ତର୍ଜାତିକ ପ୍ରଶିକ୍ଷକ ଆର୍. ରାଜେଶ ଶିବିର ପରିଚାଳନା କରୁଛନ୍ତି । ରାଜେଶ ଏକାଧିକ ଥର ଭାରତୀୟ କନିଷ୍ଠ ଟିଟି ଦଳର ପ୍ରଶିକ୍ଷକ ଥିଲେ ।



ତାଙ୍କ ସହ ଭାରତୀୟ ଦଳର ପୂର୍ବତନ ପ୍ରଶିକ୍ଷକ ଓଡ଼ିଶାର ରାଜ୍ ସୁବ୍ରମଣ୍ୟମ୍ ମଧ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଶିବିରରେ ଯୋଗ ଦେଇଥିବା ଆନ୍ତର୍ଜାତିକ ଓ ଜାତୀୟ ପଦକ ଜିତିଥିବା ୧୦ ଜଣ ସଫଳ ଖେଳାଳିଙ୍କ ସହ୍ ମହାରାଷ୍ଟ୍ରର ଜେନିଫର ଭର୍ଗିଜ୍ ଏବେ ୧୫ ବର୍ଷରୁ କମ୍ ବାଳିକା ବିଶ୍ୱ ମାନ୍ୟତାରେ ୪ର୍ଥ ସ୍ଥାନରେ ଅଛନ୍ତି । ସେ ଏକାଧିକ ଅନ୍ତର୍ଜାତୀୟ ପଦକ ଜିତିବା ସହ ୧୫ ବର୍ଷରୁ କମ୍ ବାଳିକା ଏକକ ଜାତୀୟ ବିଜେତା ହୋଇଛନ୍ତି । କର୍ଣ୍ଣାଟକର ଶଶାଙ୍କ ରାଓ ୧୩ ବର୍ଷରୁ କମ୍ ବର୍ଗରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଛନ୍ତି । ପଶ୍ଚିମବଙ୍ଗର ପୁନିତ ବିଶ୍ୱାସ ଜଣେ ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଏବଂ ଏକ ଡଜନ୍‌ରୁ ଅଧିକ ଜାତୀୟ ପଦକ ଜିତିଛନ୍ତି । ଏମାନଙ୍କ ସହ ଓଡ଼ିଶାରୁ ରାଜ୍ୟ ମାନ୍ୟତାପ୍ରାପ୍ତ ୨୦ ଜଣ ଖେଳାଳି ଶିବିରରେ ଯୋଗ ଦେଇଛନ୍ତି ।ପ୍ରତ୍ୟହ ଦୁଇ ଓଳି ଶିବିର ଚାଲିଛି । ଏହାସହ ଖେଳାଳିଙ୍କ ଫିଟ୍‌ନେସ୍ ପାଇଁ ମଧ ତାଲିମ ଦିଆଯାଉଛି ।

# ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ୪୨ ଭାରତୀୟଙ୍କ ଯୋଗ୍ୟତା

ପ୍ୟାରିସ୍, ୧୯।୪(ଏଜେନ୍ସି): ଦିନକ ପୂର୍ବରୁ ଗ୍ରିସ୍‌ର ପୁରାତନ ଅଲିମ୍ପିଆ ସହରରେ ମଶାଲ ପ୍ରଜ୍ୱଳନ ହେବା ସହ ପ୍ୟାରିସ୍ ଅଲିମ୍ପିକ୍ସର ୧୦୦ ଦିନିଆ ଅବଗଣନା ବୁଧବାରଠାରୁ ଆରମ୍ଭ ହୋଇଛି । ସାରା ବିଶ୍ୱରେ ଏଥିଲାଗି ଉତ୍ସାହ ଓ ଉଲ୍ଲାସର ପରିବେଶ ସୃଷ୍ଟି ହୋଇଛି । ଜୁଲାଇ ୨୬ ତାରିଖ୍ରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବ ପାଇଁ ଫ୍ରାନ୍ସ ସରକାର ମଧ ବ୍ୟାପକ ପ୍ରସ୍ତୁତି କରିଛନ୍ତି । ଅଲିମ୍ପିକ୍ସ ଭଳି ବହୁ ପ୍ରତୀକ୍ଷିତ ଉତ୍ସବକୁ ସଫଳ କରିବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ।

ଅବଶ୍ୟ ଏଭଳି ଏକ ବଡ଼ ଉତ୍ସବ ପୂର୍ବରୁ ନାନା ପ୍ରଶ୍ନ ଓ ଚିନ୍ତା ପ୍ରକାଶ ପାଇବା ସ୍ୱାଭାବିକ ଆମେ ଅଲିମ୍ପିକ୍ସ ଆୟୋଜନ କରି ଫ୍ରାନ୍ସର ଅସଲ ସାମର୍ଥ୍ୟକୁ ଦର୍ଶାଇବାକୁ ଚାହୁଁଛୁ ବିଶ୍ୱବାସୀକୁ ସ୍ୱାଗତ କରିବା ଲାଗି ଆମ ଦେଶବାସୀ ଚାତକ ଭଳି ଚାହିଁ ବସିଛନ୍ତି ବୋଲି ୨୦୨୪ ଅଲିମ୍ପିକ୍ସର ମୁଖ୍ୟ ଆୟୋଜକ ଟୋନି ଏଷ୍ଟାନଗ୍ୱେଟ୍ କହିଛନ୍ତି ତେବେ ଫ୍ରାନ୍ସରେ ବଢ଼ି ଚାଲିଥିବା ସାମ୍ପ୍ରଦାୟିକ ଭେଦଭାବ, ଜାତିଗତ ବିବିଧତା ତଥା ଶରଣାର୍ଥୀ ସମସ୍ୟା ପାଇଁ ଅଲିମ୍ପିକ୍ସ-୨୦୨୪ର ସଫଳ ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।




ବିଶେଷ କରି ସାରା ବିଶ୍ୱରୁ ଆସିବାକୁ ଥିବା ହଜାର ହଜାର କ୍ରୀଡ଼ାବିତ, ପ୍ରଶଂସକ ତଥା ଅଧିକାରୀଙ୍କ ସୁରକ୍ଷା ଫ୍ରାନ୍ସ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେବ ବୋଲି ଆକଳନ କରାଯାଉଛି । ଏହାକୁ ଆଖି ଆଗରେ ରଖି ଅଲିମ୍ପିକ୍ସ ବେଳେ ତ୍ରିସ୍ତରୀୟ ବ୍ୟବସ୍ଥା କରିବାକୁ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମ୍ୟାକ୍‌ରୋଁ ନିଜ ଦେଶର ସୁରକ୍ଷା ଅଧିକାରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଆୟୋଜକ ସହର ପ୍ୟାରିସ୍‌ର ମେୟର ଆନେ ହିଡାଲ୍‌ଗୋ ଖେଳାଳିଙ୍କ ସୁରକ୍ଷା ବ୍ୟବସ୍ଥାକୁ ପ୍ରଶାସନ ସର୍ବାଧିକ ଗୁରୁତ୍ୱ ଦେଉଥିବା ଘୋଷଣା କରିଛନ୍ତି ।ଅଲିମ୍ପିକ୍ସ ବେଳେ ୨୦,୦୦୦ ସୈନିକ ଓ ୪୦,୦୦୦ ପୁଲିସ ମୁତୟନ ହେବେ ବୋଲି ସୂଚନା ଦେଇଛନ୍ତି ସେ । ସେହିଭଳି ଏକ ସବୁଜ ଅଲିମ୍ପିକ୍ସ ଆୟୋଜନ ଉପରେ ଜୋର ଦିଆଯାଉଥିବା କହିଛନ୍ତି । ଅର୍ଥାତ ଅଲିମ୍ପିକ୍ସ ଯୋଗୁ ପ୍ରକୃତିର ଯେମିତି କୌଣସି କ୍ଷତି ନଘଟେ, ତା ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ହିଡାଲ୍‌ଗୋ । ସୂଚନାଯୋଗ୍ୟ ଯେ ଆଧୁନିକ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ପ୍ୟାରିସ୍‌ରେ ଜୁଲାଇ ୨୬ରୁ ଆରମ୍ଭ ହୋଇ ଅଗଷ୍ଟ ୧୧ରେ ଶେଷ ହେବ । ଏଥିରେ ୪୫ କ୍ରୀଡ଼ାର ବିଭିନ୍ନ ଇଭେଣ୍ଟ ୩୫ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ୨୦୬ ରାଷ୍ଟ୍ରର ୧୦,୫୦୦ରୁ ଅଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ । ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଭାରତ ଗୋଟିଏ ସ୍ୱର୍ଣ୍ଣ, ଦୁଇଟି ରୌପ୍ୟ ଓ ଚାରିଟି କାଂସ୍ୟ ପଦକ ସହ ମୋଟ ୭ଟି ପଦକ ଜିତିଥିଲା । ଏଥର ଏହି ସଂଖ୍ୟା ବଢ଼ାଇବାକୁ ଲକ୍ଷ୍ୟ ରଖିଛି ଟୋକିଓ ଅଲିମ୍ପିକ୍ସକୁ ଭାରତ ତା ଇତିହାସର ସର୍ବବୃହତ ଦଳ ପଠାଇଥିଲା । ଏଥିରେ ୧୨୬ଜଣ ଖେଳାଳି ଥିଲେ ସେମାନେ ୧୮ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ତେବେ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଏପର୍ଯ୍ୟନ୍ତ ମାତ୍ର ୪୨ ଭାରତୀୟ ଖେଳାଳି ଯୋଗ୍ୟତା ଅର୍ଜନ କରିଛନ୍ତି ।

ସେଥିମଧ୍ୟରେ ବନ୍ଧୁକ ଚାଳନାରୁ ସର୍ବାଧିକ ୨୦ଜଣ ଥିଲା ବେଳେ ଦୌଡ଼କୁଦରୁ ୯, ଟେବୁଲ ଟେନିସରୁ ୬, ବ୍ୟାଡ୍‌ମିଣ୍ଟନ୍‌ରୁ ୫, ମୁଷ୍ଟିଯୁଦ୍ଧରୁ ୪ ଏବଂ ଭାରୋତ୍ତୋଳନ, ନୌଚାଳନା, ଅଶ୍ୱଚାଳନା ଓ ତୀରନ୍ଦାଜିରୁ ଜଣେ ଲେଖାଏଁ ଖେଳାଳି ଅଛନ୍ତି । ଭାରତୀୟ ପୁରୁଷ ହକି ଦଳ ମଧ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିସାରିଛି । ତେବେ ଆଗାମୀ ୧୦୦ ଦିନ ମଧ୍ୟରେ ଏହି ସଂଖ୍ୟା ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି । ଭାରତର ଶ୍ରେଷ୍ଠ ଦାବିଦାରଙ୍କ ମଧ୍ୟରେ ରହିଛନ୍ତି ନୀରଜ ଚୋପ୍ରା (ଜାଭଲିନ), ପିଭି ସିନ୍ଧୁ (ବ୍ୟାଡ୍‌ମିଣ୍ଟନ୍), ମୀରାବାଈ ଚାନୁ (ଭାରୋତ୍ତୋଳନ), ନିଖତ ଜରିନ (ମୁଷ୍ଟିଯୁଦ୍ଧ), ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ-ଚିରାଗ ସେଟ୍ଟୀ (ବ୍ୟାଡ୍‌ମିଣ୍ଟନ୍), ଲଭଲୀନା ବଡ଼ଗୋହାଁଇ, ଅଦିତି ଅଶୋକ, ସିଫ୍‌ତ କେଉର ଶର୍ମା ପ୍ରମୁଖ ।

# ଫିଟ୍‌ନେସ୍, ଶାରୀରିକ ଦକ୍ଷତା ଓ ମନୋଭାବକୁ ନେଇ କାମ କରିବେ ସୁରେନ୍ଦ୍ର

ଭୁବନେଶ୍ୱର, ୧୯।୪: ବଲବିନ୍ଦର ସିଂହ ସାନ୍ଧୁ, ସୟଦ ସବା କରିମ୍, ଭେଙ୍କଟପତି ରାଜୁ, ମାଇକେଲ୍ ବେଭାନ, ୱାସିମ ଜାଫର, ଦୀନେଶ ମୋଙ୍ଗିଆଙ୍କ ଭଳି ରାଜ୍ୟ ବାହାରର ଅନ୍ତର୍ଜାତୀୟ ଖେଳାଳି ଦିନେ ଓଡ଼ିଶା ରଣଜୀ ଦଳର ପ୍ରଶିକ୍ଷକ ଥିଲେ ହେଲେ କେହି ବି ଦଳକୁ ରଣଜୀ ଟ୍ରଫି ନକ୍‌ଆଉଟ୍ ପର୍ଯ୍ୟନ୍ତ ନେଇପାରି ନଥିଲେ । ଏବେ ପୁଣି ଥରେ ପୂର୍ବତନ ଖେଳାଳି ତଥା ଜାତୀୟ ଚୟନକର୍ତ୍ତା ସୁରେନ୍ଦ୍ର ଭାବେଙ୍କୁ ନେଇ ଓସିଏ ଓଡ଼ିଶା କ୍ରିକେଟ୍‌କୁ ମଜବୁତ୍ କରିବାକୁ ଅଣ୍ଟା ଭିଡିଛି ।



ସୁରେନ୍ଦ୍ର କହିଛନ୍ତି, ଓଡ଼ିଶାର କ୍ରିକେଟ୍ ବ୍ୟବସ୍ଥା ବିଷୟରେ ଭଲ ଭାବେ ଜାଣିନି । ଦିନେ ଦୁଇଦିନ ଭିତରେ କଟକରେ ପହଞ୍ଚି ବ୍ୟବସ୍ଥାକୁ ବୁଝିବାକୁ ଚେଷ୍ଟା କରିବି । ଦଳ ସହିତ ଯୋଗଦେବା ପରେ ଖେଳାଳିଙ୍କ ଶକ୍ତି ଓ ଦୁର୍ବଳତାକୁ ବିଶ୍ଳେଷଣ କରିବି । ଓଡ଼ିଶାକୁ ୩ ଫର୍ମାଟ୍‌ରେ ନକ୍‌ଆଉଟ୍ ଯିବାକୁ ପଡ଼ିବ । ଉପରସ୍ତରକୁ ଗଲେ ବ୍ୟକ୍ତିଗତ ପ୍ରଦର୍ଶନ ମଧ ଭଲ ହୋଇଚାଲିବ । ଜଣେ ବ୍ୟାଟର୍ ଭାବେ ମୁଁ ଜାଣିଛି ଗୋଟିଏ ଗୋଟିଏ ସୋପାନ ଦେଇ ବଢ଼ିବାକୁ ହେବ । ଠିକ୍ ଲକ୍ଷ୍ୟରେ ସଂଗଠିତ ଭାବେ ଖେଳିଲେ ଭଲ ଫଳ ନିଶ୍ଚୟ ମିଳିବ । ଓଡ଼ିଶାରେ ଆଗରୁ କେବେ କାମ କରିନି ଜାତୀୟ ଚୟନକର୍ତ୍ତା (୨୦୦୮-୨୦୧୨) ଥିବା ସମୟରେ ବହୁ ଥର ଓଡ଼ିଶା ଆସି ପ୍ରଥମ ଶ୍ରେଣୀ ମ୍ୟାଚ୍ ଦେଖିଥିଲି । ଏବେ ଓଡ଼ିଶାରେ ଅଧିକ ସମୟ ବିତାଇବି ଓ ଓଡ଼ିଶା କ୍ରିକେଟ୍‌କୁ ମଧ ଉନ୍ନତି ପଥରେ ନେବା ଲକ୍ଷ୍ୟ ରହିଥିବା ସୁରେନ୍ଦ୍ର କହିଛନ୍ତି ।

ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନରେ ଉନ୍ନତି ଉପରେ ସେ କହିଛନ୍ତି, ମୁଁ ପ୍ରସ୍ତୁତି ଉପରେ ବିଶ୍ୱାସ ରଖେ ଯଦି ଭଲ ପ୍ରସ୍ତୁତି କରିବି ତାହେଲେ ଭଲ ଫଳ ପାଇବି । ପ୍ରଥମେ ଖେଳାଳିଙ୍କ ମନୋଭାବକୁ ବୁଝିବାକୁ ହେବ ପ୍ରତ୍ୟେକ ଖେଳାଳି ଓଡ଼ିଶା ଶିବିରର ମୂଲ୍ୟକୁ ବୁଝିବାକୁ ହେବ । ଦଳଗତ ପ୍ରଦର୍ଶନକୁ ପ୍ରଥମେ ପ୍ରାଧାନ୍ୟ ଦେବେ, ତାହେଲେ ବ୍ୟକ୍ତିଗତ ପ୍ରଦର୍ଶନ ଭଲ ହୋଇପାରିବ । ତେଣୁ ଖେଳାଳିଙ୍କ ମନୋଭାବକୁ ପ୍ରଥମେ ମାର୍ଜିତ କରାଇବି । ଅଧିକ ଭଲ ଖେଳିଲେ ଆଇପିଏଲ୍ ଫ୍ରାଞ୍ଚାଇଜ୍‌ମାନେ ତାଙ୍କ ପାଖକୁ ଆସିବେ । ସେହି ବିଶ୍ୱାସ ଖେଳାଳିଙ୍କ ଭିତରେ ଜମାଇବାକୁ ହେବ ବହୁଦିବସୀୟ ମ୍ୟାଚ୍‌ଗୁଡ଼ିକରେ ସଂଗତିପୂର୍ଣ୍ଣ ପ୍ରଦର୍ଶନ ଦେବାକୁ ପଡ଼ିଥାଏ । ପ୍ରଶିକ୍ଷକ ଓ ଅଧିନାୟକ ଚାହାନ୍ତି ଯେ, ତାଙ୍କ ପାଖରେ ୩/୪ ବୋଲର ଦିନର ୯୦ ଓଭର ସାରା ଚାପ ପକାଇପାରୁଥିବେ । ତେଣୁ ଖେଳାଳିଙ୍କ ଫିଟ୍‌ନେସ୍, ଶାରୀରିକ ଦକ୍ଷତା ଓ ମନୋଭାବକୁ ନେଇ କାମ କରିବେ ବୋଲି ସେ ପ୍ରକାଶ କରିଛନ୍ତି । ଅପରପକ୍ଷେ ବ୍ୟକ୍ତିଗତ ଭାବେ ରଣଜୀ ଟ୍ରଫି ଜିତିନପାରିବା କଥା ମନେପକାଇ ସେ ଦୁଃଖ ଅନୁଭବ କରିଛନ୍ତି । କିନ୍ତୁ ଏହାକୁ ଆଧାରକରି ଦକ୍ଷତା ମପାଯାଇପାରିବନି । ୨୦୦୧ରେ ଯେଉଁଦିନ ରଣଜୀ ଟ୍ରଫି ଶେଷ ମ୍ୟାଚ୍ ଖେଳିଥିଲି, କ୍ରିକେଟ୍‌କୁ ସେହି ପଡ଼ିଆରେ ଛାଡ଼ିଦେଇ ଆସିଥିଲି । ସେହିଭଳି ଭାରତୀୟ ଦଳରୁ ଖେଳିପାରିଲିନି ବୋଲି ଅବସୋସ କରୁନାହିଁ । ଏଭଳି ଭାବିଥିଲେ ଏତେବର୍ଷ ବୋଝକୁ ନେଇ ଆଗକୁ ବଢିପାରି ନଥାନ୍ତି ଯେଉଁମାନେ ଏପରି ଅନୁଭବ କରିଥାନ୍ତି, ସେମାନେ ତାଙ୍କ ବର୍ତ୍ତମାନକୁ ବିଗାଡ଼ି ଦେଇଥାନ୍ତି ବୋଲି ସୁରେନ୍ଦ୍ର କହିଛନ୍ତି ।

# ତେଜ ହୋଣ୍ଡା ୪ର୍ଥ ପ୍ରିମିୟର ଲିଗ୍ : ଏମଏମସିସି ଓ ରାମେଶ୍ୱର ଫାଇଟର୍ସ ବିଜୟୀ

ଯାଜପୁର ରୋଡ୍, ୧୯।୪(ମହାଭାରତ): କଳିଙ୍ଗନଗର ସ୍ପୋର୍ଟସ ଏକାଡ଼େମୀ ଆନୁକୁଲ୍ୟରେ ତେଜ ହୋଣ୍ଡା ସହଯୋଗରେ ସ୍ଥାନୀୟ ବ୍ୟାସନଗର ଷ୍ଟାଡ଼ିୟମଠାରେ ଚାଲୁଥିବା ୪ର୍ଥ କଳିଙ୍ଗନଗର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିବସ ଖେଳର ପ୍ରଥମ ମ୍ୟାଚ ଏମ.ଏମ.ସି.ସି ସମ୍ବଲପୁର ଓ ଡୁବୁରୀ ଫାଇଟର୍ସ, ଡୁବୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସରେ ବିଜୟୀ ହୋଇ ଡୁବୁରୀ ଫାଇଟର୍ସ ପ୍ରଥମେ ଫିଲଡ଼ିଂଗ୍ କରିବାର ନିଷ୍ପତି ନେଇଥିଲେ । ଏମ.ଏମ.ସି.ସି. ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୭୮ ରନ୍ କରିଥିଲେ । ଦଳ ତରଫରୁ ରଞ୍ଜିଟ୍ରଫି ଖେଳାଳୀ ଅଭିଷେକ ଯାଦବ ୪୬ଟା ବଲ୍‌ରୁ ବିସ୍ଫୋରକ ୧୨୪ରନ୍ , ରବିନ୍ଦ୍ର ରାଉତ ୪୬ ଓ କ୍ଷମାସାଗର ବଳ ୪୨ ରନ୍ କରିଥିଲେ, ଡୁବୁରୀ ଫାଇଟର୍ସର ଅସିତ ଖାନ ୨ଟି ଓ ଶିଭମ ଶର୍ମା ୨ଟି ଲେଖାଁଏ ଉଇକେଟ ନେଇଥିଲେ । ଏହି ବିଶାଳ ସ୍କୋରର ପିଛା କରି ଡୁବୁରୀ ଫାଇଟର୍ସ ଲଢୁଆ ବ୍ୟାଟିଂଗ୍ କରି ୨୦ ଓଭରରେ ୭ ଉଇକେଟ ହରାଇ ୨୫୦ ରନ୍ କରିଥିଲେ । ଦଳ ତରଫରୁ ଦୀଲ୍ଲି ରଞ୍ଜି ଟ୍ରଫି ଦଳର ଖେଳାଳୀ ନିଶାନ୍ତ ୬୫, ଅଙ୍କିତ ନରୱାଲ ୪୫ ଓ ବିକ୍ରାନ୍ତ ରାଜ ୪୨ ରନ୍ କରିଥିଲେ । ଏମ.ଏମ.ସି.ସି.ର ଅଭିଷେକ ଯାଦବ ୩ଟି ଓ ମନୋଜ ବାରିକ ଗୋଟିଏ ଉଇକେଟ ନେଇଥିଲେ । ଏମ ଏମ ସି ସି ୨୮ରନ୍ ରେ ବିଜୟୀ ହୋଇଥିଲେ । ବିଜୟୀ ଦଳର ଅଭିଷେକ ଯାଦବଙ୍କୁ ସାମସଙ୍ଗ୍ କମ୍ପାନୀର ଯାଜପୁର ଜିଲ୍ଲାର ଡିଷ୍ଟ୍ରିବ୍ୟୁଟର ଶିବଶକ୍ତି ଏଣ୍ଟରପ୍ରାଇଜରର୍ସର ପରିଚାଳନା ନିର୍ଦ୍ଦେଶକ ଅଭିଷେକ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ । ଦ୍ୱିତୀୟ ମ୍ୟାଚ ଏ ଏଣ୍ଡ ଏସ ରୟାଲ ଚ୍ୟାଲେ ର୍ସର ବ୍ୟାସନଗର ଓ ରାମେଶ୍ୱର ଫାଇଟର୍ସ, ରାମଚନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରୟାଲ ଚ୍ୟାଲେଞ୍ଜର୍ସର ମାତ୍ର ୧୬.୫ ଓଭରରେ ସମସ୍ତ ଉଇକେଟ ହରାଇ ୯୬ରନ୍ କରିଥିଲେ । ରାମେଶ୍ୱର ଫାଇଟର୍ସର କୋଲକାତାର ରଞ୍ଜିଟ୍ରଫି ଖେଳାଳୀ ଅରୁଣ ଚୌରାସିଆ ୪ଟି ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ଉଇକେଟ ନେଇଥିଲେ ।




ଏହାର ଜବାବରେ ରାମେଶ୍ୱର ଫାଇଟର୍ସ ୧୦.୨ ଓଭରରେ ୯୬ ରନ୍ କରି ୨ଟି ଉଇକେଟ ହରାଇଥିଲେ । ଦଳ ତରଫରୁ ରୋହିତ ଶର୍ମା ୫୧ ଓ ଧୀରୁ ୩୬ ରନ୍ କରି ଦଳକୁ ୮ ଉଇକେଟରେ ବିଜୟୀ କରିଥିଲେ । ବିଜୟୀ ଦଳର ଅରୁଣ ଚୌରାସିଆଙ୍କୁ ଚଣ୍ଡିମାତା କନଷ୍ଟ୍ରକସନ୍ ଇନଫ୍ରାଟେକ୍‌ର ପରିଚାଳନା ନିର୍ଦ୍ଦେଶକ ଅନିରୁଦ୍ଧ ମହାନ୍ତି ମ୍ୟାନ୍ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ଆଜି ଖେଳରେ ଅତିଥି ଭାବେ ବ୍ୟାସନଗର ବାର୍ ଆସୋସିଏସନର ରବିନ୍ଦ୍ର ନାୟକ ଯୋଗ ଦେଇଥିଲେ । ଖେଳକୁ ଅସିତ ପଟ୍ଟନାୟକ, ଆଶୁତୋଷ ପାଣି ପରିଚାଳନା କରିଥିଲେ । ଅସିମ ଦାସ ଓ କ୍ଷୀତିଶ ମାଝୀ ସ୍କୋରର ଭାବେ , ବୁବୁ ସିହ୍ନା ଓ ଏସ କେ ରସିଦ ଭଲ ଭାଷ୍ୟକାର ଭାବେ ଯୋଗ ଦେଇଥିଲେ ।

ଗତକାଲି ଅନୁଷ୍ଠିତ ପ୍ରଥମ ଦିନରେ ଆନୁଷ୍ଠାନିକ ଭାବେ ଯାଜପୁର ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀ ରସାନନ୍ଦ ମହାନ୍ତି ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚ୍ ବ୍ୟାସ ଟାଇଗର୍ସ, ଯୋଡ଼ାବର ଓ ଏ ଏଣ୍ଡ ଏସ୍ ରୟାଲ୍ ଚ୍ୟାଲେଞ୍ଜର୍ସ ମଧ୍ୟରେ ହୋଇଥିଲା । ଟସ୍ ରେ ବିଜୟୀ ହୋଇ ବ୍ୟାସ ଟାଇଗର୍ସ ପ୍ରଥମେ ଫିଲଡ଼ିଂ କରିବାକୁ ନିଷ୍ପତି ନେଇଥିଲେ । ଏ ଏଣ୍ଡ ଏସ୍ ରୟାଲ୍ ଚ୍ୟାଲେଞ୍ଜର୍ସ ୧୯ ଓଭରରେ ସମସ୍ତ ଇଉକେଟ ହରାଇ ୧୪୩ ରନ୍ କରିଥିଲେ । ଦଳ ତରଫରୁ ସରୁଳ କନୱର ୩୨ ଓ ଆଇ.ପି.ଏଲ୍. ଖେଳାଳୀ ଦୀପକ ପୁନିଆ ୨୭ ରନ୍ କରିଥିଲେ । ବ୍ୟାସ ଟାଇଗର୍ସର ଅମର ଚୌଧୁରୀ ୩ଟି ଓ ବିପିନ ଚନ୍ଦ୍ରା ୪ଟି ଉଇକେଟ ନେଇଥିଲେ । ଏହାର ଜବାବରେ ବ୍ୟାସ ଟାଇଗର୍ସ ୧୭.୫ ଓଭରରେ ୬ ଉଇକେଟ ହରାଇ ୧୪୪ ରନ୍ କରିଥିଲେ । ଦଳ ତରଫରୁ ଅମର ଚୌଧୁରୀ ୪୨ ରନ୍ ଓ ରବିନ୍ ସିଂହ ୩୫ ରନ୍ କରିଥିଲେ । ରୟାଲ୍ ଚ୍ୟାଲେଞ୍ଜର୍ସର ମନିପ ସେରୱତ ୨ଟି ଓ ଆଶିକ ସୁହାଗ ୨ ଉଇକେଟ ନେଇଥିଲେ । ୪ ଉଇକେଟରେ ବ୍ୟାସ ଟାଇଗର୍ସ ବିଜୟୀ ହୋଇଥିଲା । ଏହି ଖେଳରେ ଓମ୍ ଟ୍ରେଡ଼ର୍ସ ମାଲିକ ସନ୍ଦିପ ସ୍ୱାଇଁଙ୍କ ଦ୍ୱାରା ଅମର ଚୌଧୁରୀ ଯେକି ଅଲରାଉଣ୍ଡ ସଫଳତା ହାସଲ କରିଥିଲେ ତେଣୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା ।

# ଚର୍ଚ୍ଚାରେ ଗୁଜରାଟର ରହସ୍ୟମୟୀ ପ୍ରଶଂସିକା

ଦର୍ଶକ ଗ୍ୟାଲେରିରେ ବସି ଗୁଜରାଟ ଟାଇଟନ୍ସକୁ ନିୟମିତ ସମର୍ଥନ ଦେଇ ଆସୁଥିବା ଜଣେ ସୁନ୍ଦରୀ ଯୁବତୀଙ୍କୁ ନେଇ ପ୍ରଶଂସକ ମହଲରେ ଚହଳ ସୃଷ୍ଟି ହୋଇଛି ଏପରିକି ଯୁବତୀ ଜଣକ କିଏ ?



କାହାର ସମର୍ଥକ ? ସେ ଚର୍ଚ୍ଚା ଗୁରୁବାର ଦିନ ସାରା ସାମାଜିକ ଗଣମାଧ୍ୟମରେ ଲାଗି ରହିଛି । ବିଶେଷ କରି ବୁଧବାରର ଗୁଜରାଟ ଟାଇଟନ୍ସ-ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍‌ରେ ଗୁଜରାଟ ବ୍ୟାଟର୍ ଅତ୍ୟନ୍ତ ଦୟନୀୟ ବ୍ୟାଟିଂ କରିଥିଲେ ମଧ ଯୁବତୀ ଜଣକ ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେମାନଙ୍କ ମନୋବଳ ବଢ଼ାଇବାରେ ଲାଗି ରହିବା କ୍ରିକେଟ୍‌ପ୍ରେମୀଙ୍କୁ ଅଧିକ ପ୍ରଭାବିତ କରିଛି । ଅନେକ ପ୍ରଶଂସକ ତାଙ୍କୁ ହଲିଉଡ୍ ଅଭିନେତ୍ରୀ ଆନା ଡେ ଅରମାସ୍‌ଙ୍କ ସହ ତୁଳନା କରିଛନ୍ତି । ତାଙ୍କ ସୌନ୍ଦର୍ଯ୍ୟରେ ବିଭୋର ହୋଇ ପ୍ରଶଂସାରେ ପୋତି ଦେଇଛନ୍ତି ।ଅବଶ୍ୟ ପ୍ରଶଂସିକା ଜଣକଙ୍କର ଅସଲ ପରିଚୟ ଏପର୍ଯ୍ୟନ୍ତ ମିଳିନି ।ତଥାପି ଗୁଜରାଟ ଟାଇଟନ୍ସର ଜଣେ ଦୃଢ଼ ପ୍ରଶଂସକ ବୋଲି ସେ ପ୍ରମାଣିତ କରିଛନ୍ତି ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ